

ପୁଣି ଚମକିଲେ ଅଭିଷେକ
ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-92 ♦THURSDAY ♦25 SEPTEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୯୨ ♦ଗୁରୁବାର ♦୨୫ ସେପ୍ଟେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଚାଉଳ ବକେୟା ୮୦୦୦ କୋଟି

## କେନ୍ଦ୍ର ଦେବାକୁ ଅରାଜି; ରାଜ୍ୟ ସରକାର ଅସହାୟ

■ **ଭୁବନେଶ୍ୱର, ୨୪।୯ (ସମିସ):** ଦୀର୍ଘଦିନ ହେଲା କେନ୍ଦ୍ର ସରକାର ଓଡ଼ିଶାକୁ ଦେଉ ନାହାନ୍ତି ଚାଉଳ ବାବଦ ବକେୟା ୮୦୦୦ କୋଟି ଟଙ୍କା। ପୂର୍ବରୁ ତତ୍‌କାଳୀନ ବିଜେଡି ସରକାର ଏ ସମ୍ପର୍କରେ ବାରମ୍ବାର ଚିଠି ଲେଖି ବକେୟା ଦେବାକୁ କହିଥିଲେ ବି କେନ୍ଦ୍ର ସରକାର ଏହାକୁ କର୍ଣ୍ଣପାତ କଲେ ନାହିଁ। ଏବେ ଖୋଦ୍ ରାଜ୍ୟ ବିଜେପି ସରକାରଙ୍କ ମନ୍ତ୍ରୀ ବିଧାନସଭାରେ କେନ୍ଦ୍ର ସରକାର ବକେୟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ୱୀକାର କରିଛନ୍ତି। କେବଳ ସେତିକି ନୁହେଁ, ଏଫ୍‌ସିଆଇ ମଧ୍ୟ ଓଡ଼ିଶାରୁ ଚାଉଳ ଉଠାଉ ନ ଥିବା ମନ୍ତ୍ରୀ ସୂଚନା ଦେବା ସହ ଆବଶ୍ୟକ ହେଲେ ବଳକା ଚାଉଳକୁ ଟେଣ୍ଡର କରି ବିକ୍ରି କରିବେ ବୋଲି କହିଛନ୍ତି।



### ବଳକା ଚାଉଳ ଟେଣ୍ଡର କରିବେ ସରକାର

ବୁଧବାର ପ୍ରଶ୍ନକାଳରେ ବିଧାୟକ ପ୍ରତାପ ଦେବଙ୍କ ଏକ ପ୍ରଶ୍ନର ଉତ୍ତର ପ୍ରଦାନ ଅବସରରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବକେୟା ଦେବାରେ କେନ୍ଦ୍ର ସରକାରଙ୍କ ଅବହେଳା ପ୍ରକାଶ କରିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡ଼ୁଛି। ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି; ମାତ୍ର କେନ୍ଦ୍ର ସରକାର ଏହି ଅର୍ଥ ଦେବାକୁ ରାଜି ▶ପୃଷ୍ଠା-୭

## କାହା ନିୟନ୍ତ୍ରଣରେ ଏଫ୍‌ସିଆଇ ?

■ **ଭୁବନେଶ୍ୱର, ୨୪।୯ (ସମିସ):** ଏଫସିଆଇ ବଳକା ଚାଉଳ ଉଠାଇବା ପାଇଁ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଏକାଧିକ ବାର ଦାବି କରିଛି। କିଛି ସପ୍ତାହ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏ ନେଇ କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଯୋଗାଣ ମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ଓଡ଼ିଶାର ଉଦବେଗ ଜଣାଇଥିଲେ। ମାତ୍ର ଓଡ଼ିଶାର ▶ପୃଷ୍ଠା-୭





## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଲଦାଖରେ ହିଂସା

# ମାତିଲେ ‘ଜେନ୍ ଜେଡ୍’

■ **ଲେହ, ୨୪।୯ (ଏଜେନ୍ସି):** ହଠାତ୍ ଅଶାନ୍ତ ହୋଇପଡ଼ିଛି କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ। ଲଦାଖକୁ ରାଜ୍ୟ ମାନ୍ୟତା ସହିତ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଭଳି ସ୍ୱତନ୍ତ୍ର ସୁବିଧା ଦାବିରେ ଆଜି ହିଂସାତ୍ମକ ବିକ୍ଷୋଭ ହୋଇଛି। ହଜାର ହଜାର ସଂଖ୍ୟାରେ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇବା ଫଳରେ ପୁଲିସ ବାହିନୀ ସହିତ ମୁହାଁମୁହିଁ ହୋଇଛନ୍ତି। ଲେହରେ ସେମାନେ ବ୍ୟାପକ ହିଂସାକାଣ୍ଡରେ ଲିପ୍ତ ରହିବାରୁ ନିୟନ୍ତ୍ରଣ କରିବାକୁ ଯାଇ ପୁଲିସକୁ ପ୍ରଥମେ ଲାଠି ଚାଳନା କରିବାକୁ ପଡ଼ିଥିଲା। କିନ୍ତୁ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ପୁଲିସ ଗୁଳିମାଡ଼ରେ ୪ ଜଣ ଆନ୍ଦୋଳନକାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଘଟଣା ପରେ କେନ୍ଦ୍ରୀୟ ପ୍ରଶାସନ ଲେହରେ କର୍ଫ୍ୟୁ ଲାଗୁ କରିବା ସହିତ ସବୁପ୍ରକାର ବିକ୍ଷୋଭ, ସଭା ଶୋଭାଯାତ୍ରାକୁ ନିଷିଦ୍ଧ କରିଛନ୍ତି।

**ପୁଲିସ ଗୁଳିରେ ୪ ବିକ୍ଷୋଭକାରୀ ମୃତ**

**ସିଆରପି ଗାଡ଼ି, ବିଜେପି ଅଫିସରେ ନିଆଁ ଲଗାଇଲେ**

**କର୍ଫ୍ୟୁ ଜାରି, ପୁଲିସ ଫୋର୍ସ ମୁତୟନ**

ମିଳିଥିବା ସୂଚନା ଅନୁଯାୟୀ ଲଦାଖକୁ ରାଜ୍ୟ ମାନ୍ୟତା ଦାବିରେ ଦୀର୍ଘ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ତେବେ ଗତ ୧୫ ଦିନ ଧରି ଲେହ ଆପେକ୍ସ ବଡି ବା ଏଲ୍ଏବି ନାମରେ ଏକ ସଂଗଠନ ଅନଶନ ଚଳାଇଛି। ଏହାର ନେତୃତ୍ୱ ନେଉଛନ୍ତି ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍। ୧୫ ଜଣ ଆମରଣ ଅନଶନରେ ବସିଥିବା ବେଳେ ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। ୱାଙ୍ଗଚୁକଙ୍କୁ ମଧ୍ୟ ▶ପୃଷ୍ଠା-୭

## ଟ୍ରେନ୍ ଧକ୍କାରେ ୨ ଭାଇ ମୃତ

■ **ରାଉରକେଲା, ୨୪।୯ (ସମିସ):** ଟ୍ରେନ୍ ଧକ୍କାରେ ଚାଲିଯାଇଛି ଦୁଇ ଭାଇର ଜୀବନ। ଜିଆରପି ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ରେଳ ଫାଟକ ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରୁ ସାଢେ ୯ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ମୃତକ ସ୍ଥାନୀୟ ହରିପୁର ବସ୍ତିର ବଡ଼ ଭାଇ ରଞ୍ଜନ ପାତ୍ର (୧୮) ଓ ସାନ ଭାଇ ଜଗନ୍ ପାତ୍ର (୧୫) ବୋଲି ଜଣାପଡିଛି। ରେଳବାଇ ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଦୁଇ ଭାଇ ଉଦିତନଗର ଠାରେ ଥିବା ଦୋକାନକୁ ମୋବାଇଲ ମରାମତି କରିବାକୁ ଯାଇଥିଲେ। କାମ ସାରି ଦୁହେଁ ରେଳଧାରଣା ପାର ହେଉଥିବା ବେଳେ ବରସୁଆଁରୁ ବୀରମିତ୍ରପୁର ଅଭିମୁଖେ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଦୁଇ ଭାଇଙ୍କ ମୃତ୍ୟୁ ହୋଇଥିଲା।

### ଶୂନ୍ୟକାଳରେ କ୍ଷୋଭ ପ୍ରକାଶ କଲା କଂଗ୍ରେସ

## ୨୦୦ ଗୁଣ୍ଡା ଲଗାଇ ଗୃହରେ ଜୁଲମ

■ **ଭୁବନେଶ୍ୱର, ୨୪।୯ (ସମିସ):** ମହିଳା ସୁରକ୍ଷା ପ୍ରସଙ୍ଗରେ ବୁଧବାର ଶୂନ୍ୟକାଳରେ ଉଦବେଗ ପ୍ରକାଶ କରିଛି କଂଗ୍ରେସ। ମହିଳା ସୁରକ୍ଷା ପ୍ରସଙ୍ଗରେ ଗତ ଅଧିବେଶନରେ ଆମେ ୧୪ ବିଧାୟକ ସ୍ୱର ଉତ୍ତୋଳନ କରିଥିଲୁ। ମହିଳାଙ୍କ ସୁରକ୍ଷା ପାଇଁ ଆମେ ଗୃହ କମିଟି ଗଠନ ଦାବି କରୁଥିବା ବେଳେ ଅଧରାତିରେ ବାହାରୁ ଗୁଣ୍ଡା ଆଣି ଆମକୁ ମାଡ଼ ମରାଗଲା। ଆମ ସୁନାଚେନ, ମୁଦି, ଡ୍ରେସ ଛଡ଼ାଇନେବା ସହ ଆମକୁ ରାସ୍ତା ଉପରେ ନେଇ ଛାଡ଼ି ଦିଆଗଲା। ଆମେ ଏହି ଘଟଣା ତଦନ୍ତ ସହ ଆମ ଜିନିଷ ଫେରାଇବା ପାଇଁ ବାରମ୍ବାର ଦାବି କରି ଆସୁଛୁ। ମାତ୍ର ଆମ ଦାବିକୁ ଗ୍ରହଣ କରାଗଲା ନାହିଁ। ସେଦିନ ଏ ଗୃହକୁ ବାହାର ଲୋକ ଆସିବା ପାଇଁ ବାଚସ୍ପତି ଅନୁମତି ଦେଇଥିଲେ କି ବୋଲି ଶୂନ୍ୟକାଳରେ ପ୍ରଶ୍ନ ▶ପୃଷ୍ଠା-୭

**ବାହାର ଲୋକଙ୍କୁ ଗୃହ ଭିତରେ ପ୍ରବେଶ ଅନୁମତି ଦେଇଥିଲେ କି ବାଚସ୍ପତି ?**

**ଉତ୍ତର ନରଖିଲେ ଇତିହାସ ଆପଣଙ୍କୁ ନିନ୍ଦା କରିବ**

## ଯୋଡ଼ି ଲଘୁଚାପ; ପ୍ରବଳ ବର୍ଷା

# ସମ୍ବଲପୁର ଉବୁଟୁବୁ




■ **ସମ୍ବଲପୁର, ୨୪।୯ (ସମିସ):** ଗତ କେଇଦିନ ଧରି ଝିପିଝିପି ବର୍ଷା ଲାଗି ରହିବା ପରେ ମଙ୍ଗଳବାର ସନ୍ଧ୍ୟାରୁ ବର୍ଷା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାୟ ୬ ଘଣ୍ଟା ବର୍ଷାରେ ସମ୍ବଲପୁର ସହର ଜଳାର୍ଣ୍ଣବ ହୋଇପଡିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଏହି ସମୟ ମଧ୍ୟରେ ପ୍ରାୟ ୧୮୦ ମିମି ବର୍ଷା ହୋଇଛି। ସମ୍ବଲପୁର ସହରର ରାସ୍ତାଘାଟରେ ପାଣି ଚାଲୁଥିବାବେଳେ ସହରର ତଳି ଅଞ୍ଚଳ ସମ୍ପୂର୍ଣ୍ଣ ରୂପେ ବୁଡ଼ି ଯାଇଥିଲା। ଘରେ ଘରେ ପାଣି ପଶିଯିବା ଫଳରେ ଲୋକେ ରାତିତମାମ ହଇରାଣ ହରକତ ହୋଇଛନ୍ତି। କେତେକ ସ୍ଥାନରେ ଲୋକେ ଦୀର୍ଘ ସମୟ ଧରି ପାଣି ଘେରରେ ଫଶି ଯାଇଥିଲେ। ସମ୍ବଲପୁର ବହୁ ଅଞ୍ଚଳରେ ସଂକୁଚିତ ନାଳ ଯୋଗେ ପାଣି ଯାଇନପାରି ରାସ୍ତା ଉପରେ ପ୍ରାୟ ଦେଢ଼ରୁ ଦୁଇ ଫୁଟ ଉଚ୍ଚର ପାଣି ଚାଲୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଉପରମୁଣ୍ଡ ଏବଂ ▶ପୃଷ୍ଠା-୭

**ହୀରାକୁଦ ଖୋଲିଲା ୧୬ ଗେଟ୍, ଜଳସ୍ତର ୬୨୯.୫୮ ଫୁଟ୍**







# ୯ ମାସରେ ଗଲାଣି ୮୨ ଦାଦନ ଜୀବନ

## ପ୍ରତିଶ୍ରୁତି ପାଣିର ଗାର, ନିଧଡ଼କ ଚାଲିଛି ଶ୍ରମିକ ଚାଲାଣ

ଭୁବନେଶ୍ୱର,୨୪।୯(ସମିସ): ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ଦାଦନ ଏକ ବଡ଼ ସମସ୍ୟା ବୋଲି ଚିତ୍କାର କରୁଥିଲା। କ୍ଷମତାକୁ ଆସିଲେ ଦାଦନ ସମସ୍ୟାର ସମାଧାନ କରିଦେବୁ ବୋଲି ଦଳୀୟ ନେତାମାନେ ବାହାସ୍ଫୋଟ ବି ମାରୁଥିଲେ। ମାତ୍ର ସରକାର ଗଠନକୁ ଏହାରି ଭିତରେ ଦେଢ଼ ବର୍ଷ ବିତିଲାଣି, ଏଯାବତ୍ ଦାଦନ ନିରାକରଣ ଦିଗରେ ସରକାରଙ୍କ ପଦକ୍ଷେପ ଏକ ଟାସ୍କ ଫୋର୍ସ ଗଠନ ମଧ୍ୟରେ ସୀମିତ ରହିଛି। ଶାସକ ଦଳର ବିଧାୟକ ଅନ୍ୟପକ୍ଷରେ ଓଡ଼ିଶାରୁ ଦାଦନ ଶ୍ରମିକ ହୋଇ ଯାଉଥିବା ଲୋକମାନେ ବାହାର ରାଜ୍ୟରୁ ଶବ ହୋଇ ଫେରୁଛନ୍ତି। ଶତାଧିକ ଲୋକଙ୍କର ଅକାରଣରେ ପ୍ରାଣ ଚାଲିଯାଉଛି। ହେଲେ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟରେ ଲକ୍ଷାଧିକ ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି ଓ ହେବ ବୋଲି ସରକାର ଜୋର୍‌ଦାର୍ ପ୍ରଚାର କରୁଥିଲେ ବି ଦାଦନ ରୋକିବା ନେଇ ସୁଦୂରପ୍ରସାରୀ ଯୋଜନା ସରକାର କରିପାରୁନାହାନ୍ତି।

ଗତ କିଛି ମାସ ଭିତରେ ଶ୍ରମିକ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଦାଦନ ଶ୍ରମିକ ଓ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର ଆଦି ଜିଲ୍ଲାରେ ସର୍ବାଧିକ ଶ୍ରମିକ ପ୍ରାଣ ହରାଇଛନ୍ତି। ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ ୮୨ ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇଥିବା ବେଳେ ନବରଙ୍ଗପୁରର ସର୍ବାଧିକ ୧୦ଜଣ ପ୍ରବାସୀ ଶ୍ରମିକ ଅଛନ୍ତି। ଅନ୍ୟପକ୍ଷରେ ପ୍ରବାସୀ ଦାଦନମାନଙ୍କୁ ଅକଥନୀୟ ଅତ୍ୟାଚାର, ଶୋଷଣ

### ଆଖିଦୃଶିଆ ହେଉନି ଦାଦନ ଟାସ୍କଫୋର୍ସ କାର୍ଯ୍ୟ

କରାଯାଉଥିବା ସେମାନେ ଅଭିଯୋଗ ହୋଇଛି। ବର୍ତ୍ତମାନ ଆମ ଦେଶରେ ୪୧ କୋଟି ୪ଲକ୍ଷ ୨ ହଜାର ୯୧୭ ପ୍ରବାସୀ ଶ୍ରମିକ ଥିବାବେଳେ ଆମ ରାଜ୍ୟର ସଂଖ୍ୟା ୧୪ତମ ସ୍ଥାନରେ ରହିଥିବା ଜଣାପଡ଼ିଛି। ସାଧାରଣତଃ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିବା ସବୁପ୍ରକାର ଶ୍ରମିକ, ଦାଦନ ଶ୍ରମିକ ବୋଲି ସାଧାରଣ ଲୋକଙ୍କ ଧାରଣା; କିନ୍ତୁ କିଛି ଅଗ୍ରୀମ ଟଙ୍କା ନେଇ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିବା ଶ୍ରମିକମାନଙ୍କୁ ଦାଦନ ଶ୍ରମିକ କୁହାଯାଏ। ଠିକାଦାରମାନେ ଏହି ଅଗ୍ରୀମ ଅର୍ଥ ଶ୍ରମିକମାନଙ୍କୁ ଦିଅନ୍ତି। ସେମାନେ ସେଥିପାଇଁ ବାହାର ରାଜ୍ୟର ବଡ଼ ଠିକାଦାର କିମ୍ବା ନିଯୁକ୍ତିଦାତାଙ୍କ ପାଖରୁ ଆଗୁଆ ଟଙ୍କା ଆଣିଥା'ନ୍ତି। ପ୍ରଚଳିତ ଆଇନ ବ୍ୟବସ୍ଥା ଅନୁସାରେ କେବଳ ଅଗ୍ରୀମ ନେଇ ଠିକାଦାରଙ୍କ ଜରିଆରେ



୫ କିମ୍ବା ତା'ଠାରୁ ଅଧିକ ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଚାଲାଣ ହେବା ବ୍ୟବସ୍ଥାକୁ ଦାଦନ ଶ୍ରମିକ ବା ପ୍ରବାସିକ ଶ୍ରମିକ ଆଇନର ପରିସରଭୁକ୍ତ।

ଦାଦନଜନିତ ବିସ୍ଥାପନ ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର ଯେଉଁ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି ସେଥିରେ, ଉପ-ମୁଖ୍ୟମନ୍ତ୍ରୀ, କୃଷି ଏବଂ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ମହିଳା ଓ ଶିଶୁବିକାଶ, ମିଶନଶକ୍ତି, ପର୍ଯ୍ୟଟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ବିଭାଗୀୟ ସଚିବମାନେ ସଦସ୍ୟ ଭାବରେ ଅଛନ୍ତି। ଏହି ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଓଡ଼ିଶାର ଶ୍ରମିକମାନଙ୍କ ସମସ୍ୟାର ସମାଧାନ ତଥା ଦାଦନଜନିତ ବିସ୍ଥାପନ ରୋକିବା ନିମନ୍ତେ ସବିଶେଷ ଭାବରେ ଆଲୋଚନା କରିବା ସହ ସେସବୁ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସରକାର ଜୋର୍‌ଦାର ପ୍ରଚାର କଲେ। ମାତ୍ର ଗତ ଦେଢ଼ ବର୍ଷ ଭିତରେ ଏହାର କୌଣସି ସୁଫଳ ଶ୍ରମିକମାନଙ୍କୁ ମିଳିନି। ନିକଟ ଅତୀତରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇଁ ପାଳନ କରିବାକୁ ବାହାର ରାଜ୍ୟରୁ ହଜାର ହଜାର ଶ୍ରମିକ ଭିଟାମାଟି ମୁହାଁ ହୋଇଥିଲେ ପରବର୍ତ୍ତୀ ସମୟରେ ସେମାନେ ପୁଣିଥରେ ଦଲାଲ୍‌ମାନଙ୍କ ସାହାଯ୍ୟରେ ରାଜ୍ୟ ବାହାରକୁ କାମ କରିବାକୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ମାତ୍ର ସରକାର ଏହାକୁ ରୋକିବା ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇପାରୁନାହାନ୍ତି।

# ଡାହା ମିଛ କହୁଛନ୍ତି ଶ୍ରୀମୟୀ: ବିଜେଡି

ଭୁବନେଶ୍ୱର,୨୪।୯(ସମିସ): ବିଜେଡିରୁ ନିଲମ୍ବିତ ହେବା ପରେ ଶ୍ରୀମୟୀ ମିଶ୍ର ଗଣମାଧ୍ୟମରେ ଦେଇଥିବା ପ୍ରତିକ୍ରିୟାକୁ ମିଛ ପ୍ରମାଣିତ କରିଛି ବିଜେଡି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଁ ଗତ ଏକ ବର୍ଷ ହେଲା ବିଜେଡିରେ ନଥିଲି ବୋଲି କହିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ବିଜେଡି ଶ୍ରୀମୟୀ ଜଣେ ଡାହା ମିଛେଇ ବୋଲି କହିଛି।ଏହା ସହିତ ଗତ ଏକ ବର୍ଷ ଭିତରେ ଦଳର ସଦସ୍ୟ ସଂଗ୍ରହ ଅଭିଯାନ ସମେତ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଶ୍ରୀମୟୀ ସାମିଲ ହୋଇଥିବାର ଫଟୋ ଓ ଭିଡିଓକୁ ପ୍ରମାଣ ସ୍ୱରୂପ ଆଜି ଗଣମାଧ୍ୟମ ସମ୍ମୁଖରେ ପ୍ରଦର୍ଶିତ କରିଛି ବିଜେଡି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଶ୍ରୀମୟୀଙ୍କ ମନ୍ତବ୍ୟକୁ ମିଥ୍ୟା ବୋଲି ପ୍ରମାଣିତ କରିବା ସହିତ ସେ ଜଣେ ଅଭ୍ୟାସଗତ ମିଛୁଆ ବୋଲି କହିଥିଲେ। ଶ୍ରୀମତୀ ଛୁରିଆ କହିଥିଲେ ଯେ ବିଜେଡି ହେଉଛି ଭାରତର ସଫଳତମ ରାଜନୈତିକ ଦଳ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ଏହି ଦଳ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇଁ ୨୪ ବର୍ଷ ରାଜ୍ୟର ଶାସନଭାର ସମ୍ଭାଳିବାର ସୌଭାଗ୍ୟ ଅର୍ଜନ କରିଥିଲା । ଶୃଙ୍ଖଳା ଭଙ୍ଗ କରିଥିବାରୁ ଗତକାଲି ଶ୍ରୀମୟୀ ମିଶ୍ରଙ୍କ ସମେତ ତିନି ଜଣଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ନିଲମ୍ବନ ଆଦେଶ ଗଣମାଧ୍ୟମରେ ପ୍ରସାରିତ ହେବା ପରେ



ଶ୍ରୀମୟୀ ଗତ ଏକ ବର୍ଷ ହେଲା ବିଜେଡିରେ ନାହାନ୍ତି ବୋଲି ମନ୍ତବ୍ୟ ଦେଇଥିଲେ। ମାତ୍ର ଗତ ଏକ ବର୍ଷ ଭିତରେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଛନ୍ତି, ଦଳର ନେତୃତ୍ୱ ଓ କାର୍ଯ୍ୟକ୍ରମକୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ଏହି ସମୟରେ ଦଳ ତାଙ୍କୁ ଭିନ୍ନ ଭିନ୍ନ ପଦବୀରେ ଦାୟିତ୍ୱ ଦେଇଛି। କୌଣସି ସମୟରେ ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ରଖିନାହାନ୍ତି । ମାତ୍ର ଗତକାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ଦଳ ତାଙ୍କୁ ନିଲମ୍ବନ କରିବା ପରେ, ସେ ଦଳରେ ନାହାନ୍ତି ବୋଲି ମନ୍ତବ୍ୟ ଦେବା ଡାହା ମିଛ ବୋଲି ପ୍ରମାଣିତ ହେଉଛି ।

ଡ. ଲେନିନ ମହାନ୍ତି କହିଥିଲେ ଯେ ଗତ ନିର୍ବାଚନ ପରଠାରୁ ବିଜେଡିର ପୁନର୍ଗଠନ ହୋଇଥିବା ବିଭିନ୍ନ ପଦବୀରେ ଶ୍ରୀମୟୀଙ୍କ ନାମ ଘୋଷଣା କରାଯାଇଥିଲା।

### ଫଟୋ ଓ ଭିଡିଓ ଜାରି କରି ଦଳ ଦେଲା ପାଲଟା ଜବାବ

ଯେତେବେଳେ ପଦବୀ ପାଉଥିଲେ ଶ୍ରୀମୟୀ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ମାତ୍ର ଗତକାଲି ଯେତେବେଳେ ଦଳ ତାଙ୍କୁ ଶୃଙ୍ଖଳାଗତ କାରଣରୁ ନିଲମ୍ବନ କଲା, ସେ ଗଣମାଧ୍ୟମକୁ ମନ୍ତବ୍ୟ ଦେଇ ସେ ଦଳରେ ନାହାନ୍ତି ବୋଲି କହୁଛନ୍ତି । ତାଙ୍କ ମନ୍ତବ୍ୟ ସ୍ପଷ୍ଟ ଦିବାଲୋକରେ ମିଥ୍ୟା ବୋଲି ପ୍ରମାଣିତ ହୋଇଛି। ଦଳ ତାଙ୍କୁ ବିଭିନ୍ନ ପଦ ପଦବୀ ଦେଇ ଯଥେଷ୍ଟ ସମ୍ମାନ ଦେଇଥିଲା, କିନ୍ତୁ ସେହି ସମ୍ମାନର ମାନ ସେ ରଖିନାହାନ୍ତି ବୋଲି ଲେନିନ୍ କହିଛନ୍ତି ।

# ଫେବୃଆରୀ ୧୭ରୁ ସିବିଏସ୍‌ଇ ପରୀକ୍ଷା

ଭୁବନେଶ୍ୱର, ୨୪।୯(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଫେବୃଆରୀ ୧୭ ତାରିଖରୁ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆରମ୍ଭ ହେବ। ଚଳିତ ବର୍ଷ ପରୀକ୍ଷା ଆରମ୍ଭ ହେବାର ପ୍ରାୟ ପାଞ୍ଚ ମାସ ଅର୍ଥାତ୍ ୧୪୬ ଦିନ ପୂର୍ବରୁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ପରୀକ୍ଷା ସୂଚୀ ଅନୁଯାୟୀ, ଦଶମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ ୪ ତାରିଖରେ ସରିବ। ଚଳିତବର୍ଷ ଉଭୟ ଶ୍ରେଣୀରେ ପାଖାପାଖି ୪୫ ଲକ୍ଷ ଛାତ୍ରଛାତ୍ରୀ ୨୦୪ ଟି ବିଷୟରେ ପରୀକ୍ଷା ଦେବେ। ସିବିଏସ୍‌ଇ ବିଦ୍ୟାଳୟ ଥିବା ୨୬ ଟି ଦେଶରେ ମଧ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଦିନକୁ ଗୋଟାଏ ଲେଖାଏଁ ସିଫ୍ଟରେ ସକାଳ ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ। ଏହା ଚୁଡ଼ାନ୍ତ ସୂଚୀ ହୋଇ ନ ଥିଲେ ମଧ୍ୟ ସାମ୍ଭାବ୍ୟ ତାରିଖ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି। ଆବଶ୍ୟକ ହେଲେ ଏଥିରେ ସଂଶୋଧନ ହୋଇପାରେ।

■ ଜମାକାରୀଙ୍କଠାରୁ ୧୪ କୋଟି ଠକେଇ ମାମଲା

# ଚିଟଫଣ୍ଡ କମ୍ପାନୀ ଏମ୍‌ଡିଙ୍କୁ ୧୦ ବର୍ଷ ଜେଲ୍

କଟକ, ୨୪।୯(ସମିସ): ୧୪ କୋଟି ଟଙ୍କାର ଠକେଇ ଘଟଣାରେ ଚିଟଫଣ୍ଡ କମ୍ପାନୀ ଭିବଗିଅର ଆଲାଏଡ ଇନଫ୍ରାଷ୍ଟ୍ରକଚର ଲିମଟେଡର ପରିଚାଳନା ନିର୍ଦ୍ଦେଶକ ପବିତ୍ର କୁମାର ସାହୁଙ୍କୁ ବୁଧବାର କଟକସ୍ଥିତ ଓପିଆଇଡି ଆଇନ ଅନ୍ତର୍ଗତ ସ୍ୱତନ୍ତ୍ର ଅଦାଲତ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୭୦ ହଜାର ଟଙ୍କା ଜରିମାନା ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଅଦାଲତ। ତାଙ୍କୁ ଆଇପିସିର ଧାରା ୪୨୦, ୧୨୦(ବି), ମନି ସର୍କୁଲାର ସ୍କିମ୍ (ନିଷେଧ) ଅଧିନିୟମ ୧୯୭୮ ଏବଂ ଓପିଆଇଡି ଆକ୍ଟର ଧାରା ୬ରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଉକ୍ତ ଚିଟଫଣ୍ଡ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ କୋଲକାତାରେ ଥିବା ବେଳେ କମ୍ପାନୀ ସୂର୍ଯ୍ୟନଗରରେ ଗତ ୨୦୦୯ ରେ ଏକ ଶାଖା ଖୋଲିଥିଲା। ଏଠାରେ ଓଡିଶା ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ପବିତ୍ର କୁମାର ସାହୁ ଯୋଗ ଦେଇଥିଲେ। ଏଥିରେ ଟଙ୍କା ନିବେଶ ଉପରେ ଉଚ୍ଚ ଅର୍ଥ ଫେରସ୍ତର ପ୍ରତିଶ୍ରୁତି ଦେଇ କମ୍ପାନୀ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିଥିଲା। ୨୦୧୩ରେ କମ୍ପାନୀ ଏଠାରେ ଅଫିସ ବନ୍ଦ କରିଦେବା ପରେ ନିବେଶକାରୀଙ୍କୁ ମାଚୁରୁଟି ଅର୍ଥ ଫେରସ୍ତ କରିନଥିଲେ। ବିଭିନ୍ନ ଯୋଜନା ମାଧ୍ୟମରେ ନିବେଶକଙ୍କଠାରୁ ପ୍ରାୟ ୧୪କୋଟି ଟଙ୍କା ସଂଗ୍ରହ କରିଥିବା ଅଭିଯୋଗ ହୋଇଥିଲା। ନିବେଶକାରୀଙ୍କ ଏତଲାକ୍ରମେ ୨୦୧୫ ମସିହାରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରୁ ଶ୍ରୀ ସାହୁଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଗିରଫ କରିଥିଲା।

# ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

କେନ୍ଦୁଝର, ୨୪।୯(ସମିସ): କେନ୍ଦୁଝର ସଦର ଥାନାଞ୍ଚଳରେ ୨୦୨୨ରେ ଘରୋଇ ଶତ୍ରୁତାରୁ ପୁତୁରାକୁ ଦାଦା ହତ୍ୟା କରିବା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ହେଉଛି ସଦର ଥାନା ତାଳପଦା ଗାଁର ଶତ୍ରୁଘ୍ନ ନାଏକ। ଏହି ମାମଲାରେ କେନ୍ଦୁଝର ଜିଲ୍ଲା ଦୌରାଜଜ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। ଶତ୍ରୁଘନ ନିଜ ସମ୍ପର୍କୀୟ ପୁତୁରା କମଳାକାନ୍ତ ନାଏକଙ୍କୁ ହତ୍ୟା କରିଥିଲା। ପରିବାର ମଧ୍ୟରେ ଅନେକ ଦିନରୁ ତିକ୍ତତା ରହିଥିଲା ବେଳେ ୨୩/୫/୨୦୨୨ ରାତ୍ରୀ ପ୍ରାୟ ୯ଟାରେ ଉଭୟ ଦାଦା-ପୁତୁରାଙ୍କ କଳିଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଶତ୍ରୁଘ୍ନ ନାଏକ (୬୫) ପୁତୁରା କମଳାକାନ୍ତ (୩୭)କୁ ଏକ କେନ୍ଦୁ ବାଡ଼ିରେ ପିଟି ପିଟି ହତ୍ୟା କରିଥିଲା। ସଦର ଥାନାରେ ଏନେଇ ଅଭିଯୋଗ ଆଧାରରେ ପୁଲିସ ୨୦୧୪/୨୦୨୨ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଦାଦାକୁ କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ ଗୋପାଳଚନ୍ଦ୍ର ବେହେରା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ, ୧୦ ହଜାର ଜରିମାନା, ଅନାଦେୟ ଅଧିକ ଏକବର୍ଷ ଜେଲ୍ ଆଦେଶ ଦେଇଛନ୍ତି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଦୁଷ୍ମନ୍ତ ଜେନା ରହିଥିବାବେଳେ ସରକାରଙ୍କ ପକ୍ଷରୁ ସରକାରୀ ଅଭିଯୋଜକ ଉପ ନିର୍ଦ୍ଦେଶକ ପ୍ରବୋଧଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପିପି ପ୍ରଦୀପ ଦାଶ ମାମଲା ପରିଚାଳନା କରୁଥିଲେ।

■ ଅପ୍ରାକୃତିକ ଯୌନକ୍ରିୟା ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦୁଝର, ୨୪।୯(ସମିସ): କେନ୍ଦୁଝର ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ମୋନାଲିସା ମହାନ୍ତି ବୁଧବାର ୨୦୨୩ରେ ବାମେବାରୀ ଥାନା ଅଞ୍ଚଳରେ ସଂଘଟିତ ନାବାଳକ ସହ ଏକ ଚାଞ୍ଚଲ୍ୟକର ଅପ୍ରାକୃତିକ ଯୌନକ୍ରିୟା ମାମଲାର ବିଚାର କରି ରାୟ ଶୁଣାଇଛନ୍ତି। ୧୪ ଜଣ ସାକ୍ଷୀ ବୟାନକୁ ଆଧାର କରି ଅଭିଯୁକ୍ତ ରଣଜିତ ସେଠୀକୁ ୨୦ ବର୍ଷ ଜେଲ୍, ୨ ହଜାର ଜରିମାନା, ଅନାଦେୟ ଅଧିକ ଏକ ବର୍ଷ ଜେଲ ଆଦେଶ ଦେଇଛନ୍ତି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ଏଥିସହିତ ପୀଡ଼ିତ ନାବାଳକକୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି କୋର୍ଟ। ମାମଲାଟିକୁ ସରକାରଙ୍କ ପକ୍ଷରୁ ପିପି ଗଣେଶ ପ୍ରସାଦ ମହାପାତ୍ର ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ଜଣେ ନାବାଳକ ସହ ଅଭିଯୁକ୍ତ ରଣଜିତ ଜୋରଜବରଦସ୍ତି ଅପ୍ରାକୃତିକ ଯୌନକ୍ରିୟା କରିଥିଲା। ୫/୧/୨୦୨୩ ସନ୍ଧ୍ୟାରେ ବାମେବାରୀ ଥାନାଞ୍ଚଳର ଘର ନିକଟସ୍ଥ ବନ୍ଧ ଆଡ଼କୁ ଯାଇଥିଲା ବେଳେ ନାମ୍ରିରା ଗ୍ରାମର ରଣଜିତ ସେଠୀ ନାବାଳକକୁ ଭୁଲାଇ ଏହି ଅପରାଧ କରିଥିଲା। ଏବାବଦରେ ନାବାଳକର ସାଙ୍ଗ ଆସି ତାଙ୍କ ଘରେ କହିଥିଲେ। ସେତେବେଳେ ପୀଡିତ ନାବାଳକଙ୍କ ବାପା ଘରେ ନଥିଲେ। ପରେ ନାବାଳକର କହିବାନୁଯାୟୀ ବାମେବାରୀ ଥାନାରେ ପରିବାର ପକ୍ଷରୁ ଏତଲା ହୋଇଥିଲା। ବାମେବାରୀ ପୁଲିସ ଥାନା କେସ୍ ନମ୍ବର ୭/୨୦୨୩, ଦଫା ୩୭୭, ୬ ପୋକ୍ସୋ ଆକ୍ଟରେ ରଣଜିତ ସେଠୀକୁ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିଲା।

# ୭୧ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି,୨୪।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ପୁଲିସକୁ ମିଳିଛି ବଡ଼ ସଫଳତା। ମାଓ ସଂଗଠନ ଛାଡି ଏକା ଥରକେ ୭୧ ଜଣ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୩୦ ଜଣଙ୍କ ନାମରେ ୬୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସମସ୍ତ ମାଓବାଦୀ ଦୀର୍ଘ ବର୍ଷ ଧରି ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ଜଡ଼ିତ ଥିଲେ। ୭୧ ମାଓବାଦୀଙ୍କ ମଧ୍ୟରେ ୨୧ ଜଣ ମହିଳା ମାଓବାଦୀ ଅଛନ୍ତି। ଏମାନେ ଦନ୍ତେୱାଡ଼ା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ୫୦ ହଜାର ଲେଖାଏଁ ଆର୍ଥିକ ସହାୟତା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପୂଜା ପାଇଁ ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା

ଭୁବନେଶ୍ୱର,୨୪।୯(ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ଦରମା ମିଳିବ। ଚଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି ୨.୦ ସଂସ୍କାର ପରେ ସାରା ଦେଶରେ ବଚତ୍ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି।

ସିଏଜି ରିପୋର୍ଟ

# ସିସିଟିଏନ୍ ପାଇଁ ରାଜ୍ୟ ସରକାର ଦେଇଛନ୍ତି ୧୦୯ କୋଟି

ଭୁବନେଶ୍ୱର,୨୪।୯(ସମିସ): ମାର୍ଚ୍ଚ ୨୦୨୩ରେ ସମାପ୍ତ ଆର୍ଥିକ ବର୍ଷ ପାଇଁ ପ୍ରକାଶ ପାଇଛି ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ ରିପୋର୍ଟ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବ୍ୟୟ ଉପରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ରାଜ୍ୟରେ ଆରମ୍ଭ କରାଯାଇଥିବା କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍) ଯୋଗୁ ପୁଲିସ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ନାଗରିକ କୈନ୍ଦ୍ରିକ ସେବାରେ ଉନ୍ନତି ଆସିଛି। ସିସିଟିଏନ୍ ପାଇଁ ପ୍ରକଳ୍ପ ରାଜ୍ୟ ସରକାର ୧୦୯ କୋଟି ଟଙ୍କା ପ୍ରଦାନ କରିଥିବା ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାଲେଖାକାର ସୁବୁ ଆର୍ ଏବଂ ଅତୁଲ ପ୍ରକାଶ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

କ୍ରାଇମ ଏବଂ କ୍ରିମିନାଲ ଟ୍ରାକିଙ୍ଗ ନେଟୱାର୍କ ସିଷ୍ଟମ୍ (ସିସିଟିଏନ୍‌ଏସ୍) ହେଉଛି ଭାରତ ସରକାରଙ୍କ ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା (ଏନଇଜିପି) ଅଧିନରେ ଏକ ମିଶନ୍ ମୋଡ୍ ପ୍ରକଳ୍ପ। ରାଜ୍ୟରେ ସିସିଟିଏନ୍‌ଏସ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଭାରତ ସରକାର ଏବଂ ଓଡିଶା ସରକାର ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସାକ୍ଷରିତ ହୋଇଥିଲା। ଏହି ପ୍ରକଳ୍ପ ୨୦୧୩ରେ ଆରମ୍ଭ କରାଯାଇଥିଲା । ମାର୍ଚ୍ଚ ୨୦୨୩ ସୁଦ୍ଧା ନବୀନ୍ ସରକାରଙ୍କ ଅମଳରେ ରାଜ୍ୟରେ ଏହି ପ୍ରକଳ୍ପ ଅଧିନରେ ଏହାର ପ୍ରାରମ୍ଭରୁ ମୋଟ ୧୭୬.୧୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିମଧ୍ୟରୁ କେନ୍ଦ୍ର ସରକାର ୬୬.୭୫ କୋଟି ଟଙ୍କା ପଦାନ କରିଥିବାବେଳେ ରାଜ୍ୟ ସରକାର ୧୦୯.୪୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି), ରାଜ୍ୟ



ସରକାର, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ((ଡିଆଇଟି), ଭାରତ ସରକାର ଏବଂ ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି) ସମେତ ସମସ୍ତ ହିତାଧିକାରୀଙ୍କ ସହ ପରାମର୍ଶ କରି ଗୃହ ମନ୍ତ୍ରଣାଳୟ (ଏମ୍‌ଏଚ୍) ଦ୍ୱାରା ଏହା ସଂକଳିତ ହୋଇଥିଲା। ସିସିଟିଏନ୍ ଲାଗୁ ହେବା ପୂର୍ବରୁ କ୍ରାଇମ ଏବଂ କ୍ରିମିନାଲ ଇନ୍‌ଫର୍‌ମେସନ ସିଷ୍ଟମ (ସିସିଆଇଏସ) ଏବଂ କମନ ଇଣ୍ଟିଗ୍ରେଟେଡ ପୋଲିସ ଆପ୍ଲିକେସନ୍ (ସିଆଇପିଏ) ଯଥାକ୍ରମେ ୧୯୯୦ ଏବଂ ୨୦୦୪ରେ ଆରମ୍ଭ କରାଯାଇଥିଲା ।

କେବଳ ଅପରାଧ ଏବଂ ଅପରାଧ ସମ୍ବନ୍ଧୀୟ ଡାଟାବେସ ସୃଷ୍ଟି କରିବା ପାଇଁ ସିସିଆଇଏସ ଏକ ପଦକ୍ଷେପ ଥିଲା ଯାହା ସୁରକ୍ଷା ଏଜେନ୍ସି ଦ୍ୱାରା ଅପରାଧ ମନିଟରିଂ ପାଇଁ ବ୍ୟବହୃତ ହୋଇପାରୁଥିଲା। ସିସିଟିଏନ୍ ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ଯାହାକି ସମସ୍ତ ସ୍ତରରେ ପୋଲିସର ଦକ୍ଷତା ଏବଂ କାର୍ଯ୍ୟକାରିତାକୁ ବଢ଼ାଇବା ପାଇଁ ଏକ ବ୍ୟାପକ ତଥା ସମନ୍ୱିତ ବ୍ୟବସ୍ଥା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛି, ବିଶେଷ କରି ଥାନା

### ପୁରୁଣା ରେକର୍ଡର ହୋଇଛି ଡିଜିଟାଇଜେସନ୍

ସ୍ତରରେ ଇ-ଗଭର୍ଣ୍ଣାନ୍ସ ନୀତି ଆପଣାଇବା ଏବଂ ଆଇଟି ସକ୍ଷମ ଟ୍ରାକିଂ ସିଷ୍ଟମର ବିବର୍ତ୍ତନ ପାଇଁ ଦେଶବ୍ୟାପୀ ନେଟୱାର୍କ ଭିତିଭୂମି ସୃଷ୍ଟି କରିବା। ସିସିଟିଏନ୍‌ଏସ୍ କୋର ଆପ୍ଲିକେସନ ସଫ୍ଟୱେର (ସିଏଏସ) ରେ ପଞ୍ଜୀକରଣ, ଅନୁସନ୍ଧାନ ଏବଂ ପ୍ରବର୍ତ୍ତନ ପରି ମଡ୍ୟୁଲ ଅଛି। ସିଏଏସ୍ ବ୍ୟତୀତ, ଅଭିଯୋଗ ପଞ୍ଜୀକରଣ, ଚରିତ୍ର ସାର୍ଟିଫିକେଟ ଅନୁରୋଧ, ଆୟୋଜନ ପ୍ରଦର୍ଶନ ଅନୁରୋଧ, ବିରୋଧ/ ହରତାଳ/ ରାଲି ପଞ୍ଜୀକରଣ ଅନୁରୋଧ, ବିଦେଶୀ ପଞ୍ଜୀକରଣ ଅନୁରୋଧ ଇତ୍ୟାଦି ସେବା ପାଇଁ ନାଗରିକ ସେବା ପୋର୍ଟାଲ ଏନ୍‌ସିଆଇବି ଦ୍ୱାରା ବିକଶିତ ହୋଇଛି ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସେମାନଙ୍କ ସ୍ତରରେ ବିନ୍ୟାସ, କଷ୍ଟମାଇଜେସନ୍, ବୃଦ୍ଧି ଏବଂ ନିୟୋଜନ ପାଇଁ ପ୍ରଦାନ କରାଯାଇଛି ।

# ଚୁକଟିଆ ଭୁଞ୍ଜିଆ ଜନଜାତିର ସୁନା ଝିଅ ଜାମିନୀ

ଭୁବନେଶ୍ୱର,୨୪।୯(ସମିସ): ଚୁକଟିଆ ଭୁଞ୍ଜିଆ ଜନଜାତି ସମ୍ପ୍ରଦାୟର ପ୍ରଥମ ରିସର୍ଚ୍ଚ ସ୍କଲାର ହେବାର ଗୌରବ ଅର୍ଜନ କରିଛନ୍ତି ଜାମିନୀ ଝାଙ୍କର। ଜାମିନୀ କିସ୍ ବିଶ୍ୱବିଦ୍ୟାଳୟରେ ରିସର୍ଚ୍ଚ ସ୍କଲାର ଭାବେ ଯୋଗ ଦେଇଥିବା ବେଳେ ତାଙ୍କର

■ ପ୍ରଥମ ରିସର୍ଚ୍ଚ ସ୍କଲାର୍ ହୋଇଥିବାରୁ ଛୁଟୁଛି ପ୍ରଶଂସାର ସୁଅ
■ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ ଜାମିନୀ

ଗବେଷଣା ସଫଳତାର ସହ ଶେଷ କରି ପିଏଚ୍‌ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାମିନୀ ବୈଦିକ ଚିକିତ୍ସାରେ ଗବେଷଣା କରୁଥିଲେ। ଜାମିନୀଙ୍କ ଏହି ସଫଳତା ପାଇଁ ତାଙ୍କୁ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ଅନୁସୂଚୀତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଜାମିନୀ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ଆଶୀର୍ବାଦ ନେଇଥିବା ବେଳେ




ଶ୍ରୀ ସାମନ୍ତ ଜାମିନୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ନୂଆପଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଘେରା ଏକ ଦୁର୍ଗମ ଗାଁ ସାନବାହାଲିର ଝିଅ ଜାମିନୀ। ବାପା ବିଜୟ ଝାଙ୍କର ଓ ମା' ବୈଦେହୀଙ୍କ ଶିକ୍ଷା ପ୍ରତି ସଚେତନତା ଯୋଗୁଁ ଜାମିନୀ ଏହି ସ୍ଥାନରେ ପହଞ୍ଚିପାରିଥିବା ବେଳେ ଅନ୍ୟ ୬ ଭଉଣୀ ମଧ୍ୟ ଏବେ ଶିକ୍ଷାରତ। ଝିଅ ଜାମିନୀ ଆଜି ଜନଜାତି ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଜାମିନୀ ନିଜ ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ନିଜର କୃତଜ୍ଞତା ଜଣାଇବା ସହ କିସ୍ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ଗାଇଡ୍ ଡ. ରଶ୍ମି ମହାପାତ୍ରଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। କିସ୍‌ରେ ପାଠପଢ଼ି ବହୁ ଗରିବ ଜନଜାତି ଛାତ୍ରଛାତ୍ରୀ ଆଜି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ, ଓଏଏସ୍ ଓ ଓଜେଏସ୍ ହୋଇପାରିଥିବା ବେଳେ ଅନେକ ଛାତ୍ରଛାତ୍ରୀ ଆଇଆଇଟି, ଏନ୍‌ଆଇଟି, ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଉଚ୍ଚତର ଶିକ୍ଷା ଲାଭ କରୁଛନ୍ତି।

# ଆୟରଲ୍ୟାଣ୍ଡ ଗଲା ଢେଙ୍କାନାଳ ଅମୃତଭଣ୍ଡା ଓ ସାରୁ

ଭୁବନେଶ୍ୱର,୨୪।୯(ସମିସ): ପ୍ରଥମଥର ପାଇଁ ଢେଙ୍କାନାଳର ସବୁଜ ପନିପରିବା ଆୟରଲ୍ୟାଣ୍ଡ ରପ୍ତାନୀ ହୋଇଛି। ପ୍ରାୟ ୧୦୦ କିଲୋ ସାରୁ ଏବଂ ୩୨୦ କିଲୋ ସବୁଜ ଅମୃତଭଣ୍ଡା ନେତାଜୀ ସୁବାସ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟବିମାନ ବନ୍ଦର କଲିକତା ଦେଇ ସୁଦୂର ଆୟରଲ୍ୟାଣ୍ଡକୁ ଯାଇଛି। କୃଷି ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୃଢ ନେତୃତ୍ୱ, ଗେଟ୍ସ ଫାଉଣ୍ଡେସନ୍‌ର ସହାୟତା ଏବଂ ପାଲାଡିୟମର ମିଳିତ ସମନ୍ୱୟରେ ଏହି ସଫଳତା ସମ୍ଭବ ହୋଇଛି। ଢେଙ୍କାନାଳର 'ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ' ଚାଷୀ ଭାଇଭଉଣୀଙ୍କୁ ନିଜ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ କରି ବିଶ୍ୱ ବଜାରରେ ଓଡ଼ିଶାର କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛି। ଚଳିତ ଥର ଅମୃତଭଣ୍ଡା ସହ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସାରୁ ରପ୍ତାନୀ କରି ଏହି କୃଷକ ଉତ୍ପାଦକ ସଂଗଠନ ନିଜ ସଫଳତାର ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବା ସହ କୃଷି ବିଭାଗ ନେତୃତ୍ୱରେ ପାଲାଡିୟମର ସମନ୍ୱୟରେ




୨୦୨୪ ଠାରୁ ଏପର୍ଯ୍ୟନ୍ତ ୧୪୦ ମେଟ୍ରିକ୍ ଟନ୍‌ରୁ ଅଧିକ ସତେଜ ପନିପରିବା ଓ ଫଳ ୧୦ଟି ଅନ୍ତର୍ଜାତୀୟ ବଜାରକୁ ରପ୍ତାନୀ କରାଯାଇଛି। ଏହି ରପ୍ତାନୀକରଣ ମାଧ୍ୟମରେ ସମ୍ପୃକ୍ତ ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ୪୦ ପ୍ରତିଶତରୁ ୬୨ ପ୍ରତିଶତ ପର୍ଯ୍ୟନ୍ତ ବର୍ଦ୍ଧିତ ମୂଲ୍ୟ ପାଇବାରେ ସକ୍ଷମ ହେଇପାରିଛନ୍ତି। ଏହି ପଦକ୍ଷେପ ଚାଷୀମାନଙ୍କୁ କେବଳ ଉଚିତ୍ ମୂଲ୍ୟ ଦେଇନି, ବରଂ ଆତ୍ମନିର୍ଭରଶୀଳ କରାଇବା ସହ ବିଶ୍ୱ ବଜାରର ଚାହିଦା ପୂରଣ କରିବା ପାଇଁ ସକ୍ଷମ କରାଉଛି।

ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟ
ଭାରତ ସରକାର

# ଭାରତୀୟ ଖାଦ୍ୟ ଅର୍ଥନୀତି ପାଇଁ
## ଏକ ପ୍ରବେଶ ଦ୍ୱାର



୪ର୍ଥ ସଂସ୍କରଣ

WORLD FOOD INDIA 2025
୨୫ ରୁ ୨୮ ସେପ୍ଟେମ୍ବର
ସମୃଦ୍ଧି ପାଇଁ ପ୍ରକ୍ରିୟାକରଣ

## ଉଦ୍‌ଘାଟନ କରିବେ

# ନରେନ୍ଦ୍ର ମୋଦୀ
## ପ୍ରଧାନମନ୍ତ୍ରୀ

୨୫ ସେପ୍ଟେମ୍ବର, ୨୦୨୫ | ସନ୍ଧ୍ୟା ୧୮:୦୦ ଘଟିକା | ଭାରତ ମଣ୍ଡପମ୍, ନୂଆଦିଲ୍ଲୀ

### ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫ର ମୁଖ୍ୟ ଆକର୍ଷଣ

**ବିଶ୍ୱସ୍ତରୀୟ ସମ୍ମେଳନ, ଅସୀମିତ ସୁଯୋଗ**
୧୮୦୦+ ପ୍ରଦର୍ଶକ, ୫୦୦+ ଆନ୍ତର୍ଜାତୀୟ କ୍ରେତା, ୧୦୦+ ଦେଶ

**ଗତିଶୀଳ ପରିବେଶକୁ ପ୍ରୋତ୍ସାହନ**
ବିଶ୍ୱ ଖାଦ୍ୟ ନିୟାମକ ସମ୍ମିଳନୀ, ୨୦୨୫ ଓ ଭାରତୀୟ ଆନ୍ତର୍ଜାତୀୟ ସିଫୁଡ୍ ମେଳା, CEO କାର୍ଯ୍ୟକ୍ରମ, ଷ୍ଟାର୍ଟ-ଅପ ପ୍ରଦର୍ଶନୀ ଓ ବିଷୟବସ୍ତୁ ଆଧାରିତ ଆଲୋଚନାଚକ୍ର

**ସ୍ୱାଦ, ଭବିଷ୍ୟତ ଏବଂ ଭାଗିଦାରୀ**
ଲାଇଭ୍ ଫୁଡ୍ ଜୋନ୍, ନବୀନତା କେନ୍ଦ୍ର, କ୍ରେତା-ବିକ୍ରେତା ସମ୍ମିଳନୀ

**ବିଶ୍ୱରୁ ଭାରତକୁ, ଏକ କେନ୍ଦ୍ରସ୍ଥଳୀରେ**
୨୦+ ଦେଶର ପ୍ୟାଭିଲିଅନ୍ ଓ ୨୫+ ରାଜ୍ୟ ଭାଗ ନେଉଛନ୍ତି

### ଗତ ୧୧ ବର୍ଷର ସଫଳତା

**ଗତିଶୀଳ ମୂଲ୍ୟବୋଧ, କ୍ଷମତାଶାଳୀ ପ୍ରଗତି**
ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗରେ ସମୁଦାୟ ମୂଲ୍ୟ ବୃଦ୍ଧି (GVA) ୨୦୧୪ ରୁ ୧୫ରେ ଟ.୧.୩୪ ଲକ୍ଷ କୋଟିରୁ ୨୦୨୩-୨୪ରେ ଟ.୨.୨୪ ଲକ୍ଷ କୋଟିକୁ ବୃଦ୍ଧି ପାଇଛି

**ବିଶ୍ୱସ୍ତରୀୟ ଆତ୍ମବିଶ୍ୱାସ, ଭାରତର ସୁଯୋଗ**
୨୦୧୪-୧୫ ରୁ ୨୦୨୪-୨୫ ମଧ୍ୟରେ ଖାଦ୍ୟ ପ୍ରକ୍ରିୟାକରଣରେ ବିଦେଶୀ ପୁଞ୍ଜି ବିନିଯୋଗ ଟ. ୫୩,୦୦୦ କୋଟିରୁ ଅଧିକ

**ଭାରତୀୟ ପଦାର୍ଥକୁ ବିଶ୍ୱସ୍ତରୀୟ କରିବା**
ଭାରତୀୟ ପ୍ରକ୍ରିୟାଜାତ ଖାଦ୍ୟର ରପ୍ତାନି ଦ୍ୱିଗୁଣ ହୋଇ ୨୦୧୪-୧୫ରେ ଟ.୩୩ ହଜାର କୋଟିରୁ ୨୦୨୪-୨୫ରେ ଟ.୮୬ ହଜାର କୋଟିରେ ପହଁଞ୍ଚିଛି

**ଏକ ଦଶକର ସ୍ଥିର, ନିରନ୍ତର ଅଭିବୃଦ୍ଧି**
୨୦୨୩-୨୪ ରେ ଶେଷ ହୋଇଥିବା ଗତ ନଅ ବର୍ଷ ମଧ୍ୟରେ ଏହି କ୍ଷେତ୍ର ପ୍ରଭାବଶାଳୀ ଅଭିବୃଦ୍ଧି ହାସଲ କରିଛି ଏବଂ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର - ୬.୫୫%କୁ ଅତିକ୍ରମ କରିଛି ।

ସିଧା ପ୍ରସାରଣ ଡିଡି ନ୍ୟୁଜ୍

www.worldfoodindia.gov.in | @worldfoodindia | Scan to Visit WFI 2025

## ଆଗୁଆ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରୋଜେକ୍ଟ ଶିଲଡ୍‌ର ଶୁଭାରମ୍ଭ




ରାଉରକେଲା,୨୪।୯ (ସମିସ): ଅପରାଧ ଘଟିବା ପୂର୍ବରୁ ଅପରାଧିକୁ ଠାବ କରିବା ତଥା ତାର ଗତିବିଧି, କାର୍ଯ୍ୟକଳାପ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ରାଉରକେଲା ଏନଆଇଟିର ବୈଷୟିକ ସହାୟତାରେ ରାଉରକେଲା ପୁଲିସ ପ୍ରଜେକ୍ଟ ଶିଲଡ୍(ସ୍ମାର୍ଟ ହାବିଚୁଆଲ ଅଫେଣ୍ଡର ଇଣ୍ଟେଲିଜେନ୍ସ ଏଣ୍ଡ ଏର୍ଲିଲ ଏନଫୋର୍ସମେଣ୍ଟ ଡିଟେନସନ) ନାମକ ଏକ ଅଭିନବ ଆପ୍ ପ୍ରସ୍ତୁତ କରିଛି। ଯାହାକି ରାଜ୍ୟ ପ୍ରଥମ ଓ ଦେଶରେ ଚତୁର୍ଥ ପଦକ୍ଷେପ ବୋଲି ସୂଚାଯାଇଛି। ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନୂତନ ଆପକୁ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଶୁଭାରମ୍ଭ କରିଛନ୍ତି। ଏହା କେବଳ ଅପରାଧୀଙ୍କୁ ଦମନ କରିବ ନାହିଁ ବରଂ ସମାଜରେ ସୁରକ୍ଷା ଏବଂ ବିଶ୍ୱାସ ଭାବନାକୁ ମଧ୍ୟ ସୁଦୃଢ଼ କରିବ। ଏହା ଲୋକମାନଙ୍କୁ ଅନଲାଇନ୍ ଠକେଇ, ପ୍ରତାରଣା ଏବଂ ଡିଜିଟାଲ୍ ଠକେଇରୁ ରକ୍ଷା କରିବା ପାଇଁ ଲକ୍ଷ୍ୟ ରଖିଛି ବୋଲି ଡିଆଇଜି କହିଥିଲେ। ଏହି ଅବସରରେ ଏସ୍‌ପି ୱାଧୱାନୀ କହିଛନ୍ତି, ରାଉରକେଲା ପୁଲିସ ଜିଲ୍ଲାର ଅଭ୍ୟାସଗତ ଅପରାଧି, ହିଷ୍ଟ୍ରିସିଟିମାନଙ୍କ ସମ୍ପୂର୍ଣ୍ଣ ଅପରାଧିକ ଡାଟାବେସକୁ ଏହି ଆପ୍‌ରେ ଅପଲୋଡ କରାଯିବ। କେବଳ ସେତିକି ନୁହେଁ ରାଉରକେଲାକୁ ଅପରାଧ କରିବା ପାଇଁ ବାହାର ରାଜ୍ୟରୁ ଆସୁଥିବା ଅଭ୍ୟାସଗତ ଅପରାଧିମାନଙ୍କ ତଥ୍ୟ ମଧ୍ୟ ଉକ୍ତ ଆପରେ ଅପଲୋଡ କରାଯାଇ ଷ୍ଟୋର କରାଯିବ। ଏହାଦ୍ୱାରା ଜନସାଧାରଣଙ୍କୁ ଅପରାଧ ଏବଂ ବିପଦରୁ ରକ୍ଷା କରାଯିବା ସହ ଏହି ପ୍ରକଳ୍ପ ଅଧୀନରେ ନାଗରିକମାନଙ୍କୁ ସାଇବର ଅପରାଧ, ଅନଲାଇନ୍ ଠକେଇ, ସଡ଼କ ସୁରକ୍ଷା ଏବଂ ଅପରାଧ ନିବାରଣ ବିଷୟରେ ସଚେତନ କରାଯିବ ବୋଲି ଏସ୍‌ପି କହିଥିଲେ। ଏହି ଅବସରରେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଥିଲେ, ରାଉରକେଲା ସହରର ଅପରାଧ ନିୟନ୍ତ୍ରଣ ପାଇଁ ରାଉରକେଲା ପୁଲିସକୁ ବୈଷୟିକ ସେବା ପ୍ରଦାନ କରି ରାଉରକେଲା ଏନଆଇଟି ଧନ୍ୟ ମନେ କରୁଛି। ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆପ୍ ଶିଲଡ୍ ପ୍ରସ୍ତୁତ କରିବାରେ ସହାୟତା କରିଥିବା ଏନ୍‌ଆଇଟିର ପ୍ରଫେସର ମନ୍ମଥ ସାହୁ, ପ୍ରଫେସର ସମ୍ବିତ ବକ୍ସି ଉପସ୍ଥିତ ଥିଲେ। ଏହି ଅବସରରେ ଏସ୍‌ପି ଶ୍ରୀ ୱାଧୱାନୀଙ୍କ ଦ୍ୱାରା ରାଉରକେଲା ପୁଲିସ ଜିଲ୍ଲାର ଅପରାଧ ଓ ଅପରାଧିଙ୍କୁ ନେଇ ପ୍ରସ୍ତୁତ ଏକ ପୁସ୍ତକକୁ ଡିଆଇଜି ଉନ୍ମୋଚନ କରିଥିଲେ।

**ଓଡିଶାରେ ପ୍ରଥମ; ଦେଶରେ ଚତୁର୍ଥ ପଦକ୍ଷେପ**

### ଏମ୍‌ଏସ୍‌କ୍ୟୁ କମ୍ପାନୀ ଠକେଇ ଘଟଣା

# ମାଷ୍ଟରମାଇଣ୍ଡ ସମେତ ୩ ଗିରଫ

ରାଉରକେଲା,୨୪।୯ (ସମିସ):




ବିଜ୍ଞାପନ ଆଳରେ ଏମ୍‌ଏସ୍‌କ୍ୟୁ କମ୍ପାନୀ କୋଟି କୋଟି ଟଙ୍କା ଠକେଇ କରିବା ଘଟଣାରେ ରାଉରକେଲା ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୋଗ ହେବାର ୩୬ ଘଣ୍ଟା ମଧ୍ୟରେ ସାଇବର ଥାନା ପୁଲିସ ମାଷ୍ଟରମାଇଣ୍ଡ ଅଶୋକ କୁମାର ବଡାଇକଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପୁରୁଣାପାଣିର ମୂଳବାସିନ୍ଦା ତଥା ଝିରପାଣି ଆରସି ଚର୍ଚ୍ଚ ନିକଟସ୍ଥ ମାଷ୍ଟରମାଇଣ୍ଡ ଅଶୋକ କୁମାର ବଡ଼ାଇକ, ରେଲୱେ କଲୋନୀ ମଧୁସୂଦନପାଲି ବସ୍ତିର ଦିବାକର ପରିମାଣିକ (୩୬) ଓ ସରକାରୀ ଆଇଟିଆଇ ନିକଟସ୍ଥ ରାମନଗର ସି/୫୪ର ବାସୀନ୍ଦା ପ୍ରବୋଧ କୁମାର ସିଂ ଓରଫ ପ୍ରେମ (୪୦)। ସେମାନଙ୍କ ଠାରୁ ଗୋଟିଏ କାର, ୫ ହଜାର ଟଙ୍କା, ୪ଟି ମୋବାଇଲ, ଆଧାର କାର୍ଡ, ଭୋଟର କାର୍ଡ, ପାନ୍ କାର୍ଡ, ଡେବିଟ କାର୍ଡ, ଚେକ୍ ବୁକ୍, ପାସ ବୁକ୍, କାଗଜପତ୍ର ଆଦି ଜବତ କରାଯାଇଛି। ଏନେଇ ଆଜି ରାଉରକେଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇ କହିଛନ୍ତି, ଜଗଦା ଅଞ୍ଚଳର ସରିତା ଟପ୍ପୋ ନାମ୍ନୀ ଜଣେ ମହିଳା ଏମ୍‌ଏସ୍‌କ୍ୟୁ କମ୍ପାନୀ ଦ୍ୱାରା ଠକାମୀର ଶିକାର ହୋଇଥିବା ନେଇ କମ୍ପାନୀ ନାଁରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ନକଲି କମ୍ପାନୀ ନୂତନ ସଦସ୍ୟଙ୍କୁ ହ୍ୱାଟ୍ସ ଆପ୍ ଲିଙ୍କ୍ ପଠାଉଥିଲା। କ୍ୟୁଆର୍ କୋଡ୍ ମାଧ୍ୟମରେ ରିଚାର୍ଜ କରି ଟଙ୍କା ନିବେଶ କରିବାକୁ କୁହାଯାଇଥିଲା। ଏହି ଯୋଜନାରେ ୧୫ ସେକେଣ୍ଡ ବିଜ୍ଞାପନ ଦେଖିବା ଭଳି କାର୍ଯ୍ୟ କରିବା ପାଇଁ ଲେଭଲ୍ ଏମ୍-୧ରେ ୧ ହଜାର ୭୫୦ ଟଙ୍କା ନିବେଶରେ ଦୈନିକ ୫୦ ଟଙ୍କା, ଏମ୍ ୬ ଲେଭଲ ୩ ଲକ୍ଷ ୫୨ ହଜାର ନିବେଶରେ ୧୧ ହଜାର ଟଙ୍କା ପର୍ଯ୍ୟନ୍ତ ଦୈନିକ ରିଟର୍ଣ୍ଣ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାରମ୍ଭରେ କିଛି ନିବେଶକ ଛୋଟ ରିଟର୍ଣ୍ଣ ମଧ୍ୟ ପାଇଥିଲେ। ଯାହା ବିଶ୍ୱାସ ସୃଷ୍ଟି କରିଥିଲା। ମାତ୍ର କିଛି ଦିନ ଠିକଠାକ୍ ଚାଲିବା ପରେ ଦିନେ ହଠାତ୍ ଉକ୍ତ ନକଲି ଆପ୍‌ଟି ଅନଲାଇନରୁ ଉଭାନ ହୋଇଯାଇଥିଲା। ଇତି ମଧ୍ୟରେ ରାଉରକେଲା ସହରର ବହୁ ନିବେଶକଙ୍କର ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବୁଡି ଯାଇଥିବା ସୂଚନା ମିଳିଥିବା ଏସ୍‌ପି କହିଥିଲେ। ଏନେଇ ରାଉରକେଲା ସାଇବର ଥାନାରେ ଅଭିଯୋଗ ହେବା ପରେ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇବର ପୁଲିସ ଏବେ ୩ ଜଣଙ୍କୁ ଗିରଫ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ବୋଲି ସେ କହିଛନ୍ତି। ତେବେ ନିବେଶକଙ୍କର ଟଙ୍କା କିପରି ଫେରି ପାଇବେ ତାକୁ ନେଇ ଉଠିଛି ପ୍ରଶ୍ନ। ସୂଚନାଯୋଗ୍ୟ, ଝିରପାଣିଠାରେ ଅଶୋକ ବଡାଇକ ନାମକ ଅଭିଯୁକ୍ତ ଯୁବକ ଏମ୍‌ଏସ୍‌କ୍ୟୁ ଆପ୍ କାର୍ଯ୍ୟାଳୟ ଖୋଲିବା ସହିତ ରାଉରକେଲାର ଭଞ୍ଜଭବନ, ପୁରୁଣାପାଣି ଏବଂ ଅନ୍ୟାନ୍ୟ ସ୍ଥାନରେ ମିଟିଂ କରି ଲୋକମାନଙ୍କୁ ସେଥିରେ ଅତିକମରେ ୧୭୫୦ ଟଙ୍କା ବିନିଯୋଗ କରିବାକୁ କହିଥିଲେ। ଏହାପରେ ସ୍ମାର୍ଟଫୋନ୍ ମୋବାଇଲରେ ୧୫ଟି କମ୍ପାନୀର ବିଜ୍ଞାପନ ଦେଖିଲେ ଦୈନିକ ୫୦ ଟଙ୍କା ଲେଖାଏଁ ୱାଲେଟ ମାଧ୍ୟମରେ ମିଳିବ, ଅନ୍‌ଲାଇନ୍ ମାଧ୍ୟମରେ ୧୭୫୦ ଟଙ୍କା ବିନିଯୋଗ କରିଥିବା ବିନିଯୋଗକାରୀ ନିଜର ବ୍ୟବସାୟକୁ ବଢାଇବା ପାଇଁ ତଳକୁ ତଳ ଡାଉନ୍ ଲାଇନ୍ ଯୋଗ କରାଇଲେ ସେଥିରୁ ମଧ୍ୟ କମିଶନ ହିସାବରେ ଲାଭ ପାଇପାରିବେ ବୋଲି ପ୍ରଲୋଭନ ଦେଖାଇଥିଲେ। କମ୍ପାନୀ କଥାରେ ପ୍ରଲୋଭିତ ହୋଇ ବିନିଯୋଗକାରୀ ୧୭,୫୦୦ ଟଙ୍କାରୁ ଆରମ୍ଭ କରି ୨୦ ହଜାର ଟଙ୍କା, ୪୦ ହଜାର ଟଙ୍କା ସହିତ ନିଜେ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିବା ବେଳେ ସେମାନଙ୍କ ତଳେ ଯୋଗ ଦେଇଥିବା ବିନିଯୋଗକାରୀ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ କରିଥିଲେ। ଅଭିଯୁକ୍ତମାନେ ନିବେଶକମାନଙ୍କୁ ପ୍ରଭାବିତ କରିବା ପାଇଁ ସେମିନାର ଏବଂ ବୈଠକ ଆୟୋଜନ କରିଥିଲେ। ଅଭିଯୁକ୍ତ ଅଶୋକ କୁମାର ବଡାଇକ ଅନ୍ୟୁନ ୧ ହଜାରରୁ ଅଧିକ ବ୍ୟକ୍ତିଙ୍କୁ ଏହି କମ୍ପାନୀର ଆପ୍‌ରେ ଯୋଗ କରାଇଥିଲେ। ଏହି ନକଲି ପ୍ଲାଟଫର୍ମ ମାଧ୍ୟମରେ ଲୋକମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଠକି ନିଆଯାଇଥିଲା। ଏବାବଦରେ ଅନ୍ୟୁନ ୧୦ କୋଟି ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

**କାର, ଟଙ୍କା, ମୋବାଇଲ ସମେତ ବିଭିନ୍ନ ସାମଗ୍ରୀ ଜବତ**

### ଷ୍ଟାନଫୋର୍ଡ-ଏଲସେଭିୟରର ସର୍ବେକ୍ଷଣ

## ବିଶ୍ୱର ଶ୍ରେଷ୍ଠ ସ୍ଥାନରେ ଏନ୍‌ଆଇଟିର ୩୫ ବୈଜ୍ଞାନିକ

ରାଉରକେଲା,୨୪।୯ (ସମିସ): ଗବେଷଣା ଉତ୍କର୍ଷତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପ୍ରତିପାଦିତ ଷ୍ଟାନଫୋର୍ଡ-ଏଲସେଭିୟରର ସର୍ବେକ୍ଷଣ ଅନୁଯାୟୀ ବିଶ୍ୱସ୍ତରରେ ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଏନ୍‌ଆଇଟି ରାଉରକେଲାର ୩୫ ଜଣ ବୈଜ୍ଞାନିକ ସ୍ଥାନ ପାଇ ରାଉରକେଲା ଏନ୍‌ଆଇଟିକୁ ଗୌରବାନ୍ୱିତ କରିଛନ୍ତି। ଏହି ଶ୍ରେଷ୍ଠ ୩୫ ଜଣ ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ୩୩ ଜଣ ଅଧ୍ୟାପକ ଏବଂ ୨ ଜଣ ପିଏଚଡି ବିଦ୍ୱାନ ଅଛନ୍ତି। ଏହି ର୍‌ୟାଙ୍କିଂରେ ଦୁଇଟି ବର୍ଗ ରହିଛି। ୨ ବର୍ଷ ପାଇଁ କ୍ୟାରିଅର-ଲମ୍ବା ପ୍ରଭାବ ଓ ଏକକ-ବର୍ଷ ପ୍ରଭାବ ଏନ୍‌ଆଇଟି ରାଉରକେଲାର ୧୭ ଜଣ ଅଧ୍ୟାପକଙ୍କୁ ସେମାନଙ୍କର ଦୀର୍ଘକାଳୀନ ଗବେଷଣା (କ୍ୟାରିଅର-ଲମ୍ବା ପ୍ରଭାବ ତାଲିକା) ଅବଦାନ ପାଇଁ ସ୍ୱୀକୃତି ଦିଆଯାଇଛି। ପୂର୍ବରୁ ୨୦୨୪ରେ ୨୯ ଜଣ ଅଧ୍ୟାପକଙ୍କୁ ସେମାନଙ୍କ ଗବେଷଣା ପ୍ରଶଂସନ ପାଇଁ ସ୍ୱୀକୃତି ଦିଆଯାଇଥିଲା। ଉଲ୍ଲେଖନୀୟ ଯେ, ୧୩ ଜଣ ଅଧ୍ୟାପକ ଉଭୟ ତାଲିକାରେ ସ୍ଥାନ ପାଇଛନ୍ତି। ଅଧ୍ୟାପକଙ୍କ ସହିତ ପ୍ରତିଷ୍ଠାନର ଦୁଇ ଜଣ ପିଏଚଡି ବିଦ୍ୱାନ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱ ଶିକ୍ଷା ସମ୍ପ୍ରଦାୟରେ ବହୁଳ ଭାବରେ ସମ୍ମାନିତ ଏହି ର୍‌ୟାଙ୍କିଂ ବୈଜ୍ଞାନିକମାନଙ୍କୁ ସେମାନଙ୍କର ଗବେଷଣା କାର୍ଯ୍ୟ, ସାଇଟେସନ୍ ସୂଚକାଙ୍କ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାଗତ ପାରାମିଟରର ପ୍ରଭାବ ଉପରେ ଆଧାର କରି ସ୍ୱୀକୃତି ଦେଇଥାଏ। ଷ୍ଟାନଫୋର୍ଡ-ଏଲସେଭିୟରର ର୍‌ୟାଙ୍କିଂ ବୈଜ୍ଞାନିକମାନଙ୍କ କ୍ୟାରିଅର ଉପରେ ସେମାନଙ୍କର କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରେ ଏବଂ ସେମାନଙ୍କ ସାମ୍ପ୍ରତିକ ଅବଦାନକୁ ମଧ୍ୟ ଗୁରୁତ୍ୱ ଦିଏ, ଯାହା ଏହି ମାନ୍ୟତାକୁ ମନୋନୀତ ବିଦ୍ୱାନମାନଙ୍କ ପାଇଁ ବିଶେଷ ଭାବରେ ଉଲ୍ଲେଖନୀୟ କରିଥାଏ। ଏହି ସଫଳତାକୁ ନେଇ ରାଉରକେଲା ଏନଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ଏହି ସଫଳତା ଗବେଷଣାକୁ ଆଗକୁ ବଢାଇବା ଏବଂ ନୂତନ ଜ୍ଞାନ ସୃଷ୍ଟି କରିବାରେ ଆମର ପ୍ରୟାସକୁ ପ୍ରତିଫଳିତ କରିବ। ଆମ ବୈଜ୍ଞାନିକମାନଙ୍କର ଉଚ୍ଚ ପ୍ରଭାବ ପ୍ରକାଶନ ଏବଂ ଅଗ୍ରଣୀ କାର୍ଯ୍ୟ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବୈଜ୍ଞାନିକମାନଙ୍କୁ ୨୨ଟି ବୈଜ୍ଞାନିକ କ୍ଷେତ୍ର ଏବଂ ୧୭୪ ଉପକ୍ଷେତ୍ରରେ ବର୍ଗୀକୃତ କରାଯାଇଛି। ଅତି କମରେ ୫ ଟି ପତ୍ର ସହିତ ସମସ୍ତ ବୈଜ୍ଞାନିକଙ୍କ ପାଇଁ କ୍ଷେତ୍ର ଏବଂ ଉପକ୍ଷେତ୍ର ନିର୍ଦ୍ଦିଷ୍ଟ ପ୍ରତିଶତ ମଧ୍ୟ ପ୍ରଦାନ କରାଯାଇଛି। କ୍ୟାରିଅର ଦୀର୍ଘ ତଥ୍ୟ ୨୦୨୪ ଶେଷ ପର୍ଯ୍ୟନ୍ତ ଅପଡେଟ୍ କରାଯାଇଛି ଏବଂ ଏକକ ସାମ୍ପ୍ରତିକ ବର୍ଷର ତଥ୍ୟ ୨୦୨୪ କ୍ୟାଲେଣ୍ଡର ବର୍ଷରେ ପ୍ରାପ୍ତ ଉଦ୍ଧୃତି ସହିତ ଜଡିତ।




## ଆର୍‌ଏସ୍‌ପିର ପୁରସ୍କାର ବିତରଣ ଉତ୍ସବ



ରାଉରକେଲା,୨୪।୯ (ସମିସ): ସେଲ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ସେପ୍ଟେମ୍ବର ୨୩ ତାରିଖରେ ରାଜଭାଷା ପକ୍ଷ ପାଳନର ଅଂଶ ସ୍ୱରୂପ ଏକ ବିଶାଳ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଆର୍‌ଏସ୍‌ପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ରାଜଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏହାର ପ୍ରସାର ଦିଗରେ ଆର୍‌ଏସ୍‌ପିର ପ୍ରତିବଦ୍ଧତା ତଥା ବିଭିନ୍ନ ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୃହ ମନ୍ତ୍ରଣାଳୟର ରାଜଭାଷା ଆଞ୍ଚଳିକ କାର୍ଯ୍ୟାନ୍ୱୟନ ଅଫିସ କୋଲକାତାର କାର୍ଯ୍ୟାନ୍ୱୟନ ବିଭାଗର ଉପ ନିର୍ଦ୍ଦେଶକ ଡକ୍ଟର ବିଚିତ୍ରସେନ ଗୁପ୍ତା ଅତିଥିବକ୍ତା ଭାବେ ଉକ୍ତ ଉତ୍ସବରେ ଯୋଗଦେଇ ସରକାରୀ କାର୍ଯ୍ୟରେ ହିନ୍ଦୀକୁ ପ୍ରୋତ୍ସାହିତ କରିବା ତଥା ରାଜଭାଷାକୁ ଆଗକୁ ବଢାଇବା ସମୟରେ ସମସ୍ତ ଭାଷାକୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ଉଦ୍ୟୋଗ ଓ ଇସ୍ପାତ ମନ୍ତ୍ରୀ ଏଚଡି କୁମାର ସ୍ୱାମୀ ଏବଂ ସେଲ ଅଧ୍ୟକ୍ଷ ଅମରେନ୍ଦୁ ପ୍ରକାଶଙ୍କ ବାର୍ତ୍ତାକୁ ଯଥାକ୍ରମେ ଆଇ ଆଣ୍ଡ ଏ ବିଭାଗର ଓସିଟି ଆୟୁଷୀ କୁମାରୀ, ପ୍ରକଳ୍ପ ବିଭାଗର ଏଜିଏମ ମନୀଷ କୁମାର ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ରୀତା ସୁରିତ ପାଠ କରିଥିଲେ। ରାଜଭାଷା ପକ୍ଷ ପାଳନ ଉପଲକ୍ଷେ କର୍ମଚାରୀ, ଠିକା ଶ୍ରମିକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାରଗୁଡିକୁ ମଧ୍ୟ ଶ୍ରୀ ମିଶ୍ର ଏବଂ ଅନ୍ୟ ସମସ୍ତ ଅତିଥି ପ୍ରଦାନ କରିଥିଲେ। ଏହି ଅବସରେର ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ୧୦୦ ରୁ ଅଧିକ ବ୍ୟକ୍ତି ପୁରସ୍କୃତ ହୋଇଥିଲେ। ରାଜଭାଷାର ସର୍ବୋଚ୍ଚ କାର୍ଯ୍ୟକାରିତା ପାଇଁ ରାଜଭାଷା ଟ୍ରଫି ସି ଆଣ୍ଡ ଆଇଟି ବିଭାଗକୁ ପ୍ରଦାନ କରାଯାଇଥିଲା। ସିଆଣ୍ଡ ଆଇଟି ବିଭାଗର ସିଜିଏମ କେକେ ସେନଗୁପ୍ତା ଏବଂ ତାଙ୍କ ବିଭାଗୀୟ ଦଳ ଏହାକୁ ଗ୍ରହଣ କରିଥିଲେ। ଇ- ଓଡିଆ, ହିନ୍ଦୀ ଦ୍ୱିଭାଷୀ ପତ୍ରିକା "ଇସ୍ପାତ ଦର୍ପଣ' ଉନ୍ମୋଚିତ ହୋଇଥିଲା। କର୍ମୀମିତ୍ର ଆପ୍‌ରେ ହିନ୍ଦୀ ଜ୍ଞାନ ପରିମାପ ସେକ୍ସନ ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ସୁଶ୍ରୀ ବାସବଦତ୍ତା ମହାନ୍ତି ଆବାହନୀ ସଙ୍ଗୀତ ଗାନ କରିଥିଲେ। ଲୋକସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ପୁରସ୍କାର ବିତରଣ ସମାରୋହ ପରିଚାଳନା କରିଥିବା ବେଳେ ଲୋକସମ୍ପର୍କ ରାଜଭାଷା ବିଭାଗର ଏଜିଏମ ଲୋଲାଟି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ବିଭାଗର ସହକାରୀ ପ୍ରବନ୍ଧକ ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




## ବ୍ୟାଟେରୀ ମରାମତି ଦୋକାନରୁ ଶବ ଉଦ୍ଧାର

ରାଉରକେଲା,୨୪।୯ (ସମିସ): ବ୍ୟାଟେରୀ ମରାମତି ଦୋକାନ ଭିତରୁ ପ୍ଲାଣ୍ଟସାଇଟ ପୁଲିସ ଜଣେ ଯୁବକଙ୍କ ଶବକୁ ଉଦ୍ଧାର କରିଛି। ବୁଧବାର ସକାଳେ ପାୱାର ହାଉସ୍ ପାର୍କିଂ ଗଣେଶ ପୂଜା ପଡ଼ିଆ ସମ୍ମୁଖରେ ଥିବା ବନ୍ଦ ଦୋକାନରୁ ପ୍ରବଳ ଦୁର୍ଗନ୍ଧ ବାହାରି ଥିଲା। ପରେ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିବା ସହ ତଦନ୍ତ ଚଳାଇଛି। ଦୋକାନ ମାଲିକ ମୁସ୍ତାକ ସହର ବାହାରେ ଥିବାରୁ ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇପାରି ନାହିଁ।




## ସାପ କାମୁଡ଼ାରେ ମା', ପୁଅ ମୃତ

ବଣାଇଁ,୨୪।୯ (ସମିସ): ବଣାଇଁ ଉପଖଣ୍ଡ ମହୁଲପଦା ଥାନା ଅନ୍ତର୍ଗତ ବଡଚୂଆଁ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ମା' ଓ ପୁଅଙ୍କ ମୃତ୍ୟୁ ହୋଇଛି। ସୂଚନାନୁଯାୟୀ, ବଡଚୂଆଁ ଗ୍ରାମର ରଥ କୁଲହଙ୍କ ସ୍ତ୍ରୀ ଓ ଚାରି ବର୍ଷର ଶିଶୁ ପୁତ୍ର ଅବିନାଶ କୁଲହଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଉଭୟ ମା' ଓ ପୁଅକୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶୁ ପୁତ୍ର ଅବିନାଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ମା'କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

## ଭଞ୍ଜ ସାଂସ୍କୃତିକ ନ୍ୟାସ, ଆର୍‌ଏସ୍‌ପି ପକ୍ଷରୁ 'କୁମାର ଉତ୍ସବ' ୬ରେ

ରାଉରକେଲା,୨୪।୯ (ସମିସ):

ଭଞ୍ଜ ସାଂସ୍କୃତିକ ନ୍ୟାସ ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରା ଲୋକପ୍ରିୟ ଓଡ଼ିଆ ପର୍ବ 'କୁମାର ଉତ୍ସବ-୨୦୨୫' ଆସନ୍ତା ଅକ୍ଟୋବର ୬ ତାରିଖରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଆୟୋଜିତ ହେବ। ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ଏବଂ ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନଙ୍କର ସେପ୍ଟେମ୍ବର ୨୦ ତାରିଖ ଦିନ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଉପସ୍ଥିତ ଟ୍ରଷ୍ଟିମାନଙ୍କ ମଧ୍ୟରେ ମାନବ ସମ୍ବଳ ବିଭାଗର ସିଜିଏମ୍ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଉପାଧ୍ୟକ୍ଷ ମାନସ ରଞ୍ଜନ ରଥ, କଣ୍ଟ୍ରାକ୍ଟ ସେଲ୍‌ର ସିଜିଏମ୍ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଆଲୋକ କୁମାର ବେହେରା, ବିତ୍ତ ଓ ଲେଖା ବିଭାଗର ଜିଏମ୍ ଏଚ୍. କେ ସାଏ, ପରିବେଶ ଇଂଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି. ଦାଶ, ଲୋକସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ, ଆଇନ ବିଭାଗର ଡିଜିଏମ୍ ଆର୍. କେ. ସାହୁ, ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ଆର୍.କେ. ମହାପାତ୍ରଙ୍କ ସମେତ ଆର୍‌ଏସ୍‌ପିରୁ ଜ୍ୟୋତିର୍ମୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ 'କୁମାର ଉତ୍ସବ' କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଜଗତର ପ୍ରଥିତଯଶା ବ୍ୟକ୍ତି ପ୍ରଶାନ୍ତ ନନ୍ଦ ଏବଂ ପ୍ରଖ୍ୟାତ ଗାୟିକା ତଥା କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଡକ୍ଟର ସଂଗୀତ ଗୋସାଇଁଙ୍କୁ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଷ୍ଣୁମୋହନ କବି ଓ ଅନ୍ୟାନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନା ନିକଟରେ ଭଞ୍ଜ ସାଂସ୍କୃତିକ ପରିସର ଦଖଲକୁ ନେଇଛି ଏବଂ ଖୁବ୍‌ଶୀଘ୍ର ଏହାର ପ୍ରମୁଖ ମରାମତି ଏବଂ ନବୀକରଣ କାର୍ଯ୍ୟ ଆରମ୍ଭ ହେବ। କିଛି ଲୋକଙ୍କ ଦ୍ୱାରା ଭଞ୍ଜ ସାଂସ୍କୃତିକ ପରିସରର ନାମ ରବୀନ୍ଦ୍ର ମଣ୍ଡପକୁ ପରିବର୍ତ୍ତନ ହେବାର କପୋଳକଳ୍ପିତ ଓ ଭିତ୍ତିହୀନ ଗୁଜବ ପ୍ରଚାରକୁ ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନେ ଦୃଢ଼ମତରେ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ଆଧାରହୀନ ଅଭିଯୋଗଗୁଡ଼ିକ ମନ୍ଦ ଉଦ୍ଦେଶ୍ୟ ରଖିଥିବା କିଛି ସ୍ୱାର୍ଥନ୍ୱେଷୀ ବ୍ୟକ୍ତିମାନଙ୍କ ଦ୍ୱାରା ଅପପ୍ରଚାର କରାଯାଉଛି ଏବଂ ଉଭୟ ଟ୍ରଷ୍ଟ ଓ ରାଉରକେଲା ଇସ୍ପାତ କାରଖାନାକୁ ବଦ୍‌ନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।


ସମ୍ମାନିତ ହେବେ ପ୍ରଶାନ୍ତ ନନ୍ଦ, ସଂଗୀତା ଗୋସାଇଁ










### ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ଦାଦନ ହୋଇ ଗଲେ; ଶବ ହୋଇ ଫେରିଲେ

**ଧର୍ମଗଡ଼/ଗୋଲାମୁଣ୍ଡା, ୨୪।୯(ସମିସ):** ଦିନକୁ ଦିନ ଦାଦନ ମୃତ୍ୟୁ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ହେଲେ ପ୍ରଶାସନ ପାଖରେ ଗଣତି ନାହିଁ କି ନିଘା ରହୁନି। ଦାଦନ ଭଳି ସମସ୍ୟା ଅଞ୍ଚଳରେ ଉତ୍କଟ ହେବାରେ ଲାଗିଛି। ସୋମବାର ଦିନ ଏକ ଦାଦନ ଶ୍ରମିକଙ୍କ ମର ଶରୀର ଗାଁକୁ ଫେରିଥିବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ ଦାଦନ ଶ୍ରମିକ ଜଣକ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଡ଼ୁଙ୍ଗରିଗୁଡା ଗ୍ରାମର ରାଜେନ୍ଦ୍ର ପଟେଲ। କିଛି ମାସ ତଳେ ପେଟ ପାଟଣା ପାଇଁ ସୁଦୂର ଚେନ୍ନାଇକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ଠିକାଦାର ପାଖରେ କାମ ଉପାର୍ଜନ କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗତ ୨୦ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଥିବା ଖବର ଆସିଥିଲା। ତାହାବି ତାଙ୍କର ମୃତଦେହ ଏକ ଟ୍ରେନ ଲାଇନ୍‌ରେ ପଡ଼ିଥିବା ଓ ସେଠାକାର ପୁଲିସ ଉଦ୍ଧାର କରିଥିବା ସୂଚନା ମିଳିଥିଲା। ଏକ ଆମ୍ବୁଲାନ୍ସ ଯୋଗେ ଠିକାଦାର ଜଣକ ମୃତଦେହକୁ ଠିକଣା ଅନୁସାରେ ପଠାଇ ଥିବା ଜଣାପଡ଼ିଛି। ଟ୍ରେନ ଲାଇନରେ ଶବ ମିଳିବା ଓ ପାର୍ଶ୍ୱ ପ୍ରତିକ୍ରିୟା ଅନୁଯାୟୀ ରାଜେନ୍ଦ୍ରଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ପରିବାର ପକ୍ଷରୁ କୌଣସି ଥାନାରେ ଏଯାଏଁ ଅଭିଯୋଗ ହୋଇ ନ ଥିବା ଜଣାପଡେ। ଶ୍ରମ ବିଭାଗ ଘଟଣା ପ୍ରତି ଦୃଷ୍ଟିଦେଇ ତଦନ୍ତ କଲେ ପ୍ରକୃତ ସତ୍ୟା ସତ୍ୟ ଆସି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଅନ୍ୟପଟେ ସରକାର, ପ୍ରଶାସନ ଦାଦନ ଭଳି ସମସ୍ୟା ଉପରେ ଗୁରୁତ୍ୱ ଦେଲେ କିଛି ମାତ୍ରାରେ ରୋକାଯାଇ ପାରିବ। ମୃତ ରାଜେନ୍ଦ୍ର ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନିର୍ଯାତନା ଦେଇ ବିଷ ପିଆଇ ହତ୍ୟା ଘଟଣା

## ଫେରାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**କେସିଙ୍ଗା, ୨୪।୯(ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଭମରମାଲ ଗ୍ରାମରେ ଗତ ୧୦ ତାରିଖରେ ଘଟିଥିବା ବହୁଚର୍ଚ୍ଚିତ ବିଷ ପିଆଇ ବଧୂହତ୍ୟା ଘଟଣାରେ ବୁଧବାର ଦିନ ଅନ୍ୟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ମୃତ ଝିଅ ଖିରବତୀଙ୍କ ପରିବାର ବର୍ଗ ଏବଂ କଳାହାଣ୍ଡି ତୈଳିକ ହଳଦିଆ ବୈଷ୍ୟ ସାହୁ ସମାଜ ର କର୍ମକର୍ତ୍ତା କେସିଙ୍ଗା ଥାନାର ସମ୍ମୁଖରେ ପ୍ରତିବାଦ ଗଣଧାରଣା ଦେଇଥିଲେ। ପ୍ରକାଶ ଥାଉକି ଗତ ୧୧ ତାରିଖ ଦିନ କେସିଙ୍ଗା ବ୍ଲକ ଭମରମାଲ୍ ଗ୍ରାମର ଜଗନ୍ନାଥ ସାହୁ ତାଙ୍କ ପତ୍ନୀ ଖିରବତୀ ସାହୁଙ୍କୁ ଯୌତୁକ ନିର୍ଯାତନା ଦେଇ ଜୋର୍ ଜବରଦସ୍ତି ବିଷପିଆଇ ହତ୍ୟା




କରିଥିବା ଅଭିଯୋଗ କରି ମୃତ ଖିରବତୀଙ୍କ ଶାଶୁ ଶ୍ୱଶୁର ଏବଂ ନଣନ୍ଦ ସଂଶ୍ଳିଷ୍ଟ ଥିବା ଅଭିଯୋଗ କରି ଥାନାର ଦ୍ୱାରସ୍ଥ ହୋଇଥିଲେ ଝିଅର ପରିବାର ବର୍ଗ। କେସିଙ୍ଗା ପୁଲିସ ଲିଖିତ ଅଭିଯୋଗ ପରେ ଖିରବତୀଙ୍କ ସ୍ୱାମୀ ଜଗନ୍ନାଥଙ୍କୁ ଗିରଫ କରିଥିବା ବେଳେ ଝିଅର ଶାଶୂ, ଶ୍ୱଶୁର ଓ ନଣନ୍ଦ ଫେରାର ମାରିଥିଲେ। ଦୀର୍ଘ ୧୩ ଦିନ ପରେ ପୁଲିସ ଅନ୍ୟ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରିପାରିନି ଏବଂ ତାଙ୍କୁ ଶୀଘ୍ର ଗିରଫ କରି ଖିରବତୀଙ୍କୁ ନ୍ୟାୟ ଦେବା ପାଇଁ ତୈଳିକ ସମାଜ ପକ୍ଷରୁ କେସିଙ୍ଗା ଥାନାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରି ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ପରେ କେସିଙ୍ଗା ଥାନା ଆଇଆଇସି ଜିତେନ୍ଦ୍ର ବିଶ୍ୱାଳ ଧାରଣା ଦେଉଥିବା ଲୋକଙ୍କ ପାଖକୁ ଆସି ଆଇନ ଉପରେ ବିଶ୍ୱାସ ରଖିବାକୁ ପରାମର୍ଶ ଦେଇ ଅନ୍ୟ ଅଭିଯୁକ୍ତଙ୍କୁ ଦିନ ରାତି ଏକ କରି ପୁଲିସ ଖୋଜୁଥିବା କହିଥିଲେ। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। କେସିଙ୍ଗା ଥାନାଧିକାରୀ ଙ୍କ ପ୍ରତିଶ୍ରୁତି ଶୁଣିବା ପରେ ସମସ୍ତ ତୈଳିକ ବୈଷ୍ୟ ସମାଜର ଲୋକେ ଧାରଣାରୁ ଉଠିଥିଲେ ଓ ଆଉ ୧୦ ଦିନ ମଧ୍ୟରେ ଫେରାର ଥିବା ତିନି ଅଭିଯୁକ୍ତଙ୍କୁ ଗିରଫ ନ କଲେ ପୁଣି ଥରେ ଆନ୍ଦୋଳନ କରିବୁ ବୋଲି ଥାନା ଅଧିକାରୀଙ୍କୁ ଚରମବାଣୀ ଶୁଣାଇଥିଲେ।

### ଚୋରି ଅଭିଯୋଗରେ ୪ ଗିରଫ

## ନାବାଳକ ଗଲା ଜୁଭେନାଇଲ କୋର୍ଟ

**ଗୋଲାମୁଣ୍ଡା, ୨୪।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ପୁଲିସ ଚୋରି ଘଟଣାରେ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଜଣେ ନାବାଳକ ଅଭିଯୁକ୍ତକୁ ଜିଭେନାଇଲ କୋର୍ଟକୁ ପୁଲିସ ପଠାଇଛି। ଚୋରି କରି ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ କେଗାଁର ପାର୍ଥିବ ହରପାଳ, ଆନନ୍ଦ ହରପାଳ, ଦେବେନ୍ଦ୍ର ପୁଟେଲ ହୋଇଥିବା ବେଳେ ଅନ୍ୟ ଜଣକ ହେଲେ ସାନଚେରଗାଁ ଗ୍ରାମର କାହ୍ନୁ। ବାଗ ବୋଲି ପୁଲିସ ପ୍ରକାଶ କରିଛି। କାହ୍ନୁ ବାଗ ସମସ୍ତ ଚୋରି ସାମଗ୍ରୀ କିଣିଥିବା ନେଇ ସୂଚନାରୁ ପ୍ରକାଶ ଯେ କେଗାଁ ଗ୍ରାମରେ ଯେତେ ବି ଚୋରି ହୋଇଛି, ସମସ୍ତ ଚୋରି ଘଟଣାରେ ଲିପ୍ତ ଥିବା ସୂଚନା ମିଳିଛି। କିଛିଦିନ ତଳେ ନିଖିଳ ମେହେରଙ୍କ ଘରେ ପଶି ଏକ ବାକ୍ସ ନେଇ ଯାଇଥିବା ବେଳେ ଗୋଟିଏ ଦିନ ପରେ ପୁଣି ହେମରାଜ ପୁଟେଲଙ୍କ ହୋଟେଲରୁ ପନ୍ଦର କିଗ୍ରାର ଦୁଇ ତେଲ ଟିପା ଚୋରି ହୋଇଥିଲା। ଏହାକୁ ନେଇ ନିଖିଳ ମେହେର ପ୍ରଥମେ କେଗାଁ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ହେମରାଜ ପୁଟେଲ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଏହାର ଦୁଇ ଦିନ ପରେ ପୁଣି ନେତ୍ରାନନ୍ଦ ଜ୍ୟୋତିଷଙ୍କ ଘରେ ଗୋଟିଏ ମୋବାଇଲ ଫୋନ ଚୋରି କରିବା ସଙ୍ଗେ ଘର ଆଲମାରୀ ଖୋଲୁଥିବା ସମୟରେ ଘର ମାଲିକଙ୍କ ଚେତାଥିବା ଜାଣି ଫେରାର ମାରୁଥିବା ବେଳେ ଅଭିଯୁକ୍ତର ନିଜର ମୋବାଇଲ ମାଲିକଙ୍କ ଘରେ ପଡ଼ିଯାଇଥିଲା। ଏ ନେଇ ଘର ମାଲିକ କେଗାଁ ଥାନାରେ ଜିମା ଦେଇଥିଲେ। ଏନେଇ କେଗାଁ ପୁଲିସ ତଦନ୍ତ ଜାରି ରଖି ଦୁଇଟି ପନ୍ଦର କିଗ୍ରା ତେଲ ଟିପା, ତିନିଟି ୫ କିଗ୍ରା ତେଲ ଜାର, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ହାତ ଘଣ୍ଟା ଜବତ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ। ବୁଧବାର କେଗାଁ ପୁଲିସ କେଶ ନଂ ୨୩୦/୨୫ ରେ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ପାର୍ଥିବ ହରପାଳ, ଆନନ୍ଦ ହରପାଳ, ଦେବେନ୍ଦ୍ର ପୁଟେଲ ଓ କାହ୍ନୁ ଚରଣ ବାଗଙ୍କୁ ଧର୍ମଗଡ଼ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତକୁ ଭବାନୀପାଟଣା ଜୁଭେନାଇଲ କୋର୍ଟକୁ ପଠାଇ ତଦନ୍ତ ଜାରିରଖିଥିବା ଆଇଆଇସି ମକୁନ୍ଦ ଦେବ ନାଏକ ପ୍ରକାଶ କରିଛନ୍ତି।

## ୭ ଦଫା ଦାବିରେ ଗୋଷ୍ଠୀ ସହାୟିକାଙ୍କ ଧାରଣା



**କଳମପୁର, ୨୪।୯(ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ମିଶନଶକ୍ତି ଗୋଷ୍ଠୀ ସହାୟିକାଙ୍କ ୭ ଦଫା ଦାବି ନେଇ ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଅଞ୍ଚଳର ସମସ୍ତ ଗୋଷ୍ଠୀ ସହାୟିକା ବିଭିନ୍ନ ପ୍ରକାରର ନାରାବାଜି ଦେଇ କଳମପୁର ବିଡ଼ିଓଙ୍କୁ ୭ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମଧ୍ୟରେ ରହିଛି ପୂର୍ବ ପରି ସ୍ଥାୟୀ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ୍ ପେ, ପ୍ରୋପାମାନ୍ସ ବୋନସ ପ୍ରୋତ୍ସାହନବନ୍ଦ, ୬ ମାସର ବକେୟା ରାଶି ପ୍ରଦାନ, କାର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ, ରେଭନ୍ୟୁ ଭିଲେଜରେ ଗୋଟିଏ ସିଏଲଏଫ ଉଚ୍ଛେଦ ଭଳି ଦାବି ରହିଛି। ଦାବି ପୂରଣ ନ ହେବା ଯାଏଁ ଗଣଧାରଣା ବଳବତ୍ତର ରହିବ ବୋଲି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିରେ କଳମପୁର ବ୍ଲକ ଅଞ୍ଚଳର ସମସ୍ତ ସିଏସଏସ ସାମିଲ ହୋଇଥିବା ବେଳେ ଏମ୍‌ବିକେ ଭୂମିସୁତା ନାଗ, ସତ୍ୟଭାମା ସୁନାନୀ, ଚାନ୍ଦିନୀ ନିଆଲ, ଉମା ନାଏକ, ଦେମତି ପୁଞ୍ଜି, ରଶ୍ମିତା ପାତ୍ର, ପିଙ୍କି ନିଆଲ, ବ୍ୟାଙ୍କମିତ୍ର ନିଲିମା ନାଗ, ସିଆରପି ସିଏମ ଲିଲା ଦଣ୍ଡସେନା, ସୁଷମା ବେହେରା, ଚମ୍ପା ବେଣୁପାଣି, ମମତା ବାଗ, କବିତା ନାଏକ, ଯାମିନୀ କୁମାର ପ୍ରମୁଖ ଗଣଧାରଣାରେ ସାମିଲ ଥିଲେ।

## ମିଶନଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଧାରଣା

**ସିନାପାଲି, ୨୪।୯ (ସମିସ):** ନବୀନ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହ ଅର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ମିଶନଶକ୍ତି ଗଠନ କରି ଅନେକ ମହିଳା କର୍ମୀ ନିଯୁକ୍ତି କରି ସଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରି ଉଚିତ ପାରିଶ୍ରମିକ ଦେଇ ନୂତନ ଜୀବନ ଦେଇଥିଲେ। ହେଲେ ବର୍ତ୍ତମାନର ବିଜେପି ସରକାର ଆମକୁ ଭଣ୍ଡେଇ ମାରିବାକୁ ଚେଷ୍ଟା କରୁଛି ବୋଲି ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ସିନାପାଲି ବ୍ଲକ ମିଶନଶକ୍ତି ବିଭାଗ କହିବା ସହ ସଂଘ ତରଫରୁ ବିଭିନ୍ନ ଦାବି ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ଦାବିପତ୍ର ସିନାପାଲି ବିଡ଼ିଓ କାର୍ମୀ ଓରାମଙ୍କ ଜରିଆରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ



ମିଶନ ଶକ୍ତି ସିଇଓ, ମିଶନ ଶକ୍ତି ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ଅନୁସାରେ ଦାବୀ ଗୁଡ଼ିକ ହେଲା କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ନିର୍ଦ୍ଦିଷ୍ଟ ପାରିଶ୍ରମିକ, ପୂର୍ବପରି ସ୍ଥାୟି ଦରମା, ସ୍ଥାୟୀ ନିଯୁକ୍ତି, ଆକାଉଣ୍ଟ୍ ଜରୀଆରେ ପାଉଣା ପ୍ରଦାନ, ପ୍ରୋପୋମାନ୍ ବୋନସ ପ୍ରୋତ୍ସାହନ ବନ୍ଦ କରିବା, ୬ ମାସର ବକେୟା ରାଶି ତୁରନ୍ତ ପ୍ରଦାନ, କର୍ଯ୍ୟ ଅନୁଯାୟୀ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ ସମେତ ଅନେକ ଦାବି ନେଇ ସିନାପାଲି ବ୍ଲକ କାର୍ଯ୍ୟାଳୟ ନିକଟରେ ଧାରଣା ଦିଆଯାଇଛି। ସିନାପାଲି ବ୍ଲକର ୨୭ ପଞ୍ଚାୟତର ଏମବିକେ, ସିଆରପି, ପ୍ରାଣି ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର ସାମିଲ ରହିଛନ୍ତି।

## ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

**ଲାଞ୍ଜିଗଡ଼, ୨୪।୯(ସମିସ):** ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ଶିବିରରେ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ. ଲିଲି ରାଉତ, ଶିଶୁରୋଗ ବିଶେଷଜ୍ଞ ଡ.ଶିବପ୍ରସାଦ ଆଚାର୍ଯ୍ୟ, ଅସ୍ଥିସଲ୍ୟ ଚିକିତ୍ସକ ଡ.ଅରୁଣ ଗିରି(ଏସଆରଏମ), ଦାନ୍ତରୋଗ ବିଶେଷଜ୍ଞ ଡ.ସୌରଭ ମିଶ୍ର ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକର ୨୭ଟି ପଞ୍ଚାୟତରୁ ୧୮୨ଜଣ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ପଞ୍ଜିକରଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଧିକାରୀ ଡ଼ ଭବାନୀ ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ନାଗରିକ ତଥା ସମାଜସେବୀ ଧର୍ମୂଚାନ୍ଦ ଅଗ୍ରୱାଲ ଉଦଘାଟନ କରିଥିବା ବେଳେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ



ସିଂଦେଓ, ବିଜେପି ଲାଞ୍ଜିଗଡ଼ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିହାର ଠାକୁର, ଶିରସେନ୍ଦୁ ରକ୍ଷିତ, ଅନନ୍ତ ପଣ୍ଡା, ଲାଞ୍ଜିଗଡ଼ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପିଏଚଇଓ ଦିବାକର ପ୍ରଧାନ, ଫାର୍ମାସିଷ୍ଟ ଟୁନା ପାଣିଗ୍ରାହୀ, ବିଏଏମ ମିତ୍ରଭାନୁ ଦାସ, ବିଡିଏମ ମକରଧ୍ୱଜ ନାଏକ, ଏସଟିଏସ ସମ୍ବିତ ରଥ, ଏମଟିଏସ ସଞ୍ଜୟ ଦାସ, ଲାଞ୍ଜିଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ଯୋଗେଶ୍ୱର ସିଙ୍ଗ, ଡ.ଦେବାଶିଷ ନାୟକ, ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ନରେନ୍ଦ୍ର ନାଥ ଦାସ, ଏମଏଚଟି ଚିକିତ୍ସା ଅଧିକାରୀ ନିମାଇ ଚରଣ ଗହୀର, ତପନ କୁମାର ସାହୁ, ପ୍ରଣତି ସାମନ୍ତରାୟ, ପ୍ରଗତି ରାଉତ, ଆଶାଲତା ସାହୁ, ଖଗେଶ୍ୱର ରାଉତ, ପ୍ରିୟଙ୍କା ହାଁସଦା, ନିବେଦିତା ପ୍ରଧାନ, ଜେନାମଣି ଧାରୁଆ, ସୁଚରିତା ନାଗ, ଜଳନ୍ଧର ନାଏକ, ମିଟୁ ନାଏକ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଠିକଣା ପଚାରିବା ବାହାନାରେ ବାଇକ୍ ଲୁଟ୍

**କେସିଙ୍ଗା, ୨୪।୯ (ସମିସ):** ଦିନ ଦୁଇ ପହରରେ ମରଣାନ୍ତକ ଆକ୍ରମଣ କରି ବାଇକ୍ ନେଇଗଲେ ଚୋର। ଏପରି ଘଟଣା କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ଲିମଗାଁ ଅଞ୍ଚଳରେ ଘଟିଛି। ସୂଚନା ମୁତାବକ ତୁର୍ଲାଖମନ୍ ପଞ୍ଚାୟତ ଲିମଗାଁ ଗ୍ରାମର ରୋହିତ ବେମାଲ ଗତ ମଙ୍ଗଳବାର ଦିନ ବେଲଗାଁ ବଜାରରୁ ଘର ପାଇଁ ସଉଦା କିଣି ନିଜ ଗ୍ରାମକୁ ବାଇକ୍ ଯୋଗେ ଫେରୁଥିବା ସମୟରେ ନିଛାଟିଆ ରାସ୍ତାରେ ଦୁଇଜଣ ଅଚିହ୍ନା ବ୍ୟକ୍ତି ତାଙ୍କୁ ଅଟକାଇ ତୁର୍ଲାଖମନ୍ ଗ୍ରାମକୁ ଯିବା ପାଇଁ ରାସ୍ତା ପଚାରିବା ବାହାନାରେ ପଛପଟୁ ଜଣେ ଚୋର ଏକ ରଡ୍ ସାହାଯ୍ୟରେ ରୋହିତଙ୍କୁ ଜୋର୍‌ରେ ବାଡେଇ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ ଘଟଣା ସ୍ଥଳରେ ରୋହିତ ପଡ଼ିଯାଇଥିଲେ। ସେହି ସମୟର ଲାଭ ଉଠାଇ ଅନ୍ୟଜଣେ ଚୋର ରୋହିତଙ୍କ ବାଇକ୍ ନେଇ ଚାଲିଯାଇଥିବା ବେଳେ ଆକ୍ରମଣ କରିଥିବା ଚୋର ଜଙ୍ଗଲ ଭିତରକୁ ଫେରାର ମାରିଥିଲା। ପରେ ରୋହିତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କେସିଙ୍ଗା ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଘଟଣା ବିଷୟରେ ଖବର ପାଇ କେସିଙ୍ଗା ପୁଲିସ ସେହି ଅଞ୍ଚଳରେ ଥିବା ସିସିଟିଭି କ୍ୟାମେରାରୁ ଚୋରମାନେ ବାଇକ୍ ଚୋରି କରିନେଇ ଯାଉଥିବା ଚିତ୍ର କଏଦ୍ ହୋଇଥିବା ଦୃଶ୍ୟ ପୁଲିସକୁ ମିଳି ସାରିଥିବା ବେଳେ ଚୋରଙ୍କୁ ଠାବ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କେସିଙ୍ଗା ପୁଲିସ ଆଇଆଇସି ଜିତେନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି।

### ୧୫ ବର୍ଷରେ ନକଟିଗୁଡା ସାର୍ବଜନୀନ ଦୁର୍ଗାପୂଜା

## ରାଜସ୍ଥାନ ଜୟପୁରର ହାୱା ମହଲ ମୁଖ୍ୟ ଆକର୍ଷଣ

**ଭବାନୀପାଟଣା, ୨୪।୯(ସମିସ)**

ମାଁ ଦୁର୍ଗାଙ୍କ ପୂଜା ଉତ୍ସବରେ ସାରା ସହର ଉତ୍ସବମୁଖର ହୋଇପଡ଼ିଛି। ଶାରଦୀୟ ଦୁର୍ଗା ପୂଜା ଅବସରରେ ଭବାନୀପାଟଣା ସହର ମଧ୍ୟରେ ଏକାଧିକ ପୂଜା ମଣ୍ଡପରେ ମାଁ ପୂଜା ପାଉଛନ୍ତି। ତେବେ ନକଟିଗୁଡା ପୂଜାମଣ୍ଡପ କଥା ସମ୍ପୂର୍ଣ୍ଣ ନିଆରା। ନକଟିଗୁଡା ପୂଜା ମଣ୍ଡପ ଗତ କିଛିବର୍ଷ ଧରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟି ଆସୁଛି। ପ୍ରତିବର୍ଷ ଏଠାକାର ପୂଜା କମିଟି ପକ୍ଷରୁ ନୂଆ ନୂଆ ପରିକଳ୍ପନାର ମେଢ଼ ଓ ପୂଜାମଣ୍ଡପ ପ୍ରସ୍ତୁତ କରି ନିଜ ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ଚଳିତବର୍ଷ ନକଟିଗୁଡା ପୂଜା କମିଟି ପକ୍ଷରୁ ଢେଙ୍କାନାଳ, କଟକ କାରିଗରମାନଙ୍କ ଦ୍ୱାରା ରାଜସ୍ଥାନ ଜୟପୁରର ହାୱା ମହଲ ଆକୃତିରେ ପୂଜା ମଣ୍ଡପ ନିର୍ମାଣ କରାଯାଇଛି। ନକଟିଗୁଡା ସାର୍ବଜନୀନ ଦୁର୍ଗା ପୂଜା ୧୫ ବର୍ଷରେ ପଦାର୍ପଣ କରିଛି। ୨୦୧୧ ମସିହାରେ ନକଟିଗୁଡାରେ ସାର୍ବଜନୀନ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ନକଟିଗୁଡାରେ ରାଜସ୍ଥାନ ଜୟପୁରର ହାୱା ମହଲ ଆକୃତିର ପୂଜା ମଣ୍ଡପ ପ୍ରସ୍ତୁତ ହୋଇଛି। ଯାହାକି ପ୍ରାୟ ୧୧୫ ଫୁଟ ଲମ୍ବ ଓ ୬୨ ଫୁଟ ଉଚ୍ଚତା





ବିଶିଷ୍ଟ। ଏହି ପୂଜା ମଣ୍ଡପ ନିର୍ମାଣରେ କମିଟିର କର୍ମକର୍ତ୍ତା ଓ କୁଶଳୀ କାରିଗରମାନେ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ପୂଜା ମଣ୍ଡପର ପ୍ରବେଶପଥ ମାଁ ମାଣିକେଶ୍ୱରୀଙ୍କ ଦ୍ୱାର ମୁହଁ ଓ ମଣ୍ଡପ ନିକଟରେ ମାଣିକେଶ୍ୱରୀ ମନ୍ଦିର ସଦୃଶ ଆକୃତି ନିର୍ମାଣ ହୋଇଛି। ଏହାସହ କୋଲକାତାର ମୂର୍ତ୍ତି କାରିଗର ଓ ମନୋରଞ୍ଜନ ଲାଇଟ୍ସ ପକ୍ଷରୁ ପୂଜାକୁ ଆକର୍ଷଣ କରିବା ପାଇଁ ଫୁଲ ଦମରେ ଲାଗିଛନ୍ତି। ଚଳିତବର୍ଷ ମଧ୍ୟ ଏହି ପୂଜା ମଣ୍ଡପ ମୁଖ୍ୟ ଆକର୍ଷଣ ହେବ ବୋଲି ଆଶା ରଖିଛନ୍ତି ପୂଜା କମିଟି କର୍ମକର୍ତ୍ତା। ଭକ୍ତମାନଙ୍କ ମନରେ ଉତ୍ସାହ ଉଦ୍ଦୀପନା ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ଓ ମନୋରଞ୍ଜନର ଖୋରାକ ଯୋଗାଇବା ପାଇଁ ଆମେ ପ୍ରୟାସ କରୁଛୁ ବୋଲି ନକଟିଗୁଡା ଦୁର୍ଗାପୂଜା କମିଟିର ସଭାପତି ସାମନ୍ତ ଖମାରୀ, ସମ୍ପାଦକ ସୁକାନ୍ତ ବିଶି ଓ କୋଷାଧ୍ୟକ୍ଷ ବିରେନ୍ଦ୍ର ଖମାରୀ ପ୍ରକାଶ କରିଛନ୍ତି। ଗୁରୁବାର ଏଠାରେ କଳସ ଯାତ୍ରା ହୋଇଥିବା ବେଳେ ଶୁକ୍ରବାର ଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଯାହାକି ଆସନ୍ତା ଅକ୍ଟୋବର ୨ ବିଜୟାଦଶମୀ ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୩ ତାରିଖ ବିସର୍ଜନ ରହିଛି। ୨ରେ ଲାଖମରା ଓ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ଏଥର ପୂଜାରେ କର୍ତ୍ତା ଭାବେ ନରେନ୍ଦ୍ର କୁମାର ଦାଶ ଓ ସହଧର୍ମିଣୀ ରଶ୍ମି ପ୍ରଭା ଦାଶ ଦାୟିତ୍ୱ ତୁଲାଉଥିବାବେଳେ ସମ୍ବଲପୁର ବ୍ରାହ୍ମଣ ସମାଜର ମୁଖ୍ୟପୂଜକ ଗିରିଶ ଚନ୍ଦ୍ର ହୋତା ସହ ୫ ଜଣ ଦାୟିତ୍ୱ ତୁଲାଉଛନ୍ତି। ପୂଜା ମଣ୍ଡପ ନିକଟରେ ମିନାବଜାର ଓ ସାଂସ୍କୃତିକ କାଯ୍ୟକ୍ରମରେ ଦାଣ୍ଡିଆ ଓ ମହିଳା ଦଣ୍ଡନୃତ୍ୟ ପ୍ରମୁଖ ରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୦ଟି ସିସିଟିଭି, ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ ଓ ସାଇକେଲ ଷ୍ଟାଣ୍ଡ ବ୍ୟବସ୍ଥା କରାଯିବା ବୋଲି ଆୟୋଜକ କମିଟି ସଭାପତି ସାମନ୍ତ ଖମାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସର୍ବପୂରାତନ ଦୁର୍ଗା ପୂଜା ରୂପେ ସ୍ଥାନୀୟ ଗାନ୍ଧୀ ଛକରେ ଥିବା ମାଁ ଦୁର୍ଗାଙ୍କ ପୂଜା ଉତ୍ସବ ଆଡମ୍ବର ସହକାରେ ଚାଲିଛି। ଦୀର୍ଘ ୭୦ବର୍ଷ ହେବ ମାଁ ନିଜ ସ୍ଥାୟୀ ମଣ୍ଡପରେ ପୂଜାପାଉଛନ୍ତି ବୋଲି ପୂଜା କମିଟିର ସମ୍ପାଦକ ଶାନ୍ତନୁ ବେହେରା ପ୍ରକାଶ କରିଛନ୍ତି। ସଭାପତି ସନ୍ତୋଷ କୁମାର ପଣ୍ଡା ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଗଣ ବିଶ୍ୱପ୍ରସବିନୀ ମାଁ ଦୁର୍ଗାଙ୍କ ସେବାରେ ଲାଗିପଡ଼ିଛନ୍ତି। ଏହା ସହ ସହରର ବିଭିନ୍ନ ସ୍ଥାନରେ ଆଡମ୍ବରପୂର୍ଣ୍ଣ ମେଢସଜ୍ଜା ବର୍ଣ୍ଣାଢ୍ୟ ଆଲୋକମାଳାରେ ମଧ୍ୟରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି।

### ୫୬ବର୍ଷରେ ଧର୍ମଗଡ଼ ଶକ୍ତି ମଣ୍ଡପ ଦୁର୍ଗାପୂଜା

## ଭାରତଲୀଳା ନାଟକ ମୁଖ୍ୟ ଆକର୍ଷଣ

**ଧର୍ମଗଡ଼, ୨୪।୯ (ସମିସ):** ଧର୍ମଗଡ଼ ସହରର ସର୍ବପୂରାତନ ଦୁର୍ଗାପୂଜା ଶକ୍ତି ମଣ୍ଡପ ଦୁର୍ଗାପୂଜା ଚଳିତ ବର୍ଷ ୫୬ତମ ବର୍ଷରେ ପଦାର୍ପଣ କରିଛି। ନବଦିନାତ୍ମକ ପୂଜାରେ ମୂଖ୍ୟ ପୂଜକ ଭାବେ ନିତ୍ୟାନନ୍ଦ ପତି,



ସହଯୋଗୀ ପୂଜକ ଭାବେ ସତ୍ୟାନନ୍ଦ ପତି, ମାହେଶ୍ୱରୀ ପଣ୍ଡା ଓ ଅନିଲ କୁମାର ପାଢ଼ୀ ଦାୟିତ୍ୱ ନିର୍ବାହ କରୁଥିବା ବେଳେ କର୍ତ୍ତା ଭାବେ କୃପାସିନ୍ଧୁ ପଣ୍ଡା ଓ ପତ୍ନୀ ପ୍ରଭାତି ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। ନବ ଦିନ ବ୍ୟାପି ମା'ଙ୍କର ବିଭିନ୍ନ ରୂପରେ ରୀତିନୀତି ସହ ପୂଜାର୍ଚ୍ଚନା କରାଯିବା ସହ ଭକ୍ତଙ୍କ ପାଇଁ ପ୍ରତ୍ୟହ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି। ସମଗ୍ର ଅଞ୍ଚଳକୁ ଉଜ୍ଜ୍ୱଳ ଆଲୋକ ମାଳରେ ସୁସଜ୍ଜିତ କରାଯାଇଛି। ସ୍ଥାନୀୟ ମୂର୍ତ୍ତି କାରିଗର ସଞ୍ଜୟ କୁମାର ବେହେରା ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଥିବା ବେଳେ ପରଦେଶୀ ସୁନାନି ମଣ୍ଡପ ସାଜ ସଜ୍ଜା ଓ ଅନିରୁଦ୍ଧ ଲହଜଲ ତୋରଣ ପ୍ରସ୍ତୁତ ସହ ଆଲୋକ ସାଜ ସଜ୍ଜା କରିଛନ୍ତି। ପୂଜା କମିଟିର ସଭାପତି ପ୍ରଦୀପ କୁମାର ଦାସ, ସମ୍ପାଦକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ ରାଜେନ୍ଦ୍ର ମୁନି, ବରିଷ୍ଠ ସଦସ୍ୟ ଆଇନଜୀବୀ ସନ୍ତୋଷ କୁମାର ମେହେର, ସୁମନ୍ତ କୁମାର ପଣ୍ଡା, ବସନ୍ତ ଠାକୁର, ଆନନ୍ଦ ଅଗ୍ରୱାଲ, ଝସ କେତନ ଧଙ୍ଗଡ଼ା ମାଝୀ, ମୁକେଶ ଅଗ୍ରୱାଲ, ଅନୁପ ଅଗ୍ରୱାଲ, ମହେନ୍ଦ୍ର ଖରସେଲ ଓ ଉପଦେଷ୍ଟା ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଲିଙ୍ଗରାଜ ବେହେରା ଅଛନ୍ତି। ଧୁମ୍ ଧାମରେ ମା'ଙ୍କ ପୂଜା କରାଯାଉ ଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଦିବସରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ପ୍ରତିଦିନ ଗଞ୍ଜାମ ଜିଲ୍ଲାର ନାରାୟଣୀ ନାଟ୍ୟ ପରିଷଦର ବିଖ୍ୟାତ ଭାରତ ଲୀଳା ନାଟକ ଗାୟକ ନିଳାଞ୍ଚଳ ମିଶ୍ର ଓ ସାଥୀଙ୍କ ଦ୍ୱାରା ପରିବେଷିତ ହେଉଛି। ଆସନ୍ତା ଅକ୍ଟୋବର ୨ ତାରିଖ ବିଜୟା ଦଶମୀ ଦିନ ରାବଣ ପୋଡି ସହ ମା'ଙ୍କର ଭବ୍ୟ ଭସାଣି ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

# ସମ୍ପାଦକୀୟ



ବଞ୍ଚିବା ପାଇଁ ସ୍ୱଚ୍ଛ ବାୟୁ ଓ ସ୍ୱଚ୍ଛ ଜଳ ସମସ୍ତଙ୍କର ମୌଳିକ ଅଧିକାର।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ
THE SAKALA

## ଦୁଷ୍କର୍ମ ଓ ନିର୍ଯାତନା ବଢୁଛି

ସରକାର ବଦଳିଛି, ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ପ୍ରତିଶ୍ରୁତ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ପ୍ରତି ଆରମ୍ଭରୁ ଅଗ୍ରାଧିକାର ଦେଇ ନିଜର ସମ୍ବେଦନଶୀଳତା ଓ ସହାନୁଭୂତିଶୀଳତା ପ୍ରଦର୍ଶନ କରିଛି କ୍ଷମତାକେନ୍ଦ୍ର। ପ୍ରଚାର ଓ ପ୍ରସାରର ମୁଖ୍ୟ ଆଧାର ହେଲା ସୁଭଦ୍ରା ଯୋଜନା। ନାରୀ କେନ୍ଦ୍ରିକ ସୁଶାସନ ପ୍ରଦାନ ଆରମ୍ଭରୁ କାହିଁକି ନିର୍ଯାତନାରେ ପରିଣତ ହେଲା? ଗୃହ ଦାୟିତ୍ୱରେ ନିଜେ ଅଛନ୍ତି ମୁଖ୍ୟମନ୍ତ୍ରୀ। ଏହାସତ୍ତ୍ୱେ ରାଜ୍ୟର ଆଇନ ଶୃଙ୍ଖଳା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ବିଗିଡ଼ି ଯାଉଥିବାର ପରିଲକ୍ଷିତ ହେଉଛି। ଅପରାଧ ପ୍ରବଣତା ବୃଦ୍ଧି ପାଇବା ପୁଲିସ ପ୍ରଶାସନର ଦୁର୍ବଳତାକୁ ଇଙ୍ଗିତ କରୁଛି। ବିଳମ୍ବିତ ତଦନ୍ତ ପ୍ରକ୍ରିୟା ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଅପରାଧ ପ୍ରବଣତା ବଢୁଛି ବୋଲି କିଛି ସମାଜତତ୍ତ୍ୱବିତ୍ ମତ ଦିଅନ୍ତି। ଅଥଚ ତୁରନ୍ତ ଅନୁକମ୍ପା ରାଶି ଘୋଷଣା କରି ସରକାର ନିଜର ସମ୍ବେଦନଶୀଳତା ଜାହିର କରିଚାଲିଛନ୍ତି। କିନ୍ତୁ ଅପରାଧତତ୍ତ୍ୱଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି କରିଚାଲିଛି ଶାସନ ବ୍ୟବସ୍ଥା।

ରାଜ୍ୟରେ ନାରୀ ନିର୍ଯାତନା ମାମଲା ଏଥିମଧ୍ୟରେ ସୀମା ଅତିକ୍ରମ କରିଛି। ଗତ ୧୪ ମାସର ଶାସନ ସମୟରେ ଏହି ସଂଖ୍ୟା ୩୭,୬୧୧ ଅତିକ୍ରମ କରିଛି। ଏହା ହେଉଛି ସରକାରୀ ପରିସଂଖ୍ୟାନ। ଅର୍ଥାତ୍ ପୁଲିସରେ ମାମଲା ରୁଜୁ ହୋଇଥିବା ଘଟଣା। ଅନେକ କ୍ଷେତ୍ରରେ ପାରିବାରିକ ହିଂସା ସମ୍ମାନ ଓ ମର୍ଯ୍ୟାଦା ଦୃଷ୍ଟିରୁ ପୁଲିସ ତଦନ୍ତ ପରିସରକୁ ଆସିପାରେନି। ସେସବୁକୁ ମିଶାଇଲେ ଏହି ସଂଖ୍ୟା ଆଗକୁ କେତେ ବଢ଼ିଯିବ। ୯୧୮୧ ଅସଦାଚରଣ ମାମଲାକୁ ବାଦଦେଲେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ସଂଖ୍ୟା ୪୫୪୪ରେ ପହଞ୍ଚିଛି। ଆମ ସାମାଜିକ ବ୍ୟବସ୍ଥା କ୍ରମେ ଭୁଶୁଡ଼ି ପଡୁଥିବା ଭଳି ମନେ ହେଉଛି। ସତେଯେପରି ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ସୂକ୍ଷ୍ମ ଅନୁଭବ ଆମ ଭିତରୁ ହଜିଯାଉଛି। ବିଧାନସଭାରେ ଉପସ୍ଥାପିତ ହୋଇଥିବା ରିପୋର୍ଟ କହେ ଯେ ୨୯୩୩ ଦୁଷ୍କର୍ମ, ୧୨୭୮ ଯୌନ ନିର୍ଯାତନା ଓ ୮୨୨୭ ଅପହରଣ ମାମଲା ରୁଜୁ ହୋଇଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ଦୁଷ୍କର୍ମ ମାମଲାରେ ୩୯୪ଙ୍କୁ ଦଣ୍ଡିତ କରାଯାଇଛି।

ଆତ୍ମାହୁତି ଓ ଆତ୍ମହତ୍ୟା ପ୍ରବଣତା ଦିନକୁ ଦିନ ବୃଦ୍ଧି ପାଉଛି। କାରଣ ଓ ନିରାକରଣ ଯେତେ ବଡ଼ କଥା ନୁହେଁ, ବଡ଼ କଥା ହେଉଛି ବ୍ୟବସ୍ଥା ଉପରୁ କ୍ରମେ ଆସ୍ଥା ତୁଟୁଥିବାରୁ। ଯେଉଁଠି ନ୍ୟାୟ ଓ ସହାନୁଭୂତି ମିଳିବାର ଆଶା ତୁଟିଯାଏ ସେ କ୍ଷେତ୍ରରେ ଏଭଳି ଅପରାଧିକ ଚିନ୍ତା ମନ ଭିତରେ ଉଦ୍ରେକ ହେବା ସ୍ୱାଭାବିକ। ଗତ ୧୫ ମାସ ମଧ୍ୟରେ ୧୫ ଜଣ ଯୁବତୀ ଓ ମହିଳା ଆତ୍ମାହୁତି ହେଇଥିବା ବେଳେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବା ସତରେ ଚିନ୍ତା ଓ ଉଦ୍‌ବେଗର ବିଷୟ। ସାମ୍ପ୍ରତିକ ସମୟର ବ୍ୟୟବହୁଳ ଶିକ୍ଷା ବ୍ୟବସ୍ଥାରେ ଅଭିଭାବକଙ୍କ ଆଶା ଓ ଭରସାର କେନ୍ଦ୍ର ତାଙ୍କ ପିଲାମାନେ। ଦିନକୁ ଦିନ ପ୍ରତିକୂଳ ପରିସ୍ଥିତିର ପିଲାମାନେ ସମ୍ମୁଖୀନ ହୋଇପାରୁନଥିବା ବେଳେ ବ୍ୟବସ୍ଥାଠାରୁ ଉଚିତ୍ ନ୍ୟାୟ ପାଇବାରୁ ବଂଚିତ ହେବା କ୍ଷେତ୍ରରେ ଏହି ଆତ୍ମହତ୍ୟା ଓ ଆତ୍ମାହୁତି ଘଟଣା ପରିଲକ୍ଷିତ ହେଉଛି। ବିଶେଷକରି ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ସର୍ବସମ୍ମୁଖରେ ଆତ୍ମାହୁତି ଦେବାର ଉଦ୍ୟମକୁ ବ୍ୟବସ୍ଥିତ ଢଙ୍ଗରେ ରୋକାଯାଇପାରନ୍ତା। ଏକ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ଦାୟୀ କରାଯାଇପାରେ। ସେହିଭଳି ଅନୁଷ୍ଠାନର ଶିଥିଳତା ଓ ସମ୍ବେଦନଶୀଳତା ଅଭାବ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ଅନୁପ୍ରେରିତ କରିଥାଏ। ସତେଯେପରି ମନେ ହେଉଛି ବ୍ୟବସ୍ଥା ବିରୋଧରେ ଲଢ଼ିବାର ମାନସିକତା ପିଲାଙ୍କ ଭିତରେ ହ୍ରାସ ପାଇଛି। ଅନ୍ୟ ଏକ ଦିଗ ହେଉଛି, ଅଭିଭାବକଙ୍କ ଆଶା ଓ ଭରସାର ଅନୁରୂପ ହୋଇନପାରୁଥିବାର କ୍ଷୋଭ ବେଳେ ବେଳେ ପିଲାଙ୍କୁ ଏଭଳି ଏକ ଭୁଲ ଦିଗକୁ ଟାଣି ନେଇଥାଏ। ତେଣୁ ଶିକ୍ଷାନୁଷ୍ଠାନରେ ପିଲାଙ୍କ ଭଲ-ମନ୍ଦ ବୁଝିବା ଓ ଆବଶ୍ୟକ ସ୍ଥଳେ କାଉନସେଲିଙ୍ଗ କରିବାର ବ୍ୟବସ୍ଥା ଉପଲବ୍ଧ ହେଲେ ସେଥିରୁ ସୁଫଳ ମିଳିବାର ସମ୍ଭାବନା ରହିଛି। ●

## ତ୍ରିକୋଣୀୟ ସଂପର୍କ

ବେଲୁଚିସ୍ତାନ ସହ ଆଫଗାନିସ୍ତାନ ସୀମା ସଂଲଗ୍ନ ପାର୍ବତ୍ୟ ଅଞ୍ଚଳ ଘେରା ଖାଇବର ପଖ୍ତୁନ୍‌ଖ୍ୱା ପ୍ରଦେଶ ପାକିସ୍ତାନ ପାଇଁ ଚିନ୍ତା ବଢ଼ାଇଛି। ବାଲୋଚ୍ ମୁକ୍ତି ବାହିନୀ ଓ ତେହେରିକ୍ ଇ ତାଲିବାନ୍(ଟିଟିପି) ବିଦ୍ରୋହ ଓ ଆତଙ୍କବାଦୀ କାର୍ଯ୍ୟକଳାପର ମୁକାବିଲା କରି ନପାରି ପାକ୍ ସେନାବାହିନୀ ଦେଶବାସୀଙ୍କ ନିନ୍ଦା ଓ ଅପଯଶ ମୁଣ୍ଡାଇଛି। ସେମାନଙ୍କ ଆହ୍ୱାନର ମୁକାବିଲା କରିନପାରି ସାମରିକ ମୁଖ୍ୟ ମୁନୀର ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଇଚାଲିଛନ୍ତି। ଭାରତର ପାଲଟା କାର୍ଯ୍ୟାନୁଷ୍ଠାନର ପରିଣତି ଓ ପରିଣାମ କ'ଣ ହେଲା ସେ ସଂପର୍କରେ ଅଧିକ ଆଲୋଚନା ଅନାବଶ୍ୟକ। ଏହି ପ୍ରେକ୍ଷାପଟରେ ବିଏଲଏ ଓ ମଜିଦ୍ ବ୍ରିଗେଡ୍ ବିରୋଧରେ ନିଷେଧାଦେଶ ଜାରି ସକାଶେ ଜାତିସଂଘରେ ଚୀନ ସହାୟତାରେ ପାକିସ୍ତାନ କରିଥିବା ଉଦ୍ୟମ ବ୍ୟର୍ଥ ହୋଇଛି। ଏହି ଦୁଇ ସଂଗଠନ ବିରୋଧରେ ଯଥେଷ୍ଟ ପ୍ରମାଣ ନଥିବା ଦର୍ଶାଇ ଆମେରିକା ୟୁକ୍ରେନ ଓ ଫ୍ରାନ୍ସ ସମର୍ଥନ ନଦେବାରୁ ତାହା ଜାତିସଂଘ ନିରାପତ୍ତା ପରିଷଦରେ କାଟ୍ ଖାଇ ଯାଇଛି। ପରସ୍ପର ବିରୋଧୀ ଆମେରିକା ଓ ଚୀନ ସହ ନିବିଡ଼ କୂଟନୈତିକ ସଂପର୍କ ରଖି ପାକିସ୍ତାନ ଫାଇଦା ହାସଲ ଉଦ୍ୟମ ବ୍ୟର୍ଥ ହୋଇଛି।

ପାକିସ୍ତାନଠାରୁ ବିଚ୍ଛିନ୍ନ ହୋଇ ନିଜକୁ ସ୍ୱତନ୍ତ୍ର ଘୋଷଣା କରୁଥିବା ବେଲୁଚିସ୍ତାନ ଚୀନ ପାଇଁ ମଧ୍ୟ ମୁଣ୍ଡବ୍ୟଥାର କାରଣ ହୋଇଛି। ଗଦ୍ଦର ବନ୍ଦର ଓ ମୂଲ୍ୟବାନ ଖଣିଜ ସାମଗ୍ରୀ ଉପରେ ନଜର ଥିବା ଚୀନ କ୍ରମାଗତ ଭାବେ ବିଏଲଏ ପ୍ରତିରୋଧର ସମ୍ମୁଖୀନ ହୋଇଛି। ଅନ୍ୟପକ୍ଷରେ ଆଫଗାନିସ୍ତାନ ଆମେରିକା ନିୟନ୍ତ୍ରଣରୁ ମୁକ୍ତ ହେବା ପରେ କାବୁଲ୍ କ୍ଷମତାକେନ୍ଦ୍ର ସହ ସଂପର୍କ ରକ୍ଷା କରି ଇରାନ ସହ ସଂଯୋଗ ରକ୍ଷା ପାଇଁ ଚୀନର ମହତାକାଂକ୍ଷାର ଅନ୍ୟତମ ସହଯୋଗୀ ପାକିସ୍ତାନ। ଏହି ଭୂ-ରାଜନୈତିକ କୂଟନୀତିରେ ଆମେରିକା ଯେ ଆଗାମୀ ଦିନରେ ପ୍ରତିବନ୍ଧକ ସାଜିବ ତାହାର ପରବର୍ତ୍ତୀ ଗୋଟିଚାଳନାରୁ ସ୍ପଷ୍ଟ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଫଗାନିସ୍ତାନରେ ଥିବା ବାଗ୍ରାମ୍ ବାୟୁସେନା କେନ୍ଦ୍ର ହାତକୁ ନେବା ସକାଶେ ଆଗ୍ରହୀ। ରଣନୈତିକ ଆବଶ୍ୟକତା ଦୃଷ୍ଟିରୁ ୱାଶିଂଟନ ସେଠାରେ ଚୀନକୁ ଚେକ୍ ଦେବା ପାଇଁ ନିଜର ସ୍ଥିତି ଜାହିର କରିବାକୁ ମସୁଧା ଚଳାଇଛି। ତାଲିବାନ ସରକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ଟ୍ରମ୍ପଙ୍କ ଆଗାମୀ ପଦକ୍ଷେପ କ'ଣ ହେବ ତାହା ଆକଳନ କରିବା କଷ୍ଟକର।

ଏହି କୂଟନୈତିକ ଗଣିତରେ ପାକିସ୍ତାନର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ଏକଥା ସ୍ୱୀକାର କରିବାକୁ ପଡ଼ିବ। ସାଉଦୀ ଆରବ, ଚୀନ ଓ ଆମେରିକା ସହ ସଂପର୍କ ରକ୍ଷା କରି ସମସ୍ତଙ୍କଠାରୁ ବିନା ଦ୍ୱିଧାରେ ଇସଲାମାବାଦ ଯେ ଫାଇଦା ହାସଲ କରିପାରିବ ଏକଥା ନୁହେଁ। ଏବେ ହସ୍ତଗତ ହୋଇଥିବା ଖବରରୁ ପ୍ରକାଶ ଯେ ଆଫଗାନିସ୍ତାନ ସୀମା ସଂଲଗ୍ନ ପଖ୍ତୁନ୍‌ଖ୍ୱାର କିଛି ଅଞ୍ଚଳ ଉପରେ ଚୀନ ଯୁଦ୍ଧ ବିମାନରୁ ଘନଘନ ବୋମାମାଡ଼ କରିଛି ପାକିସ୍ତାନ। ଆତଙ୍କବାଦୀ ସଂଗଠନ ଟିଟିପି ବିରୋଧରେ ନିଜର ଆଭ୍ୟନ୍ତରୀଣ ସୁରକ୍ଷା ଦୃଷ୍ଟିରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଇସଲାମାବାଦ ବାଦି କରୁଥିଲେ ହେଁ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ଶିଶୁ ପ୍ରାଣ ହରାଇଛନ୍ତି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଆତଙ୍କୀ କାର୍ଯ୍ୟକଳାପ ଯୋଗୁଁ ଅଶାନ୍ତ ରହିଛି। ପାକ୍ ସରକାରଙ୍କ କର୍ତ୍ତୃତ୍ୱରୁ ମୁକ୍ତଥିବା ଏହି ଅଞ୍ଚଳ ଶାସନତାନ୍ତ୍ରିକ ସୁବିଧା ସୁଯୋଗରୁ ମଧ୍ୟ ବଞ୍ଚିତ। ଭୌଗୋଳିକ ଦୃଷ୍ଟିକୋଣରୁ ନିଜ ଅଞ୍ଚଳ ଦାବି କରି ଆସୁଥିବା ସରକାର ବିରୋଧରେ ଟିଟିପି ବିଦ୍ରୋହ ଘୋଷଣା କରିଆସିଛି। ବେଲୁଚିସ୍ତାନ ସହ ଏହି ଅଞ୍ଚଳ ପାକିସ୍ତାନଠାରୁ ବିଚ୍ଛିନ୍ନ ଓ ପୃଥକ ହୋଇଯିବା ସପକ୍ଷରେ ସେଠିକାର ଜନସମୁଦାୟର ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବା ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଘଟଣା। ଏଥିସହ ବିଶ୍ୱର ଦୁଇଟି ପରସ୍ପର ବିରୋଧୀ ଶକ୍ତି ସହ ଇସଲାମବାଦ ଯେଉଁ ତ୍ରିମୁଖୀ ସଂପର୍କ ରଖିଛି ତାହାର ଗତି ଓ ପ୍ରକୃତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆଗାମୀ ଦିନରେ ଏଥିଲାଗି ବେଶ ମୂଲ୍ୟ ଦେବାକୁ ପଡ଼ିବ ପାକିସ୍ତାନକୁ। ●

# ରାଜନୈତିକ କ୍ଷେତ୍ରରେ ମହିଳା ସୁରକ୍ଷା ଆଇନ

**ଡକ୍ଟର ଅବଶ ପରିଡ଼ା**

"ଭାରତୀୟ ରାଜନୀତି ଏକପ୍ରକାର କର୍ପୋରେଟ ସଂସ୍ଥା ଭଳି। ଏଠାରେ ଦଳୀୟ କର୍ମୀ, ସ୍ୱେଚ୍ଛାସେବକ, ପ୍ରଚାରକ ଏବଂ ପ୍ରାୟ ସମସ୍ତେ ଦଳର କାମରେ ଅତ୍ୟନ୍ତ ସକ୍ରିୟ ଅଂଶଗ୍ରହଣ କରିବା ସହ ନିଜକୁ ଏକ 'ଟିମ୍' ବୋଲି ଭାବନ୍ତି। ଉଭୟ ମହିଳା ହେଉ ବା ପୁରୁଷ, ଯଦି ଆପଣ ରାଜନୀତିରେ ସକ୍ରିୟ ଅଛନ୍ତି, ତେବେ ମଧ୍ୟରାତ୍ରିରେ ବ୍ୟାନର ଲଗାଇବାଠାରୁ ଆରମ୍ଭ କରି ରାଜରାସ୍ତାରେ ଧାରଣା ଦେବା ଯାଏଁ ସମସ୍ତ କାର୍ଯ୍ୟ କରିବାକୁ ଦଳରୁ ନିର୍ଦ୍ଦେଶ ଆସିଥାଏ। ଆପଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ ଏ ସବୁ କାର୍ଯ୍ୟ ସତ୍ତ୍ୱେ କର୍ପୋରେଟ ସଂସ୍ଥା ଭଳି ଆପଣ କର୍ମଚାରୀ ନୁହନ୍ତି କି ଚାକିରିରେ ନାହାନ୍ତି ଏବଂ ଆପଣଙ୍କ କିଛି 'କାର୍ଯ୍ୟ ବର୍ଣ୍ଣନା' ବା 'ଜବ୍ ଡେସକ୍ରିପସନ' ନାହିଁ।"- ଏସବୁ ଲେଖକର ନିଜସ୍ୱ ନୁହେଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତ।

କିଛିଦିନ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଘୋଷଣା କଲେ ଯେ ଯୌନ ଉତ୍ପୀଡ଼ନ ନିବାରଣ ଆଇନ (POSH) ଅନୁଯାୟୀ ରାଜନୈତିକ ଦଳଗୁଡ଼ିକ କର୍ମକ୍ଷେତ୍ର ନୁହେଁ। ଏହାର ଅର୍ଥ ହେଉଛି ରାଜନୀତି ଆନୁଷ୍ଠାନିକ କାମ ନୁହେଁ। ଏହା କେବଳ ରାଜନୀତି। ଏହାର ପୃଷ୍ଠଭୂମି କଥା ଟିକେ ଜାଣିବା। ରାଜନୈତିକ ଦଳଗୁଡ଼ିକୁ POSH ଆଇନର ପରିସରଭୁକ୍ତ କରିବା ପାଇଁ ଏକ ଆବେଦନ କରାଯାଇଥିଲା, ଯାହା ଦ୍ୱାରା ରାଜନୈତିକ କ୍ଷେତ୍ରରେ ନିୟୋଜିତ ମହିଳା, ଯେପରିକି ତୃଣମୂଳସ୍ତରରେ ଏବଂ ସ୍ୱେଚ୍ଛାସେବା କରୁଥିବା ମହିଳାକର୍ମୀମାନେ ସୁରକ୍ଷା ଓ ଆଭ୍ୟନ୍ତରୀଣ ଅଭିଯୋଗ ବ୍ୟବସ୍ଥା ପାଇପାରିବେ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଗ୍ରହଣ କରିବାକୁ ମନା କରି କହିଥିଲେ ଯେ ରାଜନୈତିକ ଦଳଗୁଡ଼ିକ POSH ଆଇନ ଅନୁଯାୟୀ 'କାର୍ଯ୍ୟସ୍ଥଳ' ନୁହନ୍ତି। ଏଠାରେ କୌଣସି ନିଯୁକ୍ତିଦାତା-କର୍ମଚାରୀ ସମ୍ପର୍କ ନାହିଁ। ଏହି କ୍ଷେତ୍ରରେ ଆଇନକୁ ବିସ୍ତାର କରିବା ଦ୍ୱାରା ଏହାର ଅପବ୍ୟବହାର କିମ୍ବା ବ୍ଲାକମେଲ୍ ହୋଇପାରେ। ମୂଳତଃ, ଅଦାଲତ ଯେକୌଣସି ପରିବର୍ତ୍ତନ ପାଇଁ କାର୍ଯ୍ୟପାଳିକାର ଦୃଷ୍ଟିକୋଣ ଉପରେ ନିର୍ଭର କରିଛନ୍ତି ବୋଲି ଯୁକ୍ତି ମଧ୍ୟ ବାଢ଼ିଥିଲେ।

ଏ କଥା ଶୁଣି ଜଣେ ମହିଳା ଦଳୀୟ କର୍ମୀ ଭାବିବା ସ୍ୱାଭାବିକ ଯେ ଯଦି ଏହା କାମ ନୁହେଁ, ତେବେ ପଚାଶ ଡିଗ୍ରୀ ଖରାରେ ମୁଁ କାହିଁକି ଏତେ ଥର ପତାକା ଧରିଥିଲି? ଶହ ଶହ ଅବୈତନିକ ଘଣ୍ଟା କ'ଣ କାର୍ଯ୍ୟ ନୁହେଁ କି? ଏହି ବିଷୟବସ୍ତୁ ମଧ୍ୟରେ ଏକ ଗମ୍ଭୀର ସାମାଜିକ ପ୍ରସଙ୍ଗ ଲୁକ୍କାୟିତ। ରାଜନୈତିକ ଦଳଗୁଡ଼ିକୁ POSHରୁ ବାଦ ଦେବା ଦ୍ୱାରା ପ୍ରଚାର, ଦଳୀୟ କାର୍ଯ୍ୟାଳୟ ଓ ରାଲିରେ ପରିଶ୍ରମ କରୁଥିବା ହଜାର ହଜାର ମହିଳା ଆଇନଗତ ସୁରକ୍ଷା ହାସଲ କରିବାରୁ ବଞ୍ଚିତ ହେବେନି ତ?

ପ୍ରାୟ ଊଣା ଅଧିକେ ଆମେ ସଭିଏଁ ଜାଣୁ ଯେ ରାଜନୀତି ହେଉଛି ଲିଙ୍ଗ ପ୍ରାଧାନ୍ୟ ଏବଂ କ୍ଷମତାର ଏକ ଅନୁଷ୍ଠାନ। ଏକ ତଥ୍ୟ ଅନୁଯାୟୀ ଭାରତୀୟ ମହିଳା ରାଜନେତାଙ୍କ ସଂଖ୍ୟା ଲୋକସଭାରେ ୧୩.୬%, ରାଜ୍ୟସଭାରେ ୧୭%, ରାଜ୍ୟ ବିଧାନସଭାରେ ୯% ଏବଂ ପଞ୍ଚାୟତ ସ୍ତରରେ ୪୬% ଅଛି। ସେହିପରି ଏକ ଅନୁମାନ ସଂଖ୍ୟା କୁହେ ଯେ ମହିଳାମାନେ ସ୍ଥାନୀୟ ଦଳୀୟ କର୍ମୀ ଭୂମିକାରେ ୨୦-୪୦% ପର୍ଯ୍ୟନ୍ତ ସାମିଲ ଅଛନ୍ତି। ରାଜନୀତିରେ କ୍ଷମତା ଏକ ପିରାମିଡ୍ ଭଳି, ଯାହାର ଶୀର୍ଷରେ ଦଳୀୟ ନେତା -ପ୍ରାୟତଃ ପୁରୁଷ, ମହିଳା ନେତ୍ରୀ, ସ୍ୱେଚ୍ଛାସେବକ, ପ୍ରଚାରକ, ଦଳୀୟ ପୁରୁଷ କର୍ମୀ ଶେଷରେ ଦଳୀୟ ମହିଳା କର୍ମୀ। ପରିବାର ଭଳି ରାଜନୀତିରେ ମଧ୍ୟ ମହିଳାଙ୍କ ଅଦୃଶ୍ୟ ଶ୍ରମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କର ଶ୍ରମ ଅତ୍ୟାବଶ୍ୟକ, କିନ୍ତୁ ଏହା ଏବେ ବି ଅଦୃଶ୍ୟ, ଅବୈତନିକ ଓ ଅପରିଚିତ।

ଅଦାଲତଙ୍କ କଥାଟି ଭାରି ସିଧା ଓ ସରଳ। ଯଦି ଆପଣ ଆନୁଷ୍ଠାନିକ ଭାବରେ ଜଣେ 'କର୍ମଚାରୀ' ନୁହନ୍ତି, ତେବେ ଆପଣ କର୍ମକ୍ଷେତ୍ର ସୁରକ୍ଷା ପାଇଁ ଯୋଗ୍ୟ କେମିତି ହେବେ? ଅବଶ୍ୟ ଏଠି ଯୁକ୍ତି ଆସିପାରେ ଯେ ରାଜନୈତିକ ଦଳଗୁଡ଼ିକ ହେଉଛି ଆନୁଷ୍ଠାନିକ ଭାବରେ ସ୍ୱେଚ୍ଛାସେବୀ ସଂଗଠନ, ଏହା ସ୍ୱେଚ୍ଛାକୃତ କାର୍ଯ୍ୟ। ଏଠି ନିଯୁକ୍ତି ଓ ବେତନ କଥା ନାହିଁ। କିନ୍ତୁ କ୍ଷମତା, ଅର୍ଥ ଓ ପ୍ରତିଷ୍ଠା ଭରପୂର। ଲିଙ୍ଗଭିତ୍ତିକ ଦୃଷ୍ଟିକୋଣ ଅନୁଯାୟୀ ପ୍ରଚାର, ସଂଗଠନ, ଆନ୍ଦୋଳନ ଭଳି ରାଜନୈତିକ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଓ ସ୍ଥାନଗୁଡ଼ିକରେ ମହିଳାମାନେ ପ୍ରାୟତଃ କମ୍ ଶକ୍ତିଶାଳୀ ପଦବୀରେ ଅଧିଷ୍ଠିତା। ତେଣୁ ଆନୁଷ୍ଠାନିକ ସୁରକ୍ଷା ସେମାନଙ୍କ ନିମନ୍ତେ ଅପରିହାର୍ଯ୍ୟ। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ଆଉ ଏକ ଯୁକ୍ତି ବାଢ଼ିଥିଲେ ଯେ ରାଜନୀତିରେ POSH ନିୟମର ଅପବ୍ୟବହାର ହେବାର ଆଶଙ୍କା ଅଧିକ। ଏହାବ୍ୟତୀତ ମହିଳାମାନଙ୍କ ଅଭିଯୋଗର ସତ୍ୟାସତ୍ୟ, ଅବିଶ୍ୱାସ ସହିତ 'ବ୍ଲାକମେଲ୍' ବିଷୟରେ ମଧ୍ୟ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି।

ଏହି ଯୁକ୍ତି ଏକ ବ୍ୟାପକ ସାମାଜିକ କାହାଣୀର ପ୍ରତିଫଳନ। ଯେମିତିକି ମହିଳାମାନେ ବ୍ୟକ୍ତିଗତ ଲାଭ ପାଇଁ ଉତ୍ପୀଡ଼ନ ଅଭିଯୋଗକୁ ଅତିରଞ୍ଜିତ କରନ୍ତି, ମିଛ କହିପାରନ୍ତି କିମ୍ବା ପୁରୁଷ ବିପକ୍ଷରେ ଏହି ଆଇନକୁ ବ୍ୟବହାର ମଧ୍ୟ କରିପାରନ୍ତି। ବିଶ୍ୱବ୍ୟାପୀ ଗବେଷଣା ଦର୍ଶାଏ ଯେ ମିଥ୍ୟା ଅଭିଯୋଗ ଅପେକ୍ଷା ପୁରୁଷ-ପ୍ରଧାନ ରାଜନୀତିରେ ଏହାର ଅପବ୍ୟବହାର ଭୟ ଅଧିକ। ଏକ ଅଧ୍ୟୟନ କୁହେ ଯେ ଯୌନ ଉତ୍ପୀଡ଼ନ ପ୍ରସଙ୍ଗରେ ମିଥ୍ୟା ଅଭିଯୋଗର ମାତ୍ରା ଦୁଇରୁ ଦଶ ପ୍ରତିଶତ। କିନ୍ତୁ ମିଥ୍ୟା ଅଭିଯୋଗ ଉପରେ ସାଧାରଣ ବିଶ୍ୱାସ ଆଶା ଠାରୁ ଅଧିକ। ଏହାର କାରଣ ହେଉଛି 'କାଷ୍ଟିଂ କାଉଚ' ଭଳି ଲୋକପ୍ରିୟ ଶବ୍ଦ ଓ '#ମିଟୁ' ଭଳି ସାମାଜିକ ଆନ୍ଦୋଳନ। 'ପ୍ରମାଣ ଭିତ୍ତିକ ନୁହେଁ', 'ଅପର୍ଯ୍ୟାପ୍ତ ପ୍ରମାଣ', 'ପ୍ରତ୍ୟାହାର କରାଯାଇଥିବା ଅଭିଯୋଗ' ଏବଂ 'ମିଥ୍ୟା ଅଭିଯୋଗ' ଭଳି ଶବ୍ଦ ମଧ୍ୟରେ ଏସବୁ ଦ୍ୱନ୍ଦ୍ୱ ଅଧିକ ହୋଇଥାଏ। ଏକ ସାଧାରଣ ଧାରଣା ଅଛି ଯେ ଯଦି ମାମଲା ଖାରଜ ହେଉଛି ତେବେ ଏସବୁ ମିଥ୍ୟା ଅଭିଯୋଗ। ସମାଜଶାସ୍ତ୍ରୀଙ୍କ ମତରେ 'ମିଥ୍ୟା ମାମଲା ଏକପ୍ରକାରର ନୈତିକ ଆତଙ୍କ', ଯାହା ମହିଳାଙ୍କ ସ୍ୱରକୁ ଅବୈଧ କରିବା ଏବଂ କ୍ଷମତା ଗଠନକୁ ଅକ୍ଷୁର୍ଣ୍ଣ ରଖିବାର ଏକ ଉପାୟ।

ଗଣତନ୍ତ୍ରରେ ରାଜନୈତିକ ଦଳ ହେଉଛି ନାଗରିକ ଓ ରାଷ୍ଟ୍ର ମଧ୍ୟରେ ଥିବା ଏକ ସାଧାରଣ ବିନ୍ଦୁ। ରାଜନୈତିକ ଦଳ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସଂସ୍ଥା ନୁହନ୍ତି। କିନ୍ତୁ କାର୍ଯ୍ୟର ଆଶା, ନିୟନ୍ତ୍ରଣ, ପଦାନୁକ୍ରମ, ପୁରସ୍କାର ଓ ଦଣ୍ଡ ଭଳି କର୍ମକ୍ଷେତ୍ର ସମାନ ଉପାଦାନ ଏଠାରେ ଅଛି। ଅନୌପଚାରିକ ଶ୍ରମର ଏକ ସମାଜିକ ଅଧ୍ୟୟନ ଦର୍ଶାଏ ଯେ ଅନେକ ଅତ୍ୟାବଶ୍ୟକ ଶ୍ରମ ଏବେ ବି ଆନୁଷ୍ଠାନିକ ସ୍ୱୀକୃତି ବିନା ବିଦ୍ୟମାନ। ଏହି ଶ୍ରମ ସମ୍ପର୍କଗୁଡ଼ିକରେ ମହିଳାମାନେ ପ୍ରାୟତଃ ଅଧିକ ବିପଦପୂର୍ଣ୍ଣ ଶୋଷଣ କିମ୍ବା ଉତ୍ପୀଡ଼ନର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜନୈତିକ ଅଂଶଗ୍ରହଣର ବାସ୍ତବତା, 'କର୍ମସ୍ଥଳ' ଓ 'କର୍ମଚାରୀ'ର ଆଇନଗତ ପରିଭାଷା ମଧ୍ୟରେ ମେଳ ନାହିଁ ବୋଲି ଆଶଙ୍କା ସୃଷ୍ଟି ହେଉଛି। POSHରୁ ରାଜନୈତିକ ଦଳଗୁଡ଼ିକୁ ବାଦ ଦେଇ ଅଦାଲତ ଏକ ଆଇନଗତ ସୀମା ଆଙ୍କି ଦେଇଛନ୍ତି ବୋଲି ବୁଦ୍ଧିଜୀବୀ ମହଲ ମତ ରଖୁଛନ୍ତି।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସମର୍ଥନ କରୁଥିବା ଏକ ମହଲ ଯୁକ୍ତି କରନ୍ତି ଯେ ଆନୁଷ୍ଠାନିକ କର୍ମକ୍ଷେତ୍ର, ନିଯୁକ୍ତିଦାତା ଓ କର୍ମଚାରୀ ସମ୍ପର୍କ ପାଇଁ POSH ଆଇନ ପ୍ରସ୍ତୁତ କରାଯାଇଛି। ଏହାକୁ ରାଜନୈତିକ ଦଳଗୁଡ଼ିକ ଉପରେ ଲଦିବା ବାସ୍ତବିକ ଭାବରେ କଷ୍ଟକର। କାରଣ ଏଥିରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଅନେକ ପ୍ରକାରର ଯଥା ସ୍ୱେଚ୍ଛାସେବୀ, ଅନୌପଚାରିକ ଓ ଅଂଶକାଳୀନ ଇତ୍ୟାଦି। ଏଣୁ ଏହା ସ୍ୱାଭାବିକ ଯେ ଏଭଳି ନିଯୁକ୍ତି ଆଇନଗତ ଅସ୍ପଷ୍ଟତା ସୃଷ୍ଟି କରିପାରେ। ସେହିପରି କେବଳ ଅପବ୍ୟବହାର ବିଷୟରେ ଚିନ୍ତା ନୁହେଁ, ବରଂ ଉଭୟ ଅଭିଯୋଗକାରୀ ଓ ପ୍ରତିପକ୍ଷଙ୍କୁ ସୁରକ୍ଷା ଦେବା ପାଇଁ ଯେକୌଣସି ଆଇନଗତ ପ୍ରସାରଣର କର୍ତ୍ତବ୍ୟ। ତେଣୁ ନିୟମ ଆଣିବା ଓ ପ୍ରୟୋଗ ବେଳେ ଏ ସବୁକୁ ଦୃଷ୍ଟିରେ ରଖିବା ଜରୁରୀ। ଅନ୍ୟ ଏକ ମହଲର ଯୁକ୍ତି ଯେ ଗଣତନ୍ତ୍ର କେବଳ ଆନୁଷ୍ଠାନିକ ଅଧିକାର ନୁହେଁ, ବରଂ ସମାନ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେଉଥିବା ଏକ ପ୍ରକ୍ରିୟା। ଯଦି ରାଜନୈତିକ ଦଳଗୁଡ଼ିକ ନିରାପଦ କର୍ମକ୍ଷେତ୍ର ଆଇନ ଅଧୀନରେ ଆସିବେ ନାହିଁ ତେବେ ଲିଙ୍ଗଗତ ଅସମାନତା, ବାଦମୁକ୍ତ ଓ ପକ୍ଷପାତୀ ହେବାର ଆଶଙ୍କା ବଢ଼ିଯାଏ।

ଯଦି POSHନିୟମ ଲାଗୁ ହେବ ନାହିଁ ତେବେ ଏହା ରାଜନୀତିରେ ଥିବା ମହିଳା କର୍ମୀଙ୍କ ପାଇଁ ଅନ୍ୟାୟ ହେବ କି? ଏହାର ସମ୍ଭାବ୍ୟ ସମାଜତାତ୍ତ୍ୱିକ ଓ ନୀତିଗତ ସମାଧାନରେ ଆଇନଗତ ସଂସ୍କାର, ଦଳ ମଧ୍ୟରେ ଏକ ସକ୍ରିୟ ଓ କାର୍ଯ୍ୟକ୍ଷମ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଆଚରଣ ସଂହିତା ଅନ୍ତର୍ଭୁକ୍ତ। ଏହାବ୍ୟତୀତ ନାଗରିକ ସମାଜ ଦ୍ୱାରା ତଦାରଖ ଓ ସମର୍ଥନ ସହିତ ଏକ ଆଦର୍ଶ ରାଜନୈତିକ ସଂସ୍କୃତିର ମଧ୍ୟ ଆବଶ୍ୟକତା ଅଛି। ତେଣୁ POSHର ଅପବ୍ୟବହାରକୁ ଦୃଷ୍ଟିରେ ରଖି ଯଦି ନିୟମ ଲାଗୁ ହୋଇନାହିଁ ତେବେ ଏହା ଅତ୍ୟନ୍ତ ଦୁଃଖଦ। ରାଜନୀତିରେ କ୍ଷମତା, ଆନୁଗତ୍ୟ, ପ୍ରତିଶ୍ରୁତିବଦ୍ଧତା ଓ ମେଣ୍ଟର ଅପବ୍ୟବହାର POSHଠାରୁ ମଧ୍ୟ ଅଧିକ ଚିନ୍ତାଜନକ। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଆମେ ଏବେ କେଉଁଠି?

**ଡ. କିଶୋର ମହାନ୍ତି**

ଦୀର୍ଘଦିନର ଜନଆନ୍ଦୋଳନର ଫଳଶ୍ରୁତି ହେଲା ସ୍ୱାଧୀନତା ପ୍ରାପ୍ତି। ଗାନ୍ଧିଜୀ ଥିଲେ ଏହାର ପଥ ପ୍ରଦର୍ଶକ। ସୁଭାଷ ଚନ୍ଦ୍ର ବୋଷ ଏ ମାଟିର ସୁଯୋଗ୍ୟ ସନ୍ତାନ। ଆଜାଦ୍ ହିନ୍ଦ୍ ଫୌଜ୍ ଗଢ଼ି ବ୍ରିଟିଶ ଏ ଭାରତ ମାଟିରୁ କିପରି ହଟିବ ତା'ର ସଙ୍କଳ୍ପ ନେଇଥିଲେ। ତେଣୁ ଯେଉଁ ଯୁଗପୁରୁଷମାନେ ଅତୀତରେ ନିଜ ଜୀବନକୁ ଉତ୍ସର୍ଗୀକୃତ କଲେ ସେମାନେ ଏବେ ବି ଜନମାନସରେ ପ୍ରକୃତରେ ଦେବତାର ଆସନରେ ଅଧିଷ୍ଠିତ ହେଇ ରହିଛନ୍ତି।

ସ୍ୱାଧୀନତା ପ୍ରାପ୍ତି ପରେ ପରେ ଆମେ ଗଣତନ୍ତ୍ର ପ୍ରତିଷ୍ଠା କଲେ ସତ, କିନ୍ତୁ ଲୋକଶାସନର ପଦ୍ଧତି ଲୋକକଲ୍ୟାଣ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା ଅଭିଯୋଗ ଅଧିକରୁ ଅଧିକ ହେଲା। ନିପୀଡ଼ିତ ଜନତାର ସୁଖ-ଦୁଃଖ କଥାକୁ ହେୟଜ୍ଞାନ କରି ବ୍ୟଭିଚାର, ପ୍ରିୟାପ୍ରୀତିତୋଷଣ ବଢ଼ି ଚାଲିଲା। ଶ୍ରେଣୀ ବିବାଦ, ଜାତିବାଦ ବିବାଦ, ସାମନ୍ତବାଦୀ ଚିନ୍ତାଧାରା ଗଣତନ୍ତ୍ରକୁ ମୂଳଲକ୍ଷ୍ୟଠାରୁ ଦୂରେଇ ନେଲା। ନିରୀହ ଜନତା, ବାସହୀନଙ୍କ ଥଇଥାନ ପାଇଁ କୌଣସି ସୁଚିନ୍ତିତ ଯୋଜନା ନାହିଁ। ସହରର ଉପାନ୍ତରେ ବସ୍ତି ସଂସ୍କୃତିର ପ୍ରତିଷ୍ଠା ହୋଇଛି। ଗୁଜୁରାଣ ମେଣ୍ଟାଉଥିବା ଓ ଛୋଟ ଛୋଟ ପରିବାରର କୁଡ଼ିଆ, ଚାଳଘର ନିର୍ମାଣ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେଇଛି। କିନ୍ତୁ ଲୋକେ ରହିବେ କେଉଁଠି?

କ୍ଷମତାସୀନ ବ୍ୟକ୍ତିବିଶେଷ ଜୀବନସାରା ପିନ୍ଧିଥିବା ଖୋଳଟାକୁ ଜାବୁଡ଼ି ଧରିଥା'ନ୍ତି। ପୁରୁଣାକାଡିର ବୋଝଗୁଡ଼ିକୁ ଖସାଇ ମଣିଷପଣର ଖୋଳ ଧାରଣ କରିବାକୁ ସେମାନେ ନାରାଜ। ଶାସକ ଓ ଶାସିତ ଭିତରେ ସୁଦୀର୍ଘ ଦୂରତା। ଏବେ ମଣିଷ ସ୍ୱାଧୀନତା ପ୍ରତି ପଦ ପଦେରେ ବିପଦ। ବନ୍ଧୁକ, ହାତକଡ଼ି, ଜେଲ ଓ ବୁଲଡୋଜର ଫଂଦା। ଯେଉଁମାନେ ସରଳ, ସ୍ୱଚ୍ଛ ସେମାନେ କୂଟକପଟତା ଓ କୂଟନୀତିର ଧାର ଧରନ୍ତିନି। ସେମାନଙ୍କ ଉପରେ ଅତ୍ୟାଚାର ହୁଏ। ସାମାଜିକ ଭୟ, ସରକାରୀ ଦମନ ପ୍ରତି ଭୟ, ନୂତନ ଚିନ୍ତା ଓ ଭାବର ଭୟ, ଆଜି ମଣିଷକୁ ବହୁ ଭାବରେ ଦହଗଞ୍ଜ କରୁଛି। ଗଣଶୋଷଣ, ଗଣଧର୍ଷଣ, ଟିକସ ଫାଙ୍କି, ଠକାମୀ, କଳାବଜାରୀ, ପ୍ରତାରଣା ଗଣତାନ୍ତ୍ରିକ ଓ ସାମାଜିକ ମୂଲ୍ୟବୋଧକୁ ତଳିତଳାନ୍ତ କରିଦେଇଛି। ଲୋକଙ୍କର ତନ୍ତ୍ର ଲୋକଙ୍କ ହାତରେ ଆଉ ନାହିଁ।

ସ୍ୱାଧୀନତାର ସାଧକ ଅବିଶ୍ରାନ୍ତ ଭାବରେ ଦୁଃଖ ଦୈନ୍ୟ, ଯାତନା, ଯନ୍ତ୍ରଣା, ଲାଞ୍ଛନା, ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରେ, ଯୁଦ୍ଧ କରେ। ସେହିପରି ସ୍ୱାଧୀନଚେତା ସାଧକର ଲହୁ ଲୁହର କାହାଣୀ ଆମକୁ ବିସ୍ମୃତ କରେ। ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆଜିର ଜନନେତାମାନେ ଜନସାଧାରଣଙ୍କ ସ୍ୱାର୍ଥରକ୍ଷା, ଅଧିକାର ସୁରକ୍ଷା ଓ କଲ୍ୟାଣ ସାଧନ ପ୍ରତି ସେମାନଙ୍କଠାରୁ ପ୍ରତ୍ୟାଶିତ ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ନିଷ୍ଠାର ନ୍ୟୂନତା ପ୍ରକଟ କରୁଛନ୍ତି। ବିଶେଷତଃ କ୍ଷମତା ପ୍ରଲୋଭନ ତାଙ୍କୁ ଜନସାଧାରଣଙ୍କ ସେବଠାରୁ ଦୂରେଇ ରଖୁଛି। ପ୍ରଥମତଃ ଅର୍ଥବଳ, ବାହୁବଳ ପ୍ରୟୋଗ, କ୍ଷମତାକୁ ହାତମୁଠାରେ ରଖି ସେ ଦେଇଥିବା ପ୍ରତିଶ୍ରୁତି ଭୁଲିଯାଏ। ଫଳରେ ବିକାଶରେ ବାଧା ଉପୁଜେ।

ଏଠି ସରକାର କହିଲେ, ନେତା, ପ୍ରଶାସନ ଓ ଜନସାଧାଣରଙ୍କ ଦ୍ୱାରା ପରିଚାଳିତ ଶାସନ ବ୍ୟବସ୍ଥା। ଏଠି ଜନତାର ସହଭାଗିତା ଓ ସହଯୋଗିତା ନଥିଲେ କୌଣସି ଯୋଜନା କାର୍ଯ୍ୟକାରୀ ହେବାରେ ପ୍ରତିବନ୍ଧକ ଉପୁଜେ। କଥାରେ କୁହନ୍ତି ଦୁର୍ନୀତି ଗିଳେ ପ୍ରଗତି। ଦୁର୍ନୀତି ଯେଉଁ ପରିମାଣରେ ବୃଦ୍ଧି ପାଇବ ସେହି ପରିମାଣରେ ପ୍ରଗତି କ୍ଷେତ୍ରରେ ଯୋଜନା ତ୍ୱରାନ୍ୱିତ ହେବା ସମ୍ଭବପର ହୋଇପାରେ ନାହିଁ। ଏଥିପାଇଁ ପ୍ରଶାସନ କଳ ଯେତିକି ଦାୟୀ, ସେତିକି ଦାୟୀ ନେତା ଓ ମନ୍ତ୍ରୀ। ଅମଲାମାନଙ୍କର କାର୍ଯ୍ୟ ପାଇଁ କୁଣ୍ଠା ପ୍ରକାଶ ଏବଂ ହାତଗୁଞ୍ଜା ଦେବାରେ ଦୁର୍ନୀତିକୁ ସର୍ବାନ୍ତକରଣରେ ଆମେ ଉତ୍ସାହିତ କରୁଛେ ବୋଲି କହିବାକୁ ହେବ। ଏଥିପ୍ରତି ଜନସାଧାରଣଙ୍କ ସଚେତନତା ଲୋଡ଼ା। ଜନସାଧାରଣ ସକ୍ରିୟ ହେଲେ ଏହାକୁ କେବେ ହେଲେ ପ୍ରଶ୍ରୟ ଦେବେ ନାହିଁ। ଏଠାରେ ସହଭାଗିତା ଓ ସହଯୋଗିତା ହିଁ ଲୋଡ଼ା ପଡ଼େ।

କହିବାକୁ ଗଲେ କଳାବଜାର, ସରକାରୀ ଅର୍ଥ ଭାଗବଣ୍ଟା, ଅଣ୍ଟାଗୁଞ୍ଜା, ଲାଇସେନ୍ସ, ପରମିଟ୍ ବିକ୍ରି, ରେସନ ଜିନିଷ ହରଣଚାଳ ଏସବୁ ଦୁର୍ନୀତି ଆଜି ସମାଜକୁ ରୁଗ୍ଣ କରିବାକୁ ବସିଲାଣି। ପୂଜା ଧ୍ୱଜା ପ୍ରଭୃତି ସାମାଜିକ ଚଳଣି ରୂପେ ପ୍ରଚଳିତ ହେବା ଫଳରେ ସାମାଜିକ ମୂଲ୍ୟବୋଧ ବିଡ଼ମ୍ବିତ ହେବା ସଙ୍ଗେ ସଙ୍ଗେ ଜାତୀୟ ଚରିତ୍ରର ମଧ୍ୟ ସ୍ଖଳନ ଦେଖାଦେଉଛି। କିଛି କିଛି ଭୟ ଆଜି ସାଧାରଣଙ୍କ ମନରେ ଅହେତୁକ ଆଶଙ୍କା ସୃଷ୍ଟି କରୁଛି। ଶାସକ ଓ ଶାସିତ ଭିତରେ ସମନ୍ୱୟ ନାହିଁ। ନେତା ଓ ଜନତା ମଧ୍ୟରେ ଯେଉଁ ଦୂରତା ଥିଲା ତାହା ଏବେ ବି ରହିଛି।

ଗଣତନ୍ତ୍ରରେ ପୁଞ୍ଜିବାଦର ଅବୈଧ ପ୍ରବେଶ ଗଣତାନ୍ତ୍ରିକ ଚେତନାକୁ ଦୂଷିତ କରୁଛି। ସଭ୍ୟତା ଓ ଆଧୁନିକତା ନାଁରେ ମଣିଷକୁ କିଭଳି ଦୁର୍ବଳ ଓ ପଙ୍ଗୁ କରି ଦିଆଯାଉଛି ତାହା ମଧ୍ୟ ଆଜିର ସମାଜ ପ୍ରତି ଦୃଷ୍ଟିପାତ କଲେ ଭଲ ଭାବରେ ଜଣାପଡ଼େ। ସ୍ୱାଧୀନତା ପରବର୍ତ୍ତୀ ସମାଜରେ ଯେଉଁସବୁ ସମସ୍ୟା ଦେଖା ଦେଉଛି ତାହା ଆମରି ଦ୍ୱାରା ସୃଷ୍ଟ ବୋଲି ବୁଝିବାକୁ ହେବ। ଏଥିପାଇଁ ଆଶୁ ସମାଧାନ ପାଇଁ ସାଧାରଣ ଜନତା ଅଣ୍ଟା ଭିଡ଼ିବା ଦରକାର। ●

ମୋ: ୯୪୩୭୭୨୮୪୭୫

# ଅନ୍ନଦାଶଙ୍କର : ଅଳ୍ପଦିନର ଅତିଥି, ସୀମାହୀନ ସଂପ୍ରୀତି

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

'ଆହା ଯଉବନ ଥରେ ଗଲେ ଆଉ ଆସେନା, ବୃଥା ବିଧୂର ପରାଣ ପୂରେ ଝୁରେ ବାସନା।' - ଯୌବନର ଉଷ୍ମତାକୁ ଅନ୍ନଦାଶଙ୍କର ଅନୁଭବ କରିଥିଲେ ଯଥାର୍ଥ ଭାବରେ। ଯୌବନ-ବିହୀନ ଜୀବନ କାହାକୁ କ'ଣ ଭଲ ଲାଗେ? ସେଥିପାଇଁ କବି ଗାଇଥିଲେ -'ଯଉବନ ସାଥେ ଯାଉ ଜୀବନ ମୋର'। ଭଗବାନଙ୍କ କରୁଣାରୁ ସେ ପ୍ରାୟ ୯୮ ବର୍ଷ ବୟସ ପର୍ଯ୍ୟନ୍ତ ରହିଲେ ମର୍ତ୍ତ୍ୟଭୂମିରେ। କିନ୍ତୁ ଯୌବନ ଅତିକ୍ରମ କରିବା ପୂର୍ବରୁ ସେ ଓଡ଼ିଆ ସାହିତ୍ୟ ଜଗତରୁ ବିଦାୟ ନେଇ ପ୍ରବେଶ କଲେ ବଙ୍ଗଳା ସାହିତ୍ୟ କ୍ଷେତ୍ରକୁ। ଯୌବନ-ଦୀପ୍ତି ସ୍ତିମିତ ହୋଇଯିବା ଯୋଗୁଁ ସେ ଝୁରି ହୋଇଥିବେ ଅତୀତକୁ ନିଶ୍ଚୟ। କିନ୍ତୁ ଓଡ଼ିଆ ପାଠକମାନେ ତାଙ୍କର ଏ ଆକସ୍ମିକ ପ୍ରସ୍ଥାନରେ ବେଦନା-ବ୍ୟଥିତ ପ୍ରାଣରେ ତାଙ୍କୁ ସ୍ମରଣ କରିଛନ୍ତି ଅତି ଆନ୍ତରିକ ଭାବରେ।

୧୯୩୧ରେ 'ପଥେପ୍ରବାସେ' ନାମକ ବଙ୍ଗଳା ପୁସ୍ତକ ରଚନା ପରେ ସେ ଯେଉଁ ସୁଖ୍ୟାତି ଲାଭ କଲେ, ତାହା ହିଁ ଓଡ଼ିଶାରୁ ବିଦାୟ ନେବାର କାରଣ ବୋଲି ଅନେକେ ମନେ କରନ୍ତି। ସେ ନିଜେ ମଧ୍ୟ ଏକାଧିକ ସ୍ଥାନରେ ସ୍ୱୀକାର କରିଛନ୍ତି ଯେ ବଙ୍ଗଳା ସାହିତ୍ୟର ପାଠକ ସଂଖ୍ୟା ଓଡ଼ିଆ ତୁଳନାରେ ବହୁ ଅଧିକ ବୋଲି ସେ ବଙ୍ଗଳା ସାହିତ୍ୟ-ସୃଜନରେ ନିଜକୁ ନିମଗ୍ନ ରଖିଲେ। ଅଠର ବର୍ଷ ବୟସରେ ସେ ପ୍ରବେଶ କରନ୍ତି ଓଡ଼ିଆ ସାହିତ୍ୟ-ଭୂମିକୁ। ତରୁଣ କାଳରେ ଜଣେ ସାହିତ୍ୟ ସ୍ରଷ୍ଟା ଯେପରି ସାମାଜିକ ପରିବର୍ତ୍ତନର ପ୍ରେରଣା ଅନୁଭବ କରେ ଅନ୍ନଦାଶଙ୍କର ତାହା ହିଁ କରିଛନ୍ତି। ସବୁକଥାକୁ ମାନି ନ ନେବା ତାରୁଣ୍ୟର ଧର୍ମ ବୋଲି ପ୍ରତିପାଦନ କରିଛନ୍ତି ବଳିଷ୍ଠ ଭାବରେ। 'ପ୍ରଳୟ ପ୍ରେରଣା' ନାମକ କବିତା ରଚନା କରି ସମାଜର ମିଥ୍ୟା, ପ୍ରତାରଣା ଆବର୍ଜନାର ସ୍ତୂପ ଭାଙ୍ଗିଦେଇ ନୂତନ ସମାଜ ଗଠନର ପରିକଳ୍ପନାରେ ଅଧୀର ହୋଇ ଉଠିଛନ୍ତି। ଅଥଚ ତାଙ୍କର ଏହି ବୈପ୍ଳବିକ ବିଚାର ତାଙ୍କ ମନର ଅସ୍ଥିରତା ବୋଲି ଅନୁଭବ କରି ପ୍ରିୟ ପ୍ରଣୟିନୀ ଉଦ୍ଦେଶ୍ୟରେ କହିଛନ୍ତି - ଶୁଣିବ ଯଦି ଶୁଣ ଗୋ ରାଣୀ, ସେ ନୁହେଁ ମୋର ମରମବାଣୀ / ସେ ନୁହେଁ ମନ କଥା ମୋ, ଯେ ଗୀତ ଦେଲି ସେ ଦିନ ଗାଇ ସେ ଗୀତେ ମୋର ହୃଦୟ ନାହିଁ ନାହିଁ ସେ ଗୀତେ ବ୍ୟଥା ମୋ।'

ତା'ହେଲେ କବିଙ୍କ ଜୀବନର ଆଭିମୁଖ୍ୟ କ'ଣ? ସେ କହିଲେ - 'ଯିବି ପଳାଇ ଦୂରେ ସୁଦୂରେ ସପନ ଲୋକେ ଗୋପନ ପୂରେ ଗ୍ରହ ତାରକା ଏଡ଼ାଇ, ଯଉବନର ଝରଣା କୂଳେ ମଳୟ ଯହିଁ ନିୟତ ବୁଲେ କୁସୁମ କେତୁ ଉଡ଼ାଇ।' ପ୍ରଣୟିନୀ ସହିତ ସେ ପଳାୟନ କରିବାର ସମ୍ବାଦ କାହିଁ? ବରଂ ଓଡ଼ିଶା ଛାଡ଼ି ଦେଇ ବଙ୍ଗଳା ରାଜ୍ୟକୁ ପ୍ରବେଶ କରିଥିବାର ସତ୍ୟତା ଅବିସମ୍ବାଦିତ।

୧୯୨୧-୨୬ ମସିହା ମଧ୍ୟରେ ମାତ୍ର କେତୋଟି କବିତା ଆଉ ଉଚ୍ଚକୋଟୀର ପ୍ରବନ୍ଧ ଲେଖି ସେ ତୀବ୍ର ଆଲୋଡ଼ନ ସୃଷ୍ଟି କଲେ। 'ସବୁଜ ଅକ୍ଷର' ନାମକ ପୁସ୍ତକରେ ତାହା ସଂକଳିତ ହୋଇ ରହିଛି। କବି ପଦ୍ମଚରଣ, ସମର ଓ ସାହିତ୍ୟ, ମଥୁରା ମଙ୍ଗଳ, ଶାନ୍ତିନିକେତନ, ଜର୍ଜ ବର୍ଣ୍ଣାଡ଼ ଶ ଙ୍କ ସମ୍ପର୍କରେ ତାଙ୍କ ମୌଳିକ ଚିନ୍ତନ ପ୍ରକଟିତ। 'ବାସନ୍ତୀ' ଉପନ୍ୟାସର କେତୋଟି ପରିଚ୍ଛେଦ ମଧ୍ୟ ତାଙ୍କ ଦ୍ୱାରା ରଚିତ। ଓଡ଼ିଆ ଭାଷାରେ ସେ ଯେଉଁ ନୂତନ ଛନ୍ଦ-ସ୍ପନ୍ଦନ ସୃଷ୍ଟି କରିଗଲେ ତାହା ପାଠକମାନଙ୍କ ଅନ୍ତରକୁ ଉଦବେଳିତ କରିଦେଇଥିଲା ଏବଂ ଆଜିବି ତାହା ଏକାନ୍ତ ସ୍ମରଣୀୟ ହୋଇ ରହିଛି। ଓଡ଼ିଆ ସାହିତ୍ୟ ସୃଜନରୁ ସେ ବିରତି ନେଇଥିଲେ ମଧ୍ୟ ଓଡ଼ିଶା ପ୍ରତି ତାଙ୍କ ହୃଦୟର ଆକର୍ଷଣ ଆଦୌ ମଳିନ ପଡ଼ିଯାଇ ନଥିଲା। ଓଡ଼ିଶାର ଲେଖକ/ ପାଠକଙ୍କୁ ଦେଖିବା ମାତ୍ରକେ ତାଙ୍କ ଅନ୍ତର ପୁଲକିତ ହୋଇ ଉଠୁଥିଲା। ବଙ୍ଗଳା ସାହିତ୍ୟକୁ ପରିମାଣାତ୍ମକ ଦୃଷ୍ଟିରୁ ତାଙ୍କ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ। ଓଡ଼ିଆ ସାହିତ୍ୟରେ ତାଙ୍କ ସୃଷ୍ଟି ସ୍ୱଳ୍ପ ହେଲେ ମଧ୍ୟ ସେ ସ୍ୱତନ୍ତ୍ର ମର୍ଯ୍ୟାଦାରେ ବିଭୂଷିତ। ଗୁଣାତ୍ମକ ଦୃଷ୍ଟିରୁ ଏହାର ମୂଲ୍ୟ ଯେ ନିଶ୍ଚୟ ଚିରସ୍ମରଣୀୟ। ଓଡ଼ିଆ ସାହିତ୍ୟର ସେଥିଲେ ସଚେତନ ଶ୍ରଦ୍ଧାଶୀଳ ପାଠକ ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ। ପୁଣି ତାଙ୍କ ବଙ୍ଗଳା କୃତିର ଓଡ଼ିଆ ଅନୁବାଦ ପାଇଁ ସେ ସର୍ବଦା ଦେଇଆସିଛନ୍ତି ସାନନ୍ଦ ସ୍ୱୀକୃତି। ଓଡ଼ିଶା ହିଁ ହେଉଛି ତାଙ୍କ କବିତ୍ୱପୂର୍ଣ୍ଣ ଶିଶୁ-ଆତ୍ମାର ଯଥାର୍ଥ ଜନ୍ମଦାତ୍ରୀ। ଜଣେ ସାଧୁ ସାହିତ୍ୟ ସାଧକ ଭାବରେ ସେ ଥିଲେ ବିଶ୍ୱସାହିତ୍ୟ ପ୍ରତି ସର୍ବଦା ଅନୁରକ୍ତ। ସାହିତ୍ୟକୁ କୌଣସି ସୀମାରେଖା ମଧ୍ୟରେ ଆବଦ୍ଧ କରି ରଖିବା ସପକ୍ଷରେ ନଥିଲେ କେବେ ସେ। ସୁଦୀର୍ଘ ୪୦ ବର୍ଷରୁ ଅଧିକ କାଳ ସେ ସମ୍ପୃକ୍ତ ରହିଥିଲେ ସବୁଜ ଧାରାର ସାହିତ୍ୟ ସାଧକମାନଙ୍କ ସହିତ। ବନ୍ଧୁ-ବାତ୍ସଲ୍ୟ ସାହିତ୍ୟ ଜଗତକୁ କିପରି ସମୃଦ୍ଧ କରିପାରେ ତା'ର ଦୃଷ୍ଟାନ୍ତ ହେଉଛି 'ସବୁଜ ଯୁଗ' ବୋଲି ସେ କରିଥିବା ମତବ୍ୟକ୍ତ ପ୍ରେରଣାପ୍ରଦ ନିଶ୍ଚିତ ଭାବରେ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ମାତିଲେ 'ଜେନ୍ ଜେଡ୍'...

ମେଡିକାଲରେ ଭର୍ତ୍ତି କରାଯାଇଛି। ଆନ୍ଦୋଳନ ଓ ଅନଶନ ସତ୍ତ୍ୱେ ସରକାର ଲଦାଖ ଦାବି ଉପରେ ବିଚାର କରୁନଥିବାରୁ ଏହି ସଂଗଠନର କର୍ମକର୍ତ୍ତା ଆଜି ବନ୍ଦ ପାଳନ ପାଇଁ ଆହ୍ୱାନ ଦେଇଥିଲେ। ଆଜି ବନ୍ଦ ପାଳନ ବେଳେ ଏଭଳି ହିଂସା ହୋଇଥିଲା। ବିକ୍ଷୋଭ ପ୍ରଦର୍ଶନ ବେଳେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲେ ଯୁବ ଆନ୍ଦୋଳନକାରୀ। ସେମାନେ ପୁଲିସ ଉପରକୁ ଟେକାମାଡ଼ କରିଥିଲେ। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିଚାଳନା କରିବାରୁ ଯୁବକ ଓ ଛାତ୍ର ଗୋଷ୍ଠୀ ଉତ୍ତ୍ୟକ୍ତ ହୋଇ ବିଭିନ୍ନ ସ୍ଥାନରେ ଅଫିସ ଓ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଏପରିକି ସେମାନେ ସିଆର୍‌ପି ଗାଡ଼ି ଓ ବିଜେପି ଅଫିସରେ ମଧ୍ୟ ନିଆଁ ଲଗାଇଦେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ ଗୁଳି ଚଳାଇବାକୁ ପଡ଼ିଥିଲା। ଏଥିରେ ୪ ଯୁବ ଆନ୍ଦୋଳନକାରୀ ପ୍ରାଣ ହରାଇଛନ୍ତି। ଲଦାଖ ଆନ୍ଦୋଳନକାରୀମାନେ ମୁଖ୍ୟତଃ ୪ଟି ଦାବି ଉପସ୍ଥାପନ କରିଛନ୍ତି। ଲଦାଖକୁ ରାଜ୍ୟ ମାନ୍ୟତା, ଷଷ୍ଠ ଅନୁସୂଚୀ ଅନୁସାରେ ସାମ୍ବିଧାନିକ ସୁରକ୍ଷା, କାରଗିଲ ଓ ଲେହକୁ ଦୁଇଟି ଭିନ୍ନ ଭିନ୍ନ ଲୋକସଭା ସିଟ୍‌ର ମାନ୍ୟତା ଏବଂ ସରକାରୀ ଚାକିରିରେ ସ୍ଥାନୀୟ ଲୋକଙ୍କୁ ଭର୍ତ୍ତି ପାଇଁ ଦାବି କରୁଛନ୍ତି।

### ଚାଉଳ ବକେୟା...

ହେଉନାହାନ୍ତି। ବକେୟା ଅର୍ଥ ପାଇଁ ଆମେ କେନ୍ଦ୍ର ସରକାରଙ୍କ ସହ ପୁଣିଥରେ ଆଲୋଚନା କରିବୁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରୁ ବଳକା ଚାଉଳ ଉଠାଇବା ପାଇଁ ଆମେ କେନ୍ଦ୍ର ସରକାରଙ୍କୁ ଆଲୋଚନା କରିଛୁ। ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରାଧୀନ ରହିଛି। ଯଦି ଏଥିରେ ବିଳମ୍ବ ହୁଏ, ତେବେ ଚାଉଳ ନଷ୍ଟ ହେବା ପୂର୍ବରୁ ବଳକା ଚାଉଳକୁ ଆମେ ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଧାୟକ ପ୍ରତାପ ଦେବ ୨୦୨୪-୨୫ ଆର୍ଥିକ ବର୍ଷରେ ଉଭୟ ଖରିଫ ଏବଂ ରବି ଋତୁରେ କେତେ ଧାନ ସଂଗ୍ରହ ହୋଇଛି, ସେଥିରୁ କେତେ ଚାଉଳ ଉତ୍ପାଦନ କରାଯାଇଛି, କେତେ ଚାଉଳ ଏଫସିଆଇ ସଂଗ୍ରହ କରିଛି ଏବଂ କେତେ ଚାଉଳ ବଳକା ରହିଛି, ସରକାର ବଳକା ଚାଉଳ କେଉଁଠି ରଖିଛନ୍ତି ସେ ସମ୍ପର୍କରେ ଗୃହକୁ ଜଣାଇବାକୁ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ୨୦୨୪-୨୫ ଆର୍ଥିକ ବର୍ଷରେ ପିଡିଏସ ବାବାଦରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ପ୍ରଦାନ କରାଯାଇଛି। ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଛୁ। ଅତିରିକ୍ତ ଚାଉଳ ଉଠାଣ ପାଇଁ କେନ୍ଦ୍ରକୁ ଅନୁରୋଧ କରିଛୁ ବୋଲି ମନ୍ତ୍ରୀ ଉତ୍ତର ଦେଇଥିଲେ। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ ଯେ ରାଜ୍ୟର କେତେ ବଳକା ଚାଉଳ ଏଫସିଆଇ ନେଇଛି ? କେନ୍ଦ୍ର ପାଖରେ କେତେ ବକେୟା ରହିଛି ବୋଲି ପ୍ରଶ୍ନ କରିଥିଲେ । ମନ୍ତ୍ରୀ କହିଥିଲେ ଯେ ଆମେ ବଳକା ଚାଉଳ ନେବା ପାଇଁ କେନ୍ଦ୍ର ନିକଟରେ ଅନୁରୋଧ କରିଛୁ। ରାଜ୍ୟ ସରକାର ଚାଉଳ ଗଚ୍ଛିତ ରଖିବା ଲାଗି ଗୋଦାମ କରିବେ। ୧୦ ଲକ୍ଷ ମେଟ୍ରିକ୍ ଟନ୍ ବାଳକ ଚାଉଳ ଗଚ୍ଛିତ ରଖିବା ଲାଗି ସରକାର ଗୋଦାମ ଖୁବଶୀଘ୍ର ନିର୍ମାଣ କରିବେ। ରାଜ୍ୟରେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ବଳକା ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ବିଜେଡି। ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ ବିଜେପି ବିରୋଧୀ ଦଳରେ ଥିବା ବେଳେ ବିଜେଡି ଓ ମିଲରଙ୍କ ମଧୁଚନ୍ଦ୍ରିକା ଚାଲିଛି ବୋଲି ଅଭିଯୋଗ କରୁଥିଲେ। ଏବେ ସେମାନେ ସେହି ଅବସ୍ଥାରେ ଅଛନ୍ତି ବୋଲି ଶ୍ରୀ ଦେବ କଟାକ୍ଷ କରିଛନ୍ତି ।

### କାହା ନିୟନ୍ତ୍ରଣରେ...

ବାରମ୍ବାର ଅନୁରୋଧ ସତ୍ତ୍ୱେ କେନ୍ଦ୍ର ସରକାର କିମ୍ବା ଏଫସିଆଇ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପଦଟିଏ ପାଟି ଫିଟାଉ ନାହାନ୍ତି। ତେଣୁ ଏଫ୍‌ସିଆଇ ଏବେ କାହା ନିୟନ୍ତ୍ରଣରେ ରହିଛି ବୋଲି ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୁନଶ୍ଚ ଓଡ଼ିଶାର ବଳକା ୧୩ ଲକ୍ଷ ମେଟ୍ରିକ ଟନ ଚାଉଳ ଏବେ କଣ ହେବ ବୋଲି ପ୍ରଶ୍ନ ଉଠିଛି। ଟେଣ୍ଡର ମାଧ୍ୟମରେ ଚଉଳ ବିକ୍ରି ପାଇଁ ମଙ୍ଗଳବାର ବିଧାନସଭାରେ ଯୋଗାଣ ମନ୍ତ୍ରୀ ବିବୃତି ରଖିଥିଲେ ହେଁ ଏହାକୁ ନେଇ ବିଶେଷଜ୍ଞ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏତେ ପରିମାଣର ଚାଉଳ କିଏ କ୍ରୟ କରିବ, ସରକାର ସଠିକ୍ ମୂଲ୍ୟ ପାଇବେ କି ନାହିଁ ସେନେଇ ଏବେଠାରୁ ଆକଳନ କରିବା କଷ୍ଟ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ୨୦୦ ଗୁଣ୍ଡା ଲଗାଇ...

ଉଠାଇଛନ୍ତି କଂଗ୍ରେସ ବିଧାୟକ। ଗୃହରେ ଆମର ସୁରକ୍ଷା ବାଚସ୍ପତିଙ୍କ ଦାୟିତ୍ୱ। ଏଥିପାଇଁ ଆପଣଙ୍କୁ ଗୃହରେ ଜବାବ୍ ଦେବାକୁ ପଡ଼ିବ। ନ ହେଲେ ଇତିହାସ ଆପଣଙ୍କୁ ନିନ୍ଦା କରିବ ବୋଲି କଂଗ୍ରେସ ବିଧାୟକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗକୁ ଉତ୍ଥାପନ କରି କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ଆମେ ଗତ ଅଧିବେଶନରେ ଗୃହ ମଧ୍ୟରେ ଥିବାବେଳେ ଆମକୁ ୧୫୦-୨୦୦ ଗୁଣ୍ଡା ଆସି ଜୁଲମ କଲେ। ଆମ ମୁଦି, ଘଡି, ଚଷମା ଛଡ଼ାଇ ନେଲେ। ତାଙ୍କ ପ୍ରତି କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ସେନେଇ ଏଯାବତ୍ କୁହାଗଲା ନାହିଁ। ଏହି ପବିତ୍ର ଗୃହରେ ବିଧାୟକଙ୍କ ସୁରକ୍ଷା ବାଚସ୍ପତିଙ୍କର ବୋଲି କହିଥିଲେ କଂଗ୍ରେସ ବିଧାୟକ ଦଳ ନେତା। ବିଧାୟକ ତାରା ପ୍ରସାଦ ବାହିନୀପତି କହିଥିଲେ ଯେ ବିଧାନସଭାରେ ଆମେ ଗୃହ କମିଟି ଗଠନ କରିବାକୁ ଦାବି କରିଥିଲୁ; ମାତ୍ର ଆମକୁ ନିଲମ୍ବନ କରାଗଲା। ଦୁର୍ଭାଗ୍ୟଜନକ ଭାବେ ଆମକୁ ରାତି ଅଧରେ ପୁଲିସ ଡ୍ରେସରେ ଗୁଣ୍ଡା ଲଗାଇ ମାଡ ମରାଗଲା। ସଂସଦୀୟ ମନ୍ତ୍ରୀ ଆମକୁ କିପରି ଗାଳି ଦେଲେ ସାରା ଜଗତ ଜାଣନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆମ ଉପରେ କାର୍ଯ୍ୟାନୁଷ୍ଠାନ ଆମ ଉପରେ ଗ୍ରହଣ କରାଗଲା। କଂଗ୍ରେସ ବିଧାୟକମାନେ ଗୃହରେ ନାରାବାଜି କରିବା ସହ କକ୍ଷତ୍ୟାଗ କରିଥିଲେ।

### ସମ୍ବଲପୁର ଉବୁଟୁବୁ...

ହୀରାକୁଦ କେଚ୍‌ମେଣ୍ଟ ଏରିଆରେ ବର୍ଷା ହେବା ଫଳରେ ହୀରାକୁଦ ଜଳସ୍ତର ବୃଦ୍ଧି ପାଇଛି। ଜଳଭଣ୍ଡାରରେ ୧୬ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଯଦି ଆଜି ରାତିରେ ପୁଣି ବର୍ଷା ହୁଏ ଏବଂ ହୀରାକୁଦ ଜଳଭଣ୍ଡାରର ଅଧିକ ସଂଖ୍ୟାରେ ସ୍ଲୁଇସ୍ ଗେଟ୍ ଖୋଲାଯାଏ ତେବେ ପଛୁଆପାଣି ଦ୍ୱାରା ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବ। ଗତକାଲିର ଲଗାଣ ବର୍ଷାରେ ସମ୍ବଲପୁର ସହରର ହୀରାକୁଦ କଲୋନୀ, ମୁଦିପଡ଼ା ଲେବର କଲୋନୀ, ଏନ୍‌ଗୁହା ଲେନ୍‌ର ନୂଆପଡ଼ା, ବୁଢ଼ାରଜା, ପ୍ରଧାନପଡ଼ା, କମିଶନର୍ସ କଲୋନୀ ପଛପାଖ, ଚାରଭାଟି, କୁଲୁଥକାନି, ପୁଟିବନ୍ଧ, ଧନୁପାଲି, ଦୁର୍ଗାପାଲି, ବରେଇପାଲି ଶିଳ୍ପାଞ୍ଚଳ, ଲକ୍ଷ୍ମୀଟକିଜ ଛକ ଆଦିର ତଳିଆ ଅଞ୍ଚଳରେ ବର୍ଷାରେ ଘର ମାନଙ୍କରେ ପାଣି ପଶିଛି। ଫାଟକ ଷ୍ଟେସନରୁ କ୍ଷେତରାଜପୁର ପଟକୁ ଥିବା ରାସ୍ତାକଡ଼ ଜଳପ୍ରବାହ ନାଳ ବନ୍ଦ ଯୋଗୁଁ ଦେଉଳବନ୍ଧ ଅଞ୍ଚଳର କେତେକ ଘରମାନଙ୍କରେ ମଧ୍ୟ ପାଣି ପଶିଯାଇଥିବା ଜଣାପଡ଼ିଛି। କ୍ଷେତରାଜପୁର ଚନ୍ଦନ ନଗର, ମନ୍ଦଲିଆ, କୁମ୍ଭାରପଡ଼ା, ହାଉସିଂବୋର୍ଡ ଓ ଦଶମତୀ କଲୋନୀ ଭଳି ତଳି ଅଞ୍ଚଳର ନାଳରେ ନର୍ଦ୍ଦମାଜଳ ସହ ବର୍ଷା ଜଳ ମିଶି ଘର ମାନଙ୍କରେ ପ୍ରବେଶ କରୁଥିବା ଦେଖାଯାଇଥିଲା। ପ୍ରାୟ ୪ ଘଣ୍ଟା ପରେ ଜମା ହୋଇଥିବା ଜଳସ୍ତର ଧିରେ ଧିରେ ହ୍ରାସ ପାଇଥିଲା। ଖାଲୁଆ ସ୍ଥାନରେ ମହାନଗର ନିଗମ ପକ୍ଷରୁ ମୋଟର ପମ୍ପ ଲଗାଇ ଜଳ ନିଷ୍କାସନ କରାଯାଇଥିଲା। ଏନ୍‌ଏସ୍‌ସିବି କଲେଜ ପୁଟିବନ୍ଧ ଅଞ୍ଚଳରେ ହରଡ଼ଯୋର ସହ ସମଗ୍ର ଅଞ୍ଚଳ ପାଣି ଜମି ଘର ମାନଙ୍କରେ ପଶିଯାଇଥିଲା। ବର୍ଷା ଯୋଗୁଁ କେତେକ ସ୍ଥାନରେ ଗଛ ପଡ଼ିଥିବାବେଳେ ଜଳାର୍ଣ୍ଣବ ହୋଇଥିବାରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୦୧୮ ମସିହା ଜୁଲାଇ ୨୨ ତାରିଖରେ ରେକର୍ଡ ୫୧୦ ମିଲିମିଟର ବର୍ଷାରେ ହାଉସିଂବୋର୍ଡ କଲୋନୀର ଗୋଟିଏ ମହଲା ପର୍ଯ୍ୟନ୍ତ ପାଣିରେ ବୁଡ଼ି ଯାଇଥିଲା। ସେହି ସମୟରେ ସମ୍ବଲପୁରରେ ୧୧୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ସର୍ଭେ ହୋଇ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା ଯାହାକୁ ନୂତନ ସରକାର ଶୀତଳଭଣ୍ଡାରକୁ ଠେଲି ଦେଇଛନ୍ତି। ବର୍ଷେ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ସମ୍ବଲପୁର ଡ୍ରେନେଜ୍ ମାଷ୍ଟର ପ୍ଲାନ କେବଳ ଘୋଷଣାରେ ରହିଯାଇଛି। ଏଯାବତ୍ ସେହି ଦିଗରେ ଅଗ୍ରଗତି ହୋଇନାହିଁ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କ ସହ ଏକ ଜରୁରୀକାଳୀନ ଦଳ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହଯୋଗରେ ଜଳସ୍ରୋତ ଅବରୋଧମୁକ୍ତ ଏବଂ ଆବଶ୍ୟକସ୍ଥଳେ ରିଲିଫ୍ ସେଣ୍ଟରରେ ପହଞ୍ଚାଇଥିଲେ। ଜିଲ୍ଲାପାଳ ସମ୍ବଲପୁରର ହାଉସିଂବୋର୍ଡ କଲୋନୀ, ଗୋପାଳମାଳ ଶାନ୍ତିନଗର, ଫାଟକ ମାଳିପଡ଼ା, ପୁଟିବନ୍ଧ ଆଦି ବନ୍ୟା ପ୍ରଭାବିତ ଅଞ୍ଚଳକୁ ଯାଇ ସମୀକ୍ଷା କରି ତ୍ୱରିତ୍ ପଦକ୍ଷେପ ନେବାକୁ କହିଥିଲେ। ବିଶେଷ କରି ବନ୍ୟାଜଳ ଜମା ହେବାକୁ ନଦେଇ ନିଷ୍କାସନ ବ୍ୟବସ୍ଥାକୁ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ପ୍ରଭାବିତ ଲୋକଙ୍କ ପାଇଁ ଶୁଖିଲା ଓ ରନ୍ଧାଖାଦ୍ୟ, ପାନୀୟ ଜଳ, ଅସ୍ଥାୟୀ ଆଶ୍ରୟଗୃହ ବ୍ୟବସ୍ଥା ଏବଂ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିବା ପାଇଁ କହିଥିଲେ।

ଅପରପକ୍ଷେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୨୧ ତାରିଖ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ପହଞ୍ଚିଥିବାବେଳେ ତାହାକୁ ବଜାୟ ରଖାଯାଉଛି। ଆଜି ସକାଳ ୬ଟାରେ ହୀରାକୁଦ ନଦୀବନ୍ଧର ୮ଟି ଗେଟ୍ ଖୋଲାଥିବାବେଳେ ପର୍ଯ୍ୟାୟକ୍ରମେ ଆଉ ୮ଟି ସ୍ଲୁଇସ ଗେଟ୍ ଖୋଲାଯାଇଛି। ଏହାକୁ ମିଶାଇ ମୋଟ ୧୬ଟି ସ୍ଲୁଇସ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି।

ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୫୮ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୧ଟି ଓ ଡାହାଣ ପାର୍ଶ୍ୱର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୫,୬୩୭ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୯୮,୨୨୪ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୬୨,୫୯୨ ଘନଫୁଟ ଜଳପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧,୮୦୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୮୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୬,୫୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୩୧,୩୬୧ ଘନଫୁଟ, ଖଇରମାଳଠାରେ ୩,୮୫,୦୦୦ ଘନଫୁଟ, ବାରମୁଲଠାରେ ୧,୩୨,୨୫୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୧,୩୨,୬୦୨ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୪୧.୭୨ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୬୬.୨୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ବ୍ରହ୍ମପୁରରୁ ସୁରତ୍‌କୁ ଗଡ଼ିବ ଅମୃତ ଭାରତ ଏକ୍ସପ୍ରେସ୍

ଭୁବନେଶ୍ୱର,୨୪।୯ (ସମିସ): ଓଡିଶାରୁ ଗୁଜରାଟକୁ ଚାଲିବ ଅମୃତ ଭାରତ ଏକ୍ସପ୍ରେସ୍। ଏହି ଟ୍ରେନ୍ ବ୍ରହ୍ମପୁରରୁ ସୁରତ୍ ପର୍ଯ୍ୟନ୍ତ ଯିବ। ଉଦଘାଟନୀ ଟ୍ରେନ୍‌କୁ ବ୍ରହ୍ମପୁର ରେଳ ଷ୍ଟେସନରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ାରୁ ସେପ୍ଟେମ୍ବର ୨୭ (ଶନିବାର)ରେ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଟ୍ରେନ୍ ବିଜୟନଗରମ୍-ରାୟଗଡା-ଟିଟିଲାଗଡ଼-ରାୟପୁର-ନାଗପୁର-ଭୁସାୱାଲ ଦେଇ ପ୍ରମୁଖ ସହର ଏବଂ ନଗର ଗୁଡିକୁ ସଂଯୋଗ କରିବ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଏକାଧିକ ପ୍ରମୁଖ ଜିଲ୍ଲାକୁ ଏହି ଟ୍ରେନ୍ ସଂଯୋଗ କରିବ। ବ୍ରହ୍ମପୁର ଏବଂ ସୁରଟ (ଉଧନା) ମଧ୍ୟରେ ଚାଲିବାକୁ ଥିବା ଏହି ଅମୃତ ଭାରତ ଏକ୍ସପ୍ରେସ୍ ଖଣିଜ, ବୟନଶିଳ୍ପ ଏବଂ ବାଣିଜ୍ୟ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି, ବ୍ୟବସାୟ ଏବଂ ଶ୍ରମଶକ୍ତିର ଗତିବିଧିକୁ ସମର୍ଥନ କରି ଆର୍ଥିକ ଏବଂ ଶିଳ୍ପ ଗତିଶୀଳତାକୁ ବୃଦ୍ଧି କରିବ। ଅମୃତ ଭାରତ ଟ୍ରେନ୍ ସେବା ଆଧୁନିକ ଏଲଏଚବି କୋଚ୍, ଉନ୍ନତ ଆସନ ବ୍ୟବସ୍ଥା ଏବଂ ଆଧୁନିକ ଅନବୋର୍ଡ ସୁବିଧା ମାଧ୍ୟମରେ ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ । ଏହା ବ୍ୟତୀତ, ଏହି ଟ୍ରେନ୍ ଯାତ୍ରା ସମୟ ହ୍ରାସ କରି ଏବଂ ଏକାଧିକ ଟ୍ରେନ୍ ବଦଳାଇବାର ଆବଶ୍ୟକତାକୁ ଦୂର କରି ଯାତ୍ରୀମାନଙ୍କ ପାଇଁ ଯାତ୍ରା ସୁବିଧାକୁ ବୃଦ୍ଧି କରିବ। ଟ୍ରେନ୍ ନଂ. ୦୯୦୨୨ ବ୍ରହ୍ମପୁର-ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ ଶନିବାର ୧୨ଟାରେ ବ୍ରହ୍ମପୁରରୁ ଛାଡ଼ି ପରଦିନ ଅର୍ଥାତ ରବିବାର ରାତି ୯ଟା ସମୟରେ ଉଧନାରେ ପହଞ୍ଚିବ। ଏହି ଟ୍ରେନ୍ ପଲାସା, ବିଜୟନଗରମ୍, ରାୟଗଡା, ଟିଟିଲାଗଡ଼, ରାୟପୁର, ନାଗପୁର, ଭୁସାୱାଲ ଏବଂ ନନ୍ଦୁରବାର ସମେତ ପ୍ରମୁଖ ଷ୍ଟେସନରେ ରହଣି କରିବ।

## ହାଇୱା ଧକ୍କାରେ ୩ ଯୁବକ ମୃତ

ସାନଖେମୁଣ୍ଡି,୨୪।୯ (ସମିସ): ଆସିକା-ଦିଗପହଣ୍ଡି ଜାତୀୟ ରାଜପଥ ୩୨୬ ନମ୍ବର ପାଟପୁର ଥାନା ମହାନଳା ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶେରଗଡ଼ରୁ ପାଇପ୍ କାମ ସାରି ବାଇକ୍‌ରେ ଫେରୁଥିବା ୩ ଜଣ ଯୁବକଙ୍କୁ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଦିଗପହଣ୍ଡି ପନ୍ଦରାସାହିର କାଳିଆ ବେହେରା ଓ ଦିଗପହଣ୍ଡି ଅଞ୍ଚଳ ସାହିର ଅଶ୍ୱିନୀ କୁମାର ଦୋରା ଓ ବାଳକୃଷ୍ଣ ରେଡ୍ଡି। ପ୍ରକାଶ ଯେ, କାଳିଆ, ବାଳକୃଷ୍ଣ ଓ ଅଶ୍ୱିନୀ ଶେରଗଡ଼ରେ ଏକ ପାଣି ପାଇପ୍ କାମ ସାରି ବିଳମ୍ବିତ ସନ୍ଧ୍ୟାରେ ଗୋଟିଏ ବାଇକ୍‌ରେ ଫେରୁଥିଲେ। ଦିଗପହଣ୍ଡିରୁ ପାଟପୁର ଅଭିମୁଖେ ଯାଉଥିବା ବେଳେ ଏକ ହାଇୱା (ଓଡ଼ି୦୫ଏଫ୍-୯୦୦୧) ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ହାଇୱାଟି ବାଇକ୍‌କୁ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ ପରେ ଏକ ବିଲ ଭିତରକୁ ପଶିଯାଇଥିଲା। ଫଳରେ ଘଟଣା ସ୍ଥଳରେ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲା। ପାଟପୁର ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଭ୍ୟାନ୍‌ରେ ମୃତକଙ୍କୁ ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

पावरग्रिड POWERGRID

### ନୋଟିସ

୧. "ପୂର୍ବ ଅଞ୍ଚଳ ବିସ୍ତାର ଯୋଜନା - XXX (ERES-XXX)" ଅନ୍ତର୍ଗତ ସମ୍ପତ୍ତି ପାଇଁ ମାପ ଶୁଳ୍କ ନିର୍ଣ୍ଣୟ ପାଇଁ ଅନୁରୋଧ, ପୂର୍ବ ଅଞ୍ଚଳ ରେ ଏଲେକ୍ଟ୍ରିସିଟି ଆକ୍ଟ, 2003 ର ସେକ୍ସନ 62 ସହିତ ସେକ୍ସନ 79 (1) (d) ଅନୁସାରେ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ (ବ୍ୟବସାୟ ଚାଳନା ସମ୍ପର୍କିତ) ନିୟମାବଳୀ, 2023 ର ସେକ୍ସନ 15 (1) (a) ଓ ସେକ୍ସନ 23 ଅନୁସାରେ, ସହିତ କେନ୍ଦ୍ରୀୟ ଇଲେକ୍ଟ୍ରିସିଟି ରେଗୁଲେଟରୀ କମିଶନ (ମାପ ଶୁଳ୍କ ନିୟମ ଓ ସର୍ତ୍ତ) ନିୟମାବଳୀ 2024 ପଢ଼ିବା ସହିତ।

୨. ପୂର୍ବ ଅଞ୍ଚଳ ରେ ଉପରୋକ୍ତ ଟ୍ରାନ୍ସମିଶନ୍ ସିଷ୍ଟମ୍ ର ଲାଭାର୍ଥୀ: i) ବିହାର ରାଜ୍ୟ ଶକ୍ତି (ହୋଲ୍ଡିଂ) କମ୍ପାନୀ ଲିମିଟେଡ୍, ii) ପଶ୍ଚିମ ବଙ୍ଗ ରାଜ୍ୟ ଇଲେକ୍ଟ୍ରିସିଟି ବିତରଣ କମ୍ପାନୀ ଲିମିଟେଡ୍, iii) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡିଶା ଲିମିଟେଡ୍, iv) ଡାମୋଡାର୍ ଭ୍ୟାଲି କର୍ପୋରେସନ୍, v) ପାୱାର୍ ବିଭାଗ, ସିକିମ୍ ସରକାର, vi) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍।

୩. ଅନୁମୋଦିତ ପୁଞ୍ଜୀ ଖର୍ଚ୍ଚ (ରୁ. ଲକ୍ଷରେ), ବ୍ୟବସାୟିକ କାର୍ଯ୍ୟାରମ୍ଭ ତାରିଖ ଓ ମୋଟ ଅନୁମାନିତ ପୁଞ୍ଜୀ ଖର୍ଚ୍ଚ (ରୁ. ଲକ୍ଷରେ):

| Asset | Approved Capital cost (Rs in Lakhs) | DOCO | Total Estimated Capital cost (Rs in Lakhs) |
|---|---|---|---|
| Asset-1 | 1125.00 | 21.06.2025 | 1704.48 |

୪. ଟାରିଫ୍ ବିବରଣୀ:

କ) ୨୦୨୪-୨୯ ବ୍ଲକ୍ — ଟଙ୍କା (ଲକ୍ଷରେ)

| SI No | Name of the asset | 2024-25 | 2025-26 | 2026-27 | 2027-28 | 2028-29 |
|---|---|---|---|---|---|---|
| 1 | Asset-1 | 0 | 194.14 | 279.25 | 295.10 | 292.25 |

୫. ଏହି ସୂଚନାର ଏକ ପ୍ରତି ଏବଂ ଟାରିଫ୍ ନିର୍ଣ୍ଣୟ ପାଇଁ ଦାଖଲ ହୋଇଥିବା ଆବେଦନର ଏକ ନକଲ ଆବେଦକଙ୍କର ୱେବସାଇଟ୍ www.powergrid.in ରେ ଅପଲୋଡ୍ କରାଯାଇଛି।

୬. ଟାରିଫ୍ ନିର୍ଣ୍ଣୟ ପାଇଁ ପ୍ରସ୍ତାବଗୁଡ଼ିକ ବାବଦରେ କୌଣସି ପ୍ରସ୍ତାବ କିମ୍ବା ଆପତ୍ତି ଥିଲେ, ସେଗୁଡ଼ିକୁ କୌଣସି ବ୍ୟକ୍ତି (ଲାଭଭୋଗୀଙ୍କ ସହିତ) ସଚିବ, କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ, ୬, ୭ ଏବଂ ୮ମ ତଳ, ଟାୱର-ବି, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ନରୋଜି ନଗର, ନୂଆଦିଲ୍ଲୀ - ୧୧୦୦୨୯ (କିମ୍ବା ଆୟୋଗ କାର୍ଯ୍ୟାଳୟର ଅନ୍ୟାନ୍ୟ ଠିକଣାରେ) ୩୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ ଏବଂ ଏହାର ଏକ ନକଲ ଆବେଦକଙ୍କ କର୍ପୋରେଟ୍ କାର୍ଯ୍ୟାଳୟର ଠିକଣାକୁ ପଠାଇବାକୁ ପଡିବ।

ସ୍ଥାନ: ଗୁରୁଗ୍ରାମ — ସ୍ୱା/-

ତାରିଖ: ୨୫.୦୯.୨୦୨୫ — ସାଧାରଣ ପ୍ରବନ୍ଧକ (ବ୍ୟବସାୟିକ)

PG/CC/NIT-41/Ad-51/25-26 Paramin

**POWER GRID CORPORATION OF INDIA LTD**
(A Government of India Enterprise)
Reg. Office : B-9, Qutab Institutational Area, Katwaria Sarai, New Delhi-110 016
Corp. Office : "Saudamini", Plot No. 2, Sector-29, Gurugram-122001, (Haryana)
www.powergrid.in, CIN : L40101DL1989GOI038121
A Maharatna PSU

---

GOVERNMENT OF ODISHA — B-565
OFFICE OF THE SUPERINTENDING ENGINEER GANJAM [R&B] DIVISION NO.II, BERHAMPUR
Phone/Fax: 0680-2233996, e-mail: sernb2.ganjam@gmail com
INVITATION FOR BIDS (IFB) [e-Procurement]

**TENDER CALL NOTICE**

**Bid Identification No. SC (R&B)-GM-II-15/2025-26 No.8368** — **Dated.16.09.2025**

1) The Superintending Engineer, Ganjam [R&B] Division No. II, Berhampur on behalf of Governor of Odisha invites percentage **rate bid** in single cover system to be received in **ONLINE MODE** only for the work as detailed below:
2) Nature of Work : Electrical work
3) No. of work : 09 Nos.
4) Tender Cost : Rs.6,000/-
5) Class of Contractor : Authorized dealer / Distributor (specialized agency for fire work must with MOU with ELBO) Electrical Contractor
6) Availability of bid documents : From 23.09.2025 10.00 AM to 10.10.2025 4.00 P.M. in the website
7) Date of opening of Bid : 13.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in

OIPR-34080/11/0032/2526

(Sd/- S. Panigrahi)
Superintending Engineer
Ganjam (R&B) Division No.II

---

यूनियन बैंक ऑफ इंडिया Union Bank of India

କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଦେଓଗଡ଼ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଦ୍ୱିତୀୟ), ୨୦୦୨ (୨୦୦୨ର ଧାରା ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଦେଓଗଡ଼ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀ ସୁଦାମ କୁମାର ପ୍ରଧାନ,** ପିତା: ବଙ୍ଗାଳୀ ପ୍ରଧାନ, **୨) ଶ୍ରୀମତୀ ସୁମିତ୍ରା ସାମଲ,** ସ୍ୱାମୀ: ଶ୍ରୀ ସୁଦାମ କୁମାର ପ୍ରଧାନ, **୩) ଶ୍ରୀ ବଙ୍ଗାଳୀ ପ୍ରଧାନ,** ପିତା: ହରିହର ପ୍ରଧାନ, ସମସ୍ତଙ୍କ ଠିକଣା ସା: ଭୁକାବେଡ଼ା, ଟାଇଁସର, ଦେଓଗଡ଼ - ୭୬୮୧୦୮ | ତା.୦୮.୦୪.୨୦୨୫ ସୁଦ୍ଧା ଟ.୪,୪୪,୫୯୨.୮୯ + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୦୮.୦୪.୨୦୨୫ / ୨୨.୦୯.୨୦୨୫ | ଶ୍ରୀ ବଙ୍ଗାଳୀ ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ଖାତା ନଂ.: |

୩୬, ପ୍ଲଟ୍ ନଂ.: ୨୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର ୦.୦୮ ଡିସିମିଲି, ପ୍ଲଟ୍ ନଂ.: ୨୬୯, କ୍ଷେତ୍ର: ଏକର୦.୦୮ ଡିସିମିଲି, ପ୍ଲଟ୍ ନଂ.: ୨୭୦, କ୍ଷେତ୍ର: ଏକର୦.୧୪ ଡିସିମିଲି, ପ୍ଲଟ୍ ନଂ.: ୩୦୮, କ୍ଷେତ୍ର: ଏକର୦.୦୬ ଡିସିମିଲି, ପ୍ଲଟ୍ ନଂ.: ୩୧୦, କ୍ଷେତ୍ର: ଏକର୦.୦୫ ଡିସିମିଲି, ପ୍ଲଟ୍ ନଂ.: ୩୧୧, କ୍ଷେତ୍ର: ଏକର୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୧୨, କ୍ଷେତ୍ର: ଏକର ୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୨୪, କ୍ଷେତ୍ର: ଏକର୦.୦୪ ଡିସିମିଲି, ପରିମିତ **ସମୁଦାୟ କ୍ଷେତ୍ର: ଏକର ୦.୫୧ ଡିସିମିଲି,** କିସମ: ଘରବାରୀ, ଥାନା ନଂ.: ୧୬୦, ମୌଜା: ଭୁକାବେଡ଼ା, ଜିଲ୍ଲା: ଦେଓଗଡ଼, ଓଡ଼ିଶା - ୭୬୮୧୦୮, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ଜମି, ଦକ୍ଷିଣ: ରମେଶ ପ୍ରଧାନ, ପୂର୍ବ: ହେମନ୍ତ ପ୍ରଧାନ, ପଶ୍ଚିମ: ରାସ୍ତା

**ସ୍ଥାନ: ସମ୍ବଲପୁର, ତାରିଖ: ୨୪.୦୯.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

---

**AFFIDAVIT**

By virtue of an Affidavit vide No-02/23.09.2025 before the executive Magistrate, Tigiria I Rukaya Bibi W/o Harun Khan resident of Vill-Karadapalli, Po/Ps-Tigiria, Dist-Cuttack declare that I have changed my name from Rokia Bibi to Rukaya Bibi. Henceforth I shall be known as **Rukaya Bibi** for all purpose.

**AFFIDAVIT**

By virtue of an affidavit before the Executive Magistrate, Badamba on Dt. 13/08/2025 I Sumanta Kumar Sahoo S/o-Narasingha Sahoo Village-Biswambarpur, Po/Ps-Badamba, Dist-Cuttack declare that I have changed my name Banamali Sahoo to Sumanta Kumar Sahoo. Henceforth I will known as **Sumanta Kumar Sahoo** for all purposes.

**AFFIDAVIT**

I, Md Parvez Alam, S/o-Mohammad Zafar Alam, resident of Plot No- 41, Sri Chandan Colony, At/Ps-Badagada, Po- Badagada Brit Colony, Bhubaneswar-751018, Odisha declare by this affidavit No. 32211, date-23/09/2025, that now onwards, I shall be known as **PARVEZ ALAM** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/09/2025. I, **Nila Barik** (new name), formerly called as Lilabati Barik (old name), W/o- Karuna Barik, permanent resident of At-Junani, PO- Badi, PS- Khariar, Dist-Nuapada, (Odisha), PIN- 766107 now residing at the same place affirm that I have changed my name from **Lilabati Barik** (old name) to **Nila Barik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Nila Barik** (new name).

**Nila Barik**

**AFFIDAVIT**

I, Gita Patnaik, w/o - Prafulla Kumar Pattanayak, resident of Plot No. 49, Krishna Niwas, Rasulgarh, New Colony, Bhubaneswar, PO: Rasulgarh, Dist: Khorda, Pin: 751010, Odisha declare by the affidavit No. 528 dtd. - 20/09/2025 that now onwards I shall be known as **GITA PATTANAYAK** for all future purposes.

**AFFIDAVIT**

I, Prafula Kumar Patnaik, S/o - Late Natabar Pattanayak, resident of Plot No. 49, Krishna Niwas, Rasulgarh, New Colony, Bhubaneswar, PO: Rasulgarh, Dist: Khorda, Pin: 751010, Odisha declare by the affidavit No. 527 dtd. - 20/09/2025 that now onwards I shall be known as **PRAFULLA KUMAR PATTANAYAK** for all future purposes.

**AFFIDAVIT**

By Virtue of an affidavit before the Executive Magistrate, Bhubaneswar, **I, Rajesh Kumar Behera,** S/o.: Karunakar Behera, At: Talugu Basti, Sahid Nagar, PO./P.S.: Sahid Nagar, Bhubaneswar, Dist.: Khurda, Odisha, PIN-751007 have changed my name from Rajesh Kumar Das to **Rajesh Kumar Behera**. Henceforth I shall be known as **Rajesh Kumar Behera**, for all future purposes.

**PUBLIC NOTICE**

It is for general information, I **TANKALA DHANESWAR**, S/o Tankala Laxmi Narayan R/o Qtr. No. C/533, Koel Nagar, Near Jhirpani Police Station, Sector-C Block, Raurkela, (M), Sundergarh, Rourkela-14, Odisha, 769014 declare that name of mine and my father has been wrongly written as **T DHANESWAR** and **T LAXMI NARAYAN** in my service records. The actual name of mine and my father are **TANKALA DHANESWAR** and **TANKALA LAXMI NARAYAN** respectively which may be amended accordingly.

Sd- **TANKALA DHANESWAR**


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Banbash Choudhury S/o Late Krushna Chandra Choudhury, Resident of Deulasahi, New Colony, SBI Lane, Shelter Chhak, PO-Tulasipur, Dist-Cuttack, PIN-753008, Odisha declare by this affidavit No.8324 dtd 23.09.2025 that now onwards I shall be known as **BANABASH CHOUDHURY** for all future purposes.

**AFFIDAVIT**

I, Satrughanu Sahoo S/o Late Gangadhar Sahoo, Resident of At/Po-Kiajhar, PS-Tomka, Dist-Jajpur, PIN-755019, Odisha declare by this affidavit No.384 dtd 24.09.2025 that now onwards I shall be known as **SATRUGHAN SAHOO** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nandapur dated 24/09/2025 I Rita Kamudi, D/o-Sudharsan Kamudi, W/o- Sunil Kumar Sarsang resident of Vill.- Rasaput, Po.- Kularsingh, Ps.- Padwa, Dist.- Koraput, Odisha, Pin- 764038 declare that I have changed my name from **Nirmal Kamudi** to **Rita Kamudi.** Henceforth, I shall be known as **Rita Kamudi** for all purposes.

Sd/- **Rita Kamudi**

**AFFIDAVIT**

I, Saikh Abdul Hakim, aged about 79 years, S/o- Rostam Ali, resident of Santa Sahi, PO-Tarakote, PS- Korei, Dist- Jajpur, PIN-755025, Odisha declared by this affidavit SL No. 1977, dtd-24/09/2025 that now onwards I shall be known as **SK ABDUL HAKIM** for all future purposes.


**SALE**

TATA YODHA CREW CAB, Model - 2023, Registration No-OD-04-T-8204, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days


**AFFIDAVIT**

I, Mohammad Alam, S/o-Mahammad Suleman, resident of Village-Alinagar, Champua, PO/PS- Champua, Dist-Keonjhar, Odisha, PIN-758041 declared by this affidavit CF No. 5637, dtd- 22/09/2025 that now onwards I shall be known as **MAHAMMAD ALAM** for all future purposes.

**AFFIDAVIT**

I, Krishna Paspuredy, S/o- Late Sahadeb Paspureddy, resident of At-Landahati, Po-Lalusahi, Ps- Gurandi, Dist- Gajapati, Pin-761212, Odisha declared by this affidavit No. A/119, dtd- 23/09/2025 that now onwards I shall be known as **KRISHNA PASPUREDDY** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dated- 20/09/2025. I, **Binodini Ray,** W/o Sudhir Chandra Ray, resident of Plot No. 833, Biradar Sahi, Near Shiv Temple, Patia, PO- Patia, PS-Chandra-sekharpur, Bhubaneswar, Dist-Khordha, Odisha declare that, after marriage with Sudhir Chandra Ray I have changed my name / surname from **Binodini Singhsamanta** to **Binodini Ray.** Henceforth, I shall be known as **Binodini Ray** for all future purposes.

**AFFIDAVIT**

By virtue of an affidavit No. 5661 sworn before the Executive Magistrate, Champua dated- 23/09/2025, I **Bikash Mahanta,** resident of Vill/P.o - Uchabali, Ps-Baria, Dist- Keonjhar, Odisha, Pin-758044 declare that I have changed my name from **Bhagiratha Mohanta to Bikash Mahanta.** Henceforth I shall be known as **Bikash Mahanta** for all future purposes.

**Bikash Mahanta**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 24/09/2025. I, **Ananga Bag** (Applicant name), Son of Shankara Bag, Permanent resident of At-Dejuri, PO- Naren, PS- Titilagarh, Dist- Balangir, (Odisha), PIN-767066, now residing at the same place affirm that I have changed my minor daughter's name from **Neha Bag** (old name) to **Niharika Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Niharika Bag** (new name).

**Ananga Bag**

**AFFIDAVIT**

I, Dharyadhar Adjuad, S/o- Ananda Adjuad, resident of At-Jagua, Po-Jagua, Titlagarh, Dist- Balangir, Pin-767066, Odisha declared by this affidavit No. 02, dtd- 18/08/2025 that now onwards I shall be known as **DHAIRYADHAR ADJUAD** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-23/09/2025. I, **Surjyakanti Routray** (new name), formerly called as Surjyakanti Barik (old name), D/o-Krushna Kumar Routray, permanent resident of At- Junani, PO- Badi, PS-Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Surjyakanti Barik** (old name) to **Surjyakanti Routray** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Surjyakanti Routray** (new name).

**Surjyakanti Routray**

# ନୂଆପଡ଼ାରେ ଉପନିର୍ବାଚନ;ଚାଲିଛି ପ୍ରାର୍ଥୀ ଖୋଜା

## ବିଜେଡିରେ ଶ୍ରଦ୍ଧାଞ୍ଜଳି, କଂଗ୍ରେସରେ ପୁରୁଣା ମୁହଁ

## ବିଜେପିରେ ଅନ୍ତର୍ଦ୍ୱନ୍ଦ୍ୱ

ନୂଆପଡା,୨୪।୯(ସମିସ): ନୂଆପଡାର ପୂର୍ବତନ ବିଧାୟକ ତଥା କ୍ୟାବିନେଟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ଆକସ୍ମିକ ମୃତ୍ୟୁ ପରେ ଖୁବ ଶୀଘ୍ର ଉପନିର୍ବାଚନ ହେବା ଏକ ପ୍ରକାର ନିଶ୍ଚିତ ହେଲାଣି। ସରକାରୀ ଭାବେ ପ୍ରକ୍ରିୟା ଆରମ୍ଭ ହେବାବେଳକୁ ବିଭିନ୍ନ ଦଳୀୟ ନେତୃବର୍ଗ ଧୀରେ ଧୀରେ ଅଣ୍ଟା ଭିଡିଲେଣି। ବିଜେଡିରେ ସ୍ୱର୍ଗତ ଢୋଲକିଆଙ୍କ ପରିବାରକୁ ଶ୍ରଦ୍ଧାଞ୍ଜଳି ଦେବା ଏକ ପ୍ରକାର ବୃତାନ୍ତ ହୋଇଥିବା ଜଣାପଡୁଥିବା ବେଳେ କଂଗ୍ରେସରେ ପୁରୁଣା ମୁହଁ ଘାସିରାମ ମାଝୀଙ୍କୁ ଟିକେଟ ଦେବା ଦଳୀୟ ମୁଖ୍ୟମାନେ ପ୍ରକାଶ କରୁଛନ୍ତି। ଅନ୍ୟପଟେ ବିଜେପିରେ ବହୁ ଦାବୀଦାର ଥିବାରୁ ମୁଖ୍ୟଙ୍କ ଚିନ୍ତାର ବିଷୟ ହୋଇଛି। ବିଗତ ଦିନମାନଙ୍କର ଭୋଟର ସ୍ଥିତି ଦେଖିବାକୁ ଗଲେ ବିଜେଡି ନୂଆପଡା ବିଧାନସଭାକୁ ନିଜର ଗଡ ଭାବରେ ରଖିଆସିଛି। ବିଜେଡିର ଦୁର୍ଗକୁ ଭେଦ କରିବା ଅନ୍ୟ ଦଳପାଇଁ ଚ୍ୟାଲେଞ୍ଜ ହୋଇଛି। ଜିଲ୍ଲାରେ ବିଜେଡିର ଇତିହାସକୁ ଦୃଷ୍ଟି ଦେଲେ ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ଜନତା ଦଳରେ ସ୍ୱର୍ଗତ ଘାସିରାମ ମାଝୀ ଦୀର୍ଘ ୨୫ବର୍ଷ ଧରି କବଜା କରି ରଖିଥିଲେ। ସେ ବିଧାୟକ ଏବଂ ବହୁ ସମୟରେ ମନ୍ତ୍ରୀ ପଦରେ ଆସୀନ ରହି ଜିଲ୍ଲାର ପ୍ରଗତି କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ରଖିଛନ୍ତି। ତାଙ୍କ ଅନ୍ତେ ସ୍ୱର୍ଗତ ଢୋଲକିଆ ନୂଆପଡାକୁ ଅକ୍ତିଆରକୁ ନେଇଥିଲେ। ୨୦୦୪ରେ ସ୍ୱାଧୀନ ପାର୍ଟିରୁ ନିର୍ବାଚନ ଲଢି ବିଜୟୀ ହୋଇଥିବାବେଳେ ୨୦୦୯ରେ ବିଜେଡିରୁ ବିଜୟୀ ହୋଇଥିଲେ। ମଝିରେ ୨୦୧୪ ମସିହାରେ ବିଜେପି ଥରେ ମାତ୍ର ପଦବୀକୁ ଆସିଥିଲା। ପରେ ୨୦୧୯ ଏବଂ ୨୦୨୪ରେ ପୁଣି ଢୋଲକିଆ ବିଜୟୀ ହୋଇ ମଜବୁତ ସ୍ଥିତିରେ ରହିଥିଲେ। ୨୦୨୪ ଏବଂ ୨୦୧୯ ନିର୍ବାଚନକୁ ଦୃଷ୍ଟି ଦେଲେ ବିଜେପି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ୨୦୨୪ନିର୍ବାଚନରେ ପୂର୍ବରୁ କଂଗ୍ରେସରେ ଲଢିଆସିଥିବା ପ୍ରାର୍ଥୀ ତଥା ଟିକେଟ ନମିଳିବାରୁ ସ୍ୱାଧୀନ ଭାବେ ଲଢିଥିବା ଘାସିରାମ ମାଝୀ ଦ୍ୱିତୀୟ ସ୍ଥାନ ରଖିଥିଲେ। ଗତ ଥର ନିର୍ବାଚନରେ ଟିକେଟ ନମିଳିବାରୁ ଦଳରୁ ଦୂରରେ ରହିଥିବା ମାଝୀ ଏଥର କଂଗ୍ରେସରେ ଡୋରି ସମ୍ଭାଳିଥିବାରୁ କଂଗ୍ରେସ ତାଙ୍କୁ ଏକ ପ୍ରକାର ପ୍ରାର୍ଥୀ କରିବାକୁ ସ୍ଥିର କରିସାରିଛି। ତେବେ ଢୋଲକିଆଙ୍କ ଅନ୍ତେ ଢୋଲକିଆଙ୍କ ଜନସେବା ଏବଂ ଦଳପ୍ରତି ସମର୍ପଣ ଭାବ ଯୋଗୁଁ ସାଧାରଣ ଲୋକଙ୍କ ଗ୍ରହଣୀୟତା ଯେପରେ ରହିଛି ତାହା ତାଙ୍କର ପାର୍ଥିବ ଶରୀର ସତ୍କାର ଏବଂ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଭିଡରୁ ସ୍ପଷ୍ଟ ବାରି ହୋଇପଡୁଛି। ଏଥିରେ ସଙ୍ଗ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେଇ ସ୍ୱତଃସ୍ଫୁର୍ତରେ ଦେଖିଛନ୍ତି। ଲୋକଙ୍କ ଆଖିର ଲୁହରୁ ବିଜେଡିର ବିଜୟ ଚିହ୍ନ ସମସ୍ତଙ୍କୁ ଜଳଜଳ ଦେଖାଯାଉଛି। ଏହା ବିରୋଧି ବିଜେପି ପାଇଁ ଘୋର ଚିନ୍ତାର ବିଷୟ ହୋଇଛି। ଏପଟେ ବିଜେପିରେ ଟିକେଟ ଆଶାୟୀଙ୍କ ଲମ୍ବା ଲାଇନ ବଢି ଚାଲିଛି। ସୂଚନା ଯୋଗ୍ୟ ଯେ ଗତ ଥର ବିଜେପିରୁ ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ କୁମାର ପାଢୀ ଟିକେଟ ଆଶାୟୀ ଥିଲେ। ଶେଷ ସମୟରେ ଓଲଟ ପାଲଟ ହୋଇ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡାଙ୍କ ପୁଅ ଅଭିନନ୍ଦନ ପଣ୍ଡାଙ୍କୁ ଟିକେଟ ମିଳିଥିଲା। ସେଥିରେ ଦଳ ମଧ୍ୟରେ ଚାପା ଉତ୍ତେଜନା ଯୋଗୁଁ ଦଳକୁ ତୃତୀୟ ନମ୍ବରରେ ରହିବାକୁ ପଡିଥିଲା। ବର୍ତ୍ତମାନ ପୁଣିଥରେ ତିନି ପ୍ରତିଯୋଗୀ ବିଭିନ୍ନ ଗଣମାଧ୍ୟମରେ ନିଜ ନିଜର ବଡ ପଣିଆକୁ ମାର୍କେଟିଂ କରୁଥିବାରୁ ଦଳୀୟ କନ୍ଦଳ ଜଳଜଳ ହୋଇ ବାରି ହୋଇ ପଡୁଛି। ତେଣୁ ଏଥର ବିଜେପି ଦଳ ମୁଖ୍ୟମାନେ ଚିନ୍ତାରେ ପ୍ରମାଦ ଗଣୁଛନ୍ତି। ସାମନାରେ ଢୋଲକିଆ ପରିବାରକୁ ମୁକାବିଲା କରିବାକୁ ଦୈନିକ କସରତ କରୁଛନ୍ତି। ଦଳର ଆଗ ଧାଡିର ନେତାଙ୍କୁ ଶୃଙ୍ଖଳା ଜ୍ଞାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ପରେ ରାଜ୍ୟ ସଭାପତି ସହ ଅନେକ ବଡ଼ ବଡିଆ ନେତା ବିଭିନ୍ନ ବାହାନାରେ ଜିଲ୍ଲା ଗସ୍ତରେ ଆସୁଛନ୍ତି। ଏସବୁକୁ ନିର୍ବାଚନ ମଣ୍ଡଳୀର ସାଧାରଣ ଭୋଟର ଯେପରି ଅତି ନିକଟରୁ ଦେଖିପାରୁଛନ୍ତି। ଗୋଟିଏ ପଟେ ନେତାମାନେ ଚେହେରା ଖୋଜୁଥିବାବେଳେ ସାଧାରଣ ଲୋକେ ତାଙ୍କର ପସନ୍ଦ ନିଶ୍ଚିତ କରୁଛନ୍ତି। କିଏ କିଏ ନିର୍ବାଚନ ମୈଦାନକୁ ଆସୁଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ।

## ସ୍ଥାୟୀ ଦରମା ଦାବିରେ ବ୍ଲକ୍ ଘେରଉ

ଦେଓଗାଁ,୨୪।୯(ସମିସ): ଦେଓଗାଁ ବ୍ଲକର ମିଶନଶକ୍ତି ବିଭାଗରେ କାମ କରୁଥିବା ୬ଟି କ୍ୟାଡରର ମହିଳାମାନେ ସ୍ଥାୟୀ ଦରମା ଦାବିରେ ବ୍ଲକ୍ କାର୍ଯ୍ୟାଳୟକୁ ଘେରଉ କରିଥିଲେ। ଏଥିରେ ୨୬ ଟି ପଞ୍ଚାୟତର ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର , କୃଷି ମିତ୍ର, ପ୍ରାଣୀ ମିତ୍ର, ଏଲଏସପି, ସିଏସଏସର ସମସ୍ତ କ୍ୟାଡରର ଶହଶହ ମହିଳା ବିଡିଓଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାସହ ଓଡିଶା ଜୀବିକା ମିଶନ ବିଭାଗକୁ ତାଲା ପକାଇ ଦେଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କୁ ବହୁବାର ଇନସେନଟିଭ ବେସ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ପ୍ରଦାନ କରିବାକୁ ଦାବି କରିଥିବା ସତ୍ତ୍ୱେ ଅଦ୍ୟାବଧି କୌଣସି ପଦକ୍ଷେପ ନେଲେ ନାହିଁ କିମ୍ବା ୬ ମାସ ହେଲା ଦରମା ଦେଉନାହାନ୍ତି। ଫଳରେ ବ୍ଲକ ଜିପିଏଲଏଫ, ମିଶନ ଶକ୍ତି କର୍ମି ସାମୁଖ୍ୟ ନିଷ୍ପତ୍ତି ନେଇ ସ୍ଥାୟୀ ଦରମାର ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବୁ ବୋଲି ସଭାନେତ୍ରୀ ତପସ୍ୱିନୀ ସାହୁ ସୂଚନା ଦେଇଛନ୍ତି।

## ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସମ୍ମାନିତ

ବେଲପଡ଼ା,୨୪।୯(ସମିସ):ବଲାଙ୍ଗିର ଜିଲ୍ଲା ବେଲପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କୁ ରାଜ୍ୟସ୍ତରୀୟ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ, ହରିଦ୍ୱାର ତରଫରୁ ମର୍ଯ୍ୟାଦାଜନକ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଉତ୍କୃଷ୍ଟ ସେବା ଶିକ୍ଷକ ସମ୍ମାନ - ୨୦୨୪ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ସେ 'ନାଟ୍ୟ ଗୌରବ' ସମ୍ମାନରେ ସମ୍ମାନିତ ହୋଇ ସାରିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁରେଶ ଚନ୍ଦ୍ର ମେହେରଙ୍କୁ ଏହି ସମ୍ମାନରେ ଗୌରବାନ୍ୱିତ କରିଥିଲେ।

## ଯୁବ ରେଡ୍‌କ୍ରସ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା

କେସିଙ୍ଗା,୨୪।୯(ସମିସ): ସ୍ଥାନୀୟ କଶୃପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ତରଫରୁ ଓଡ଼ିଶା ସରକାରଙ୍କ ଶିଶୁ ଓ ପରିବାର କଲ୍ୟାଣ ବିଭାଗ ସହାୟତାରେ ଛାତ୍ରୀମାନଙ୍କ ହିମୋଗ୍ଲୋବିନ ଓ ସିକିଲସେଲ ପରୀକ୍ଷା କରାଯାଇଥିଲା।ଶିବିରକୁ ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାଏକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ୍ ପରାମର୍ଶଦାତା ଡ. ଅଜିତ କୁମାର ବେହେରା ଯୁବାବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ, ରୋଗ ହେବାର କାରଣ, ସଚେତନତା ଓ ତା'ର ପ୍ରତିଷେଧକ ସମ୍ପର୍କରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ କଶୃପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ନେତ୍ରାନନ୍ଦ ମାଝୀ,ମହିଳା ସ୍ୱାସ୍ଥ୍ୟକର୍ମୀ ସନ୍ଧ୍ୟାରାଣୀ ବାଗ ଓ ସୂଚୀସ୍ମିତା ଥାପା ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ସିନାପାଲିରେ ଅଗ୍ରେସନ ଜୟନ୍ତୀ

ସିନାପାଲି,୨୪।୯(ସମିସ):ନୂଆପଡା ଜିଲ୍ଲା ସିନାପାଲି ଠାରେ ମହାରାଜ ଅଗ୍ରସେନଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଛି। ବିଧିବଦ୍ଧ ଭାବରେ ସ୍ଥାନୀୟ ମାରୱାଡି ସଂପ୍ରଦାୟ ଆନୁକୂଲ୍ୟରେ ଜୟନ୍ତୀ ସମାବେଶ ଅନୁଷ୍ଠିତ ହୋଇଥିବା ବେଳେ ସଂପ୍ରଦାୟର ଶତାଧିକ ମହିଳାପୁରୁଷ ଅଂଶ ଗ୍ରହଣ କରିଥିଲେ। ଅଗ୍ରେସନ ଭବନ କମିଟି ସଭାପତି ହରି ପ୍ରସାଦ ଅଗ୍ରୱାଲଙ୍କ ସହ ବରିଷ୍ଠ କର୍ମକର୍ତ୍ତା ମଧୁ କୁମାର ଜୈନ,ମଦନ ଗୋପାଳ ଅଗ୍ରୱାଲ, ଯୁବାମଞ୍ଚ ସଭାପତି ହୀରାଲାଲ ଅଗ୍ରୱାଲ, ଗଣେଶ କୁମାର ଅଗ୍ରୱାଲ,ରାଜେଶ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବଣିକ ସଂଘ ସଭାପତି ପ୍ରଦୀପ ଜୈନ ଓ ସମ୍ମାନିତ ଅତିଥି ଭାବରେ ମୁକେଶ ଜୈନ, ଦୟାରାମ ଅଗ୍ରୱାଲ, ଇନ୍ଦ୍ରସନ ଅଗ୍ରୱାଲ, ହରିଓମ୍ ଜିନ୍ଦାଲ, ଡା.ବିପୁଳ ଗର୍ଗ, ଡା. ବିଶାଳ ଅଗ୍ରୱାଲ, ସୁବାଷ ଅଗ୍ରୱାଲ,ମହାବୀର ପ୍ରସାଦ ଅଗ୍ରୱାଲ, ବନାରସି ଦାଶ ଅଗ୍ରୱାଲ, ଓମକାର ଚନ୍ଦ ଅଗ୍ରୱାଲ,ତୁଫାନ୍ ଲାଲ ଅଗ୍ରୱାଲ,ବିନୋଦ ଅଗ୍ରୱାଲ, ଜଗଦୀଶ ପ୍ରସାଦ ଗର୍ଗ,କୈଳାଶ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଅଗ୍ରେସନ ଜୟନ୍ତୀ ପାଳନର ମହତ୍ୱ ବିଷୟରେ ଆଲୋଚନା କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପ୍ରାରମ୍ଭିକ ରୋଗ ଚିହ୍ନଟ କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୨୪।୯(ସମିସ): ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ କୁସୁମ ଫାଉଣ୍ଡେସନ ଓ ଭାରତ ପେଟ୍ରୋଲିୟମ ଲିମିଟେଡର ମିଳିତ ଆନୁକୂଲ୍ୟରେ ଲାଞ୍ଜିଗଡ଼ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ରାମଚନ୍ଦ୍ରପୁର ବଜାର ପଡ଼ିଆରେ ଅଣ ସଂକ୍ରାମକରୋଗ ପ୍ରତିରୋଧ ପାଇଁ ବିନା ରକ୍ତ ପରୀକ୍ଷାରେ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପ୍ରାରମ୍ଭିକ ରୋଗ ଚିହ୍ନଟ ସମ୍ପର୍କିତ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋବର୍ଦ୍ଧନପୁର ପଞ୍ଚାୟତର ବିଭିନ୍ନ ଗାଁରୁ ୪୦୦ରୁ ଉର୍ଦ୍ଧ୍ୱ ଲୋକେ ସାମିଲ ହୋଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କଳିଙ୍ଗ କୁସୁମ ଫାଉଣ୍ଡେସନ ତରଫରୁ ଚିନ୍ମୟ ମିଶ୍ର, ନରେଶ ସୁନାନୀ ଓ ଫାର୍ମାସିଷ୍ଟ ମନୀଷ ସାହୁ ପ୍ରମୁଖ ଯୋଗଦେଇ ବିନା ରକ୍ତ ପରୀକ୍ଷାରେ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପ୍ରାରମ୍ଭିକ ରୋଗ ଚିହ୍ନଟ ପ୍ରକ୍ରିୟାରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଶିବିର ପରିଚାଳନାରେ ଲାଞ୍ଜିଗଡ଼ ପ୍ରେସ କ୍ଲବ୍‌ର ସଭାପତି ସୁଶୀଲ କୁମାର ବାଗଙ୍କ ସମେତ ରାମଚନ୍ଦ୍ରପୁର ଦୁର୍ଗାପୂଜା କମିଟି ତରଫରୁ ସଭାପତି ପ୍ରଭାତ ରଞ୍ଜନବେହେରା, ହୃଷିକେଶ ବରଗ୍ଡ଼, ପିଣ୍ଟୁ ପତି, ବିକ୍ରମ ଛତ୍ରିଆ, ଜଗନ୍ନାଥ ପଣ୍ଡା,ଉପଦେଷ୍ଟା ସଞ୍ଜୀବ ପଣ୍ଡା, ମନୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଖମାରି ଗ୍ରାମରେ ଦଶହରା ପର୍ବ



କେସିଙ୍ଗା,୨୪।୯(ସମିସ) କେସିଙ୍ଗା ବ୍ଲକ୍ ଗାଇଗାଁ ପଞ୍ଚାୟତର ଖମାରି ଗ୍ରାମର ଗୌନ୍ତିଆଙ୍କ ନେତୃତ୍ୱ ରେ ମା'ବନ୍ଧଖଣି ଏବଂ ମା'ଉଷାବାହାଲେନ ଙ୍କ ଦଶହରା ପର୍ବ ବେଶ ଧୂମଧାମରେ ପାଳିତ ହୋଇଯାଇଛି। ସୂଚନା ଥାଉକି ଦୁଇ ଗ୍ରାମରେ ପୂର୍ବପୁରୁଷରୁ ଶତାଧିକ ବର୍ଷରୁ ରୀତିନୀତି ଅନୁସାରେ ଦଶହରା ପର୍ବ ପାଳନ କରାଯାଉଅଛି।ମା'ବନ୍ଧଖଣି ଓ ମା' ଉଷାବାହାଲେନଙ୍କ ଆର୍ଶୀବାଦରୁ ଶ୍ରଦ୍ଧାଳୁଙ୍କ ମାନସିକ ପୂରଣ ହୋଇଥାଏ। ନିଜର ମାନସିକତା ପୂରଣ କରିବା ସହ ଦେବୀ ଆର୍ଶୀବାଦ ଲାଭ କରିବା ପାଇଁ ଦୂରଦୁରାନ୍ତରରୁ ଭକ୍ତମାନଙ୍କର ସମାଗମ ହୋଥିଲା।

## ଏସ୍‌ବିଆଇ ଏଟିଏମ୍ ବନ୍ଦରୁ ଗ୍ରାହକ ଅସନ୍ତୁଷ୍ଟ

ଲାଞ୍ଜିଗଡ,୨୪।୯(ସମିସ):ଲାଞ୍ଜିଗଡ ଠାରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଅଧିକାଂଶ ସମୟରେ ବନ୍ଦ ରହୁଥିବା ଯୋଗୁଁ ଗ୍ରାହକ ଅସନ୍ତୋଷ ବଢିବାରେ ଲାଗିଛି। ଲାଞ୍ଜିଗଡ ଏଟିଏମ୍ ଉପରେ ବ୍ଲକ୍‌ର ତ୍ରିଲୋଚନ ପୁର, ବିଜେପୁର, ମାଳିଯୁବାଙ୍ଗ, ପାହାଡ଼ ପଦର, ବେନଙ୍ଗା,ବେଡଡାଗାଁ, କୁମଖାଲ, ଲାକବାହିଲି, ଜଗନ୍ନାଥ ପୁର, ବସନ୍ତ ପଡା, ବାତେଲ ଲିମା, ଛତ୍ରପୁର, ଚମ୍ପାଦେଇ ପୁର,ଲାଞ୍ଜିଗଡ ଆଦି ୧୪ଟି ପଞ୍ଚାୟତର ବ୍ୟାଙ୍କ ଗ୍ରାହକମାନେ ନିର୍ଭର କରିଥାନ୍ତି।ଏହା ବ୍ୟତୀତ ଲାଞ୍ଜିଗଡ ଏକ ଶିଳ୍ପାଞ୍ଚଳ ଯୋଗୁଁ ବାହାର ରାଜ୍ୟରୁ ଆସିଥିବା ଷ୍ଟେଟ ବ୍ୟାଙ୍କ ଗ୍ରାହକ ମାନେ ମଧ୍ୟ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସବୁଠାରୁ ଦୁଃଖର ବିଷୟ ମାସକୁ କେବଳ ଗୋଟିଏ ସପ୍ତାହ କଷ୍ଟେ ମଷ୍ଟେ ଗ୍ରାହକ ମାନେ ଏଟିଏମ ସେବା ପାଇଥାନ୍ତି।ବ୍ୟାଙ୍କ ଛୁଟି ଥିଲେ ଲୋକେ ଲାଞ୍ଜିଗଡ ଏଟିଏମ୍ ଉପରେ ଭରଷା କରିଥାନ୍ତି।କିନ୍ତୁ ପୂର୍ବରୁ ମାସକୁ ଗୋଟିଏ ସପ୍ତାହ ଖୋଲା ଯାଉଥିବା ବେଳେ ବର୍ତ୍ତମାନ ଏକ ମାସ ହେଲା ଲାଞ୍ଜିଗଡ ଏଟିଏମରେ ପଇସା ନାହିଁ କହି ତାଲା ପଡିଛି। ଯଦି ଆଗକୁ ଏହି ଏଟିଏମ୍ ବ୍ୟବସ୍ଥାରେ ସୁଧାର ନଆସେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ଆମେ ସବୁଦିନ ପାଇଁ ଏଟିଏମରେ ତାଲା ପକାଇ ବାକୁ ବାଦ୍ଧ ହେବୁ ବୋଲି ଅନେକ ଗ୍ରାହକ ମତ ପ୍ରକାଶ କରିଛନ୍ତି।ଏଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ବିହିତ ପଦକ୍ଷେପ ଗ୍ରହଣ କରି ସବୁଦିନେ ଏଟିଏମ୍ ଖୋଲା ରଖିଲେ ଗ୍ରାହକମାନେ ଉପକୃତ ହୋଇପାରିବେ ବୋଲି ଲାଞ୍ଜିଗଡ ଅଞ୍ଚଳବାସୀ ଦାବି କରିଛନ୍ତି।

## ତାଳବନ୍ଧପଡ଼ାରେ ଦୀପାବଳି ପ୍ରସ୍ତୁତି



ଥୁଆମୂଳ ରାମପୁର,୨୪।୯(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ସଦର ମହକୁମା ତାଲାବନ୍ଦ ପଡ଼ାର ନବ ଜୀବନ ଯୁବ ଅନୁଷ୍ଠାନରେ ଦୀପାବଳୀ ପର୍ବ ପାଳନ ନେଇ ସ୍ଥାନୀୟ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।କମିଟିର ସଭାପତି ମାଣିକ୍ୟ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କିପରି ମହାସମାରୋହରେ ପାଳନ କରାଯିବ ଆଲୋଚନା ହୋଇଥିଲା। ଏଥିରେ ତାଲାବନ୍ଦପଡ଼ା ସମେତ ଜଗନ୍ନାଥ କଲୋନୀ, ସ୍ୱପ୍ନସାଗରପଡା,ସମାଗୁଡାର କର୍ମକର୍ତ୍ତା ଉପସ୍ଥିତ ଥିଲେ।ପୂର୍ବ ବର୍ଷର ଆୟ ବ୍ୟୟ ଉପରେ ଉପସ୍ଥିତ ୪ଟି ପଡ଼ାବାସିନ୍ଦା ଆଲୋଚନା କରିଥିଲେ। ଏଥିସହିତ ଯାତ୍ରାର ପରିଚାଳନା ପାଇଁ ପୂର୍ବ କମିଟିଙ୍କୁ ହିଁ ଚଳିତ ବର୍ଷ ଯାତ୍ରା ପାଳନ ପାଇଁ ସର୍ବ ସହମତି କ୍ରମେ ଚୟନ କରାଯାଇଥିଲା। ସେଥିରେ ସଭାପତି ଭାବରେ ମାଣିକ୍ୟ ଚନ୍ଦ୍ର ନାଏକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଉପସଭାପତି ଗୁଣନିଧି ନାଏକ, ସମ୍ପାଦକ କୃଷ୍ଣ ଚନ୍ଦ୍ର ନାଏକ, ସହସମ୍ପାଦକ କୈଳାଶ ଛତ୍ରିଆ, କୋଷାଧ୍ୟକ୍ଷ ଗଣେଶ୍ୱର ନାଏକଙ୍କୁ ଉପସ୍ଥିତ ପଡ଼ା ବାସୀ ପୁନର୍ବାର ଚୟନ କରିଥିଲେ। ଆସନ୍ତା ୧୯,୨୦ ଏବଂ ୨୧ ତିନିଦିନ ଧରି ପାଳନ ହେବ ଦୀପାବଳୀ ପର୍ବ। ଏଥିରେ ପ୍ରଥମ ଦିବସ ୧୯ ଅକ୍ଟୋବର ୨୦୨୫ରେ କଳସ ଯାତ୍ରା ବା ଉପବାସ ଏବଂ ରାତ୍ର ରେ ଦର୍ଶକଙ୍କ ମନୋରଞ୍ଜନ ସକାଶେ ଗୀତିନାଟ୍ୟ, ଦ୍ୱିତୀୟ ଦିନ ୨୦ତାରିଖରେ ଦୀପାବଳୀ ପର୍ବ ବା ବାବା ଭୈରବ ଦେବ ଓ ମାଁ ମହାକାଳୀ ଦେବୀଙ୍କ ଝାମୁଯାତ୍ରା ପର୍ବ ସହ ରାତିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ତୃତୀୟ ଦିବସ ବା ଉଦଯାପନୀ ଦିବସ ସକାଳେ ଜେନାମରା ଏବଂ ପୂର୍ବାହ୍ନ ୨ଘଣ୍ଟା ସମୟରେ ପାରମ୍ପରିକ ଭେଶ ଭୂଷା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାର ସ୍ଥିର କରାଯାଇଛି।

## ଛାତ୍ରଛାତ୍ରୀଙ୍କ ନିରାପତ୍ତା ସମ୍ପର୍କିତ ତାଲିମ ଶିବିର

ଭବାନୀପାଟଣା,୨୪।୯(ସମିସ): କଳାହାଣ୍ଡି ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ନିରାପତ୍ତାକୁ ନେଇ "ଚାଲ ନିରାପତ୍ତାର କଥା ହେବା" ଶୀର୍ଷକତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୧୨୦ ଜଣ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ ଶିବିରରେ ସାମିଲ ହୋଇଥିଲେ। ଏଥିରେ ବିଭାଗୀୟ ସମସ୍ତ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ ହେବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ତାଙ୍କ ସାମଗ୍ରିକ ବିକାଶ ଓ ନେତୃତ୍ୱ ନେବା କୌଶଳ ତଥା ଦକ୍ଷତା ବୃଦ୍ଧି ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା। ଉଦଘାଟନୀ ଉତ୍ସବରେ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀ ବଲ୍ଲଭ ସାମନ୍ତରାୟ, ମହାପ୍ରସାଦ ଦାସ, ମୋହିତ କୁମାର ଭୋଇ,ଦେବସ୍ମିତା ଦୀପ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସାଧନ କର୍ମୀ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସାମନ୍ତରାୟଙ୍କ ସହିତ ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନ, ମୁକ୍ତବୃତ୍ତ ସାଧନ କର୍ମୀ ଗୀତାଞ୍ଜଳି ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ମହାପାତ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାନ୍ତ ଗୌଡ଼ିଆ, ଶୈଳେଶ ନାଏକ, ବଳଭଦ୍ର ପ୍ରଧାନ, ଆଶିଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।




## ଭରୁଆମୁଣ୍ଡା ସ୍କୁଲରେ ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମ




ନୂଆପଡା,୨୪।୯(ସମିସ):ନୂଆପଡା ଜିଲ୍ଲା ଧରମବନ୍ଧା ଥାନା ଭରୁଆମୁଣ୍ଡା ପଞ୍ଚାୟତର ଭରୁଆମୁଣ୍ଡା ସ୍କୁଲରେ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ନିଷେଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ। ଆଇନ ସେବା ପ୍ରାଧିକରଣର ସମ୍ପାଦିକା ନବନୀତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କୁଲରେ ଏକକ ବ୍ୟବହାରଯୁକ୍ତ ପ୍ଲାଷ୍ଟିକ ବର୍ଜନ କରିବାକୁ ସଚେତନତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ଅବସରରେ ପଶ୍ଚିମ ଓଡ଼ିଶାର ସର୍ବ ବୃହତ ଜଳ ପ୍ରପାତ ଗୌଧସ ଠାରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।ଏଥିରେ ପ୍ଲାଷ୍ଟିକ ବୋତଲ,ଗ୍ଲାସକୁ ଗୋଟାଇ ଦୁଷ୍ଟବିନରେ ଫିଙ୍ଗି ଲୋକଙ୍କୁ ସଚେତନ କରାଇଥିଲେ।କାର୍ଯ୍ୟକ୍ରମରେ ଗୌଧସ ପରିଚାଳନା କମିଟି ସମ୍ପାଦକ ଦିଲେଶ୍ୱର ମାଝୀ, ଭରୁଆମୁଣ୍ଡା ସରପଞ୍ଚ ଯମୁନା ସାହୁ, ନାଏବ ସରପଞ୍ଚ ଜୟମଣୀ ଧରୁଆ, ଭରୁଆମୁଣ୍ଡା ପ୍ରଧାନ ଶିକ୍ଷକ ସୁଶାନ୍ତ ମାଝୀ,ମହାନ ମାଝୀ ଓ ଲୋଡ଼ରାଗ୍ରାମବାସି ଉପସ୍ଥିତ ରହି ଗୋଧାସକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଲୋକଙ୍କୁ ସଚେତନ କରାଇଥିଲେ।

## ଜିଲ୍ଲା କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ବୈଠକ



ବଲାଙ୍ଗିର,୨୪।୯(ସମିସ): ସ୍ଥାନୀୟ ହୋଟେଲ ସେଲିବ୍ରେସନ ଠାରେ ଜିଲ୍ଲା କେମିଷ୍ଟ୍ରି ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ବଲାଙ୍ଗିରର ସାଧାରଣ ପରିଷଦ ବୈଠକ ସବ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ଲୋଟସ୍ ଷଡ଼ଙ୍ଗୀ ଓ ସମ୍ପାଦକ ଭାବେ ମନମୋହନ ରଥ ପୁନଃ ନିର୍ବାଚିତ ହୋଇଥିଲେ। କୋଷାଧ୍ୟକ୍ଷ ଭାବେ ଅଶୋକ ମେହେର ଓ ସାଂଗଠନିକ ସମ୍ପାଦକ ଭାବେ ଶ୍ରୀମନ୍ତ ପଣ୍ଡା ମନୋନୀତ ହୋଇଥିଲେ। ଜିଲ୍ଲାର ବିଭିନ୍ନ ଜୋନରୁ କାର୍ଯ୍ୟକାରିଣୀ ସମିତି ସଭ୍ୟ ଚୟନ କରାଯାଇଥିଲା। ଉକ୍ତ ବୈଠକରେ ସଂଘ ସଭାପତି ଲୋଟସ୍ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ।ମୁଖ୍ୟ ଅତିଥିଭାବେ ବଲାଙ୍ଗିର ସାଂସଦ ସଗୀତା କୁମାରୀ ସିଂଦେଓ ଉଦ୍‌ବୋଧନ ଦେଇଥିଲେ। ମନୋରଞ୍ଜନ ଯୋଷୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଔଷଧ ନିରୀକ୍ଷକ ଉମାଶଙ୍କର ମେହେର ଓ ଅଙ୍କୁଶ ଅଗ୍ରୱାଲ ଔଷଧ ନିୟମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ପି. ସତ୍ୟନାରାୟଣ, ସାଧାରଣ ସଂପାଦକ ପ୍ରଶାନ୍ତ ମହାପାତ୍ର, ସାଂଗଠନିକ ସଂପାଦକ ଦିପକ ଆ.ର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ୟୁସିଡିଏ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଜୟନ୍ତ ଦିକ୍ଷୀତ ଓ ଜୟପ୍ରକାଶ ତ୍ରିପାଠୀ ନିର୍ବାଚନ ପରିଚାଳନା କରିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ଲଳିତ ଚୌଧୁରୀ, କମଳ ଚକ୍ରବର୍ତ୍ତୀ ଓ ସଞ୍ଜୟ ଚୌଧୁରୀ ଦାୟିତ୍ୱ ତୁଲାଇ ଥିଲେ। ଉକ୍ତ ବୈଠକରେ ନୈନା ଅଗ୍ରୱାଲ, ରନିତା ମେହେର ଓ ରାମଚନ୍ଦ୍ର ପୁରୋହିତଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ ବୈଠକରେ ବରଗଡ, ସମ୍ବଲପୁର, ଝାରସୁଗୁଡା ତଥା ବଲାଙ୍ଗିର ଜିଲ୍ଲାରୁ ପ୍ରାୟ ୧୫୦ ଜଣ ସଭ୍ୟ ଯୋଗଦାନ କରିଥିଲେ। ସଞ୍ଜୀବ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ତରୁଣ ମିଶ୍ର ଓ ମନମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର

କୋକସରା,୨୪।୯(ସମିସ): ସ୍ୱାସ୍ଥ୍ୟ ଶିବିର କୋକସରା ବ୍ଲକ୍ ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶିବିରରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଭଗବାନ ପଣ୍ଡା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ବର୍ଷା ପ୍ରିୟଦର୍ଶିନୀ,ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ଦାନ୍ତ ବିଶେଷଜ୍ଞ ଡାକ୍ତର ସ୍ୱପ୍ନାଶ୍ରୀ ବେହେରା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ। କୋକସରା ବ୍ଲକ୍‌ର ୨୨ଟି ପଞ୍ଚାୟତରୁ ମୋଟ ୨୭୮ ଜଣ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ପଞ୍ଜିକରଣ କରିଥିଲେ। ପର୍ଯ୍ୟବେକ୍ଷଣ ଭାବରେ ଜିଲ୍ଲାରୁ ଭିବିଡିସି ଦିନେଶ ପ୍ରହରାଜ ଓ ଡ଼ିଏମ୍‌ଆରସିଏଚ୍ ରଞ୍ଜନ ରଶ୍ମି ମହାନ୍ତି ଯୋଗଦେଇ ଶିବିର ପରିଦର୍ଶନ କରିଥିଲେ। କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ତତ୍ୱଦର୍ଶୀ ଦାସଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିବାବେଳେ ପିଏଚ୍‌ଇଓ ଶର୍ମିଳା ଛତ୍ରିଆ, ବିପିଏମ୍ ସୁଜୀତ ସିଂ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ କେତନ ପାତ୍ର, ସୁଧୀର ଧଙ୍ଗଡାମାଝୀ,ଏମଟିଏସ୍ ଦୁଷ୍ମନ୍ତ ରାଉତ ସମେତ ସମସ୍ତ ମେଡିକାଲ କର୍ମଚାରୀ ସହଯୋଗ କରିଥିଲେ।

## ଲଡୁଗାଁ କଲେଜରେ ପୋକ୍ସୋ ଆଇନ ସଚେତନତା

କୋକସରା,୨୪।୯(ସମିସ): କୋକସରା ବ୍ଲକ୍ ଲଡୁଗାଁ ହାୟର ସେକେଣ୍ଡରୀ ସ୍କୁଲରେ ମଙ୍ଗଳବାର ତାଲୁକ ଆଇନ ସେବା କମିଟି ପକ୍ଷରୁ ପୋକ୍ସୋ ଆଇନ ତଥା ପୀଡିତା ସହାୟତା ବିଷୟରେଆଇନ ସଚେତନତା ସଭା ଆୟୋଜିତ ହୋଇଛି।କଲେଜ ଅଧ୍ୟକ୍ଷ ଡ଼ନିହାରକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନ ସଭାରେ ତାଲୁକ ଆଇନ ସେବା କମିଟି ନ୍ୟାୟାଧିକ୍ଷ ଲିପସା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।ବାର ଆସୋସିଏସନର ସଭାପତି ମନୋଜ କୁମାର ନାଏକ ମୁଖ୍ୟବକ୍ତା, ଆଇନଜୀବୀ ଲକ୍ଷ୍ମୀ ଖମାରୀ, ପ୍ରଧାପକ ପ୍ରେମାନନ୍ଦ ସାହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପୋକ୍ସୋ ଆଇନର ଦିଗ ସହାୟତା ତଥା ସମସ୍ତେ ଉପରେ ସଚେତନ ରହି ଏକ ସୁସ୍ଥସମାଜ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ନ୍ୟାୟାଧିକ୍ଷ ଲିପସା ରାଉତଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସଞ୍ଜୟ କୁମାର ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଶାନ୍ତ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶଙ୍କର ଶତନାମୀ, ବୀରେନ୍ଦ୍ର ନାରାୟଣ ଦାସ, କେଶବ ଚନ୍ଦ୍ର ରାଉତ, ଥବୀର ଶବର, ବେଣୁଧର ନେଗୀ, ଅଙ୍କିତା ଖୁରା, ଭାରତ ଭୂଷଣ ଠାକୁର ସମେତ କଲେଜର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




## ସିଡିଏମ୍‌ଓଙ୍କ ପ୍ରତିଶ୍ରୁତି ପରେ ସୁଇପର ସଂଘର ହରତାଳ ପ୍ରତ୍ୟାହୃତ

ପାଟଣାଗଡ଼,୨୪।୯(ସମିସ): ବାବା ସାହେବ ସୁଇପର ସଂଘ ପାଟଣାଗଡ଼ ହସ୍‌ପିଟାଲର ସଦସ୍ୟ ବିଭିନ୍ନ ଦାବି ନେଇ ଗତ ୧୯ ତାରିଖ ଠାରୁ ସଂଘର ସଭାପତି ଡିଙ୍ଗର କୁମ୍ଭାରଙ୍କ ନେତୃତ୍ୱରେ ପାଟଣାଗଡ଼ ଡାକ୍ତରଖାନା ସମ୍ମୁଖରେ ହରତାଳରେ ବସିଥିଲେ। ମଙ୍ଗଳବାର ହରତାଳର ପଞ୍ଚମ ଦିନରେ ଜିଲ୍ଲା ସ୍ୱାସ୍ଥ୍ୟଧିକାରୀ ଭରଚୁଏଲ ମାଧ୍ୟମରେ ଦାବିଗୁଡିକ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ପାଟଣାଗଡ଼ ଏସଡିଏମଓ ଡାକ୍ତର ପିତବାସ ସା ଧାରଣାସ୍ଥଳକୁ ଆସି ହରତାଳ ପ୍ରତ୍ୟାହୃତ କରିବାକୁ ଅନୁରୋଧ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଦିନରେ ସୁଇପର କର୍ମଚାରୀଙ୍କ ଯଥାର୍ଥ ଦାବି ଗୁଡିକ ପୂରଣ ନ ହେଲେ ନିଜ ହକ ଅଧିକାର ପାଇଁ ପୁଣି ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସଙ୍ଘ ସଭାପତି ଶ୍ରୀ କୁମ୍ଭାର ସୂଚନା ଦେଇଛନ୍ତି।



## ନଙ୍ଗଲବୋର୍ଡ ସେବାଶ୍ରମରେ ଚାରାରୋପଣ

ସିନାପାଲି,୨୪।୯(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ନଙ୍ଗଲବୋଡ ଆଶ୍ରମ ବିଦ୍ୟାଳୟରେ ଚରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୧୫ଟି ବିଭିନ୍ନ କିସମର ଚାରା ଲଗାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଜଗଦିଶ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ମେହେର, ସୁନିଳ ହେର୍ଣ୍ଣା,ଡିଗ୍ରେରାଜ ସା, ସହଦେବ ମାଝୀ,ଡିଙ୍ଗର ସୁନାନୀ,ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଆଶ୍ରମ ବିଦ୍ୟାଳୟ ପରିସର ଏକ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ପ୍ରଧାନଶିକ୍ଷକ ଖଗେଶ୍ୱର ମାଝି ସମେତ ଅଭିଭାବକ ଓ ସହକାରୀ ଶିକ୍ଷକ ଛାତ୍ରଛାତ୍ରୀ ଉଦ୍ୟମ ଅବ୍ୟାହତ ଜାରି ରଖିଛନ୍ତି।

# ପୋଲ ଉପରେ ଭାଙ୍ଗିଲା ଗଛ, ଯାତାୟାତ ବାଧାପ୍ରାପ୍ତ



ଝାରସୁଗୁଡ଼ା,୨୪।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ଅଧୀନ ରାଜପୁର ପଞ୍ଚାୟତ ଠାରୁ ଚାନ୍ଦନିମାଲ ସମେତ ସୁନ୍ଦରଗଡ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାର ଘୋଡାଡିଆଁ ପୋଲ ଉପରେ ଏକ ବିରାଟ ଗଛ ବୁଧବାର ଭାଙ୍ଗି ପଡିଛି। ଫଳରେ ରାସ୍ତାରେ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇ ଉଭୟ ପାଖରେ ଯାତ୍ରୀ ଅଟକି ରହିଥିଲେ। ମଙ୍ଗଳବାର ଠାରୁ ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଛି। ବୁଧବାର ପ୍ରାୟ ୧୨ ଟାରେ ଘୋଡାଡିଆଁ ପୋଲ ଉପରେ ଗଛଟି ଭାଙ୍ଗି ପଡିଥିଲା। ଫଳରେ ବହୁ ସମୟ ଧରି ରାସ୍ତା ବନ୍ଦ ହୋଇ ଯାଇଥିଲା। ୩ ଘଣ୍ଟା ପରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଜନସାଧାରଣଙ୍କ ପ୍ରଚେଷ୍ଟା ଫଳରେ ରାସ୍ତା ଉପରୁ ଗଛକୁ କାଟି ହଟା ଯିବା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ତେବେ ଗଛଟି ଭାଙ୍ଗିବା ସମୟରେ ରାସ୍ତାରେ କେହି ନଥିବା କାରଣରୁ ଏକ ବଡ ଦୁର୍ଘଟଣାରୁ ଜନସାଧାରଣ ବର୍ତ୍ତି ଯାଇଥିବା ଚର୍ଚ୍ଚା ହୋଇଛି।

# 'ଗଇଲୋ ଘାଟି' ରାସ୍ତା ସାଜିଛି ଯନ୍ତ୍ରୀ ଓ ଠିକାଦାରଙ୍କ ପାଇଁ ଦୁଧିଆଳୀ ଗାଈ

ଦେବଗଡ଼,୨୪।୯ (ସମିସ)




ଗଇଲୋ ଘାଟିରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ନ ସରୁଣୁ ପୁଣି ଥରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ଦେଖିବାକୁ ମିଳିଛି। ସୌଧ ଓ ରାସ୍ତା ନିର୍ମାଣ ବିଭାଗ ପକ୍ଷରୁ ପ୍ରାୟ ୧୮ ଲକ୍ଷ ଟଙ୍କା ବ୍ୟୟରେ ବିନା ଟେଣ୍ଡରରେ ଚାଲିଥିବା ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସରିବା ପୂର୍ବରୁ ନିମ୍ନମାନ କାର୍ଯ୍ୟ ଯୋଗୁଁ ନଷ୍ଟ ହେବାକୁ ବସିଛି। ଏନେଇ ଏହିରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୮ ଟି ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ପ୍ରଶସ୍ତୀକରଣ କାର୍ଯ୍ୟ ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁ ନାହାନ୍ତି। ଫଳରେ ଅନଭିଜ୍ଞ ଠିକାଦାରଙ୍କ ଦ୍ୱାରା ଠାକ୍ ଭାବେ କାର୍ଯ୍ୟ କରାଯାଉ ନଥିବାରୁ ନିର୍ମାଣ କାର୍ଯ୍ୟର କିଛିଦିନ ମଧ୍ୟରେ ସିମେଣ୍ଟ ଧୋଇହୋଇ ଗେଟି ବାହାରି ପଡିଥିବା ଦେଖାଦେଇଛି। ଅନେକ ସ୍ଥାନରେ ମାଟି ଉପରେ କଂକ୍ରିଟ ଢଳା ଯାଇଥିବା କାରଣରୁ ସେସବୁ ସ୍ଥାନରେ କଂକ୍ରିଟ ମଧ୍ୟ ବାହାରି ପଡିଥିବା ଦେଖିବାକୁ ମିଳିଛି। ସେହିପରି ସର୍ବାଧିକ ୨ରୁ ଅଢ଼େଇ ଇଞ୍ଚ କଂକ୍ରିଟ ଢଳା ଯାଉଥିବାରୁ ତାହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିରୋଳା ଘାଟି ରାସ୍ତାରେ ଲକ୍ଷାଧିକ ଟଙ୍କାର ନିର୍ମାଣ କାର୍ଯ୍ୟକୁ କୌଣସି ଅଧିକାରୀ ଯାଞ୍ଚ କରୁ ନ ଥିବାରୁ ଜନସାଧାରଣ ଅର୍ଥ ପାଣିରେ ପଡୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସେହିପରି ଜନୈକ ଅବସରପ୍ରାପ୍ତ ଯନ୍ତ୍ରୀ ନିଜ ନାମ ଗୋପନ ରଖି ୧୮ ଲକ୍ଷ ଟଙ୍କା ବ୍ୟୟରେ ବର୍ତ୍ତମାନ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ମାନକୁ ଦେଖି ସର୍ବାଧିକ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା

## ବିନା ଟେଣ୍ଡରରେ ଚାଲିଛି ୧୮ ଲକ୍ଷ ଟଙ୍କାରେ ରାସ୍ତା ପ୍ରଶସ୍ତୀକରଣ

## ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ବାହାରୁଛି ଗେଟି

ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଦୀର୍ଘ ବର୍ଷ ହେବ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବା ଗଇଲୋ ଘାଟି ଯନ୍ତ୍ରୀ ଓ ଠିକାଦାରଙ୍କ ପାଇଁ ଦୁଧିଆଳୀ ଗାଈ ସାଜିଥିବା ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ବିଭାଗ ପକ୍ଷରୁ ଏହି ଘାଟି ରାସ୍ତାର ମରାମତି, କେତେବେଳେ ଗାର୍ଡ ୱାଲ ତ ପୁଣି କେତେବେଳେ ପ୍ରସସ୍ତୀକରଣ ନାମରେ ସରକାରୀ ରାଜସ୍ୱରୁ ଲକ୍ଷଲକ୍ଷ ଟଙ୍କା ହରିଲୁଟ ହେଉଥିବା ବେଳେ ଜନସାଧାରଣଙ୍କୁ କୌଣସି ସୁଫଳ ମିଳିପାରୁନାହିଁ। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ସୋରେନଙ୍କ ମତାମତ ମାଗିବାରୁ ଏଭଳି ଅଭିଯୋଗ ତାଙ୍କର ହସ୍ତଗତ ହୋଇ ନଥିବା ଏବଂ ଯେଉଁ କନିଷ୍ଠ ଯନ୍ତ୍ରୀ ସେହି କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିଲେ ତାଙ୍କ ଅନ୍ୟତ୍ର ବଦଳି ହୋଇଥିବା ପ୍ରକାଶ କରିଥିଲେ। ଏବେ ସେ ନିଜେ ସେହିକାର୍ଯ୍ୟର ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିଛନ୍ତି। ଏସବୁକୁ ଦେଖି ଗଇଲୋ ଘାଟିରାସ୍ତା ନିର୍ମାଣର ଭିଜିଲାନ୍ସ ତଦନ୍ତ କରାଯାଇ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ଲୋକ ଲୋଚନକୁ ଆଣିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ପ୍ଲାଷ୍ଟିକ୍ ବର୍ଜନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା




ଦେବଗଡ଼,୨୪।୯ (ସମିସ): ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ରିଆମାଳ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ଏକକ ବ୍ୟବହାର ପ୍ଲାଷ୍ଟିକ ପଲିଥିନ ଓ ବ୍ୟାଗ ବର୍ଜନ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗ ଦେଇ ବଜାରରେ ଲୋକଙ୍କୁ ପ୍ଲାଷ୍ଟିକ ବ୍ୟାଗ ଓ ପଲିଥିନ ବର୍ଜନ ପାଇଁ କହିବା ସହ ଏହାର କୁପ୍ରଭାବ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଆସନ୍ତା ସପ୍ତାହ ଠାରୁ ଜିଲ୍ଲା ବ୍ୟାପି ପ୍ଲାଷ୍ଟିକ ବ୍ୟାଗ ଓ ପଲିଥିନ ବ୍ୟବହାରକାରୀ ଓ ବିକ୍ରି କରୁଥିବା ଅନୁଷ୍ଠାନ ଉପରେ ଚଢ଼ଉ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ କରନ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ବଜାରରେ ପ୍ଲାଷ୍ଟିକ ବ୍ୟାଗରେ ସାମଗ୍ରୀ ଧରିଥିବା ବ୍ୟକ୍ତିଙ୍କୁ ସଚେତନ କରିବା ସହ ସେମାନଙ୍କୁ ଏକ କପଡା ବ୍ୟାଗ ପ୍ରଦାନ କରାଯାଇଥିଲା। ଲୋକଙ୍କ ହାତରୁ ପ୍ଲାଷ୍ଟିକ ବ୍ୟାଗକୁ ଆଣି ଡଷ୍ଟବିନରେ ଫିଙ୍ଗୁଥିବା ବେଳେ କପଡା ବ୍ୟାଗରେ ସାମଗ୍ରୀ ଧରିଥିବା ଲୋକଙ୍କୁ ଗୋଲାପ ଫୁଲ ଓ ଚକଲେଟ୍ ପ୍ରଦାନ କରାଯାଇଥିଲା।

# ୨୭ ତାରିଖରେ ହେବ ଗର୍ବା ଗୁଞ୍ଜ ସିଜନ୍-୨




ଝାରସୁଗୁଡ଼ା,୨୪।୯ (ସମିସ): ନବରାତ୍ରି ଅବସରରେ ଭାଇରାଲ ମିଡିଆ ଗ୍ରୁପ ପକ୍ଷରୁ ଆସନ୍ତା ୨୭ ତାରିଖ ହେବାକୁ ଥିବା ଗର୍ବା ଗୁଞ୍ଜ ସିଜନ୍-୨ କୁ ନେଇ ଅପର୍ଣ୍ଣା ବଗିଚାରେ ରବିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗର୍ବା ଗୁଞ୍ଜ ସିଜନ୍-୨ରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ବିଷୟରେ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ମହାଭାରତ ଧାରାବାହିକରେ ଶ୍ରୀକୃଷ୍ଣ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ସୌରଭରାଜ ଜୈନ ସେଲିବ୍ରିଟି ଗେଷ୍ଟ ଭାବେ ଯୋଗ ଦେବେ। ସୌରଭଙ୍କ ଉପସ୍ଥିତ ଏଥର ଗର୍ବା ଗୁଞ୍ଜ ସିଜନ୍ -୨ର ମୁଖ୍ୟ ଆକର୍ଷଣ ରହିବ। ଏହାସହ କାର୍ଯ୍ୟକ୍ରମରେ ରଖାଯାଇଥିବା ଲକି ଡ୍ର ବିଷୟରେ ମଧ୍ୟ ସୂଚନା ଦିଆ ଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ରବିଙ୍କ ସହ ସ୍ୱନସର୍ ସୋନି ଜ୍ୱେଲର୍ସ ମାଲିକ ରିତେଶ ସୋନି, ସାମାଜିକ ଅନୁଷ୍ଠାନ ଇଜେଭି ଫାଉଣ୍ଡେସନର ସଭାପତି ମାନସୀ ପଣ୍ଡା, ବ୍ରାହ୍ମଣ ମହିଳା ସମାଜର ସଭାପତି ମୌନୀ ମିଶ୍ର, ଅମ୍ବେ ଡିଜିଟାଲର ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ଖବରକାଗଜ ବିତରକଙ୍କ ପିତାଙ୍କ ମୃତ୍ୟୁ

କୋଲାବିରା,୨୪।୯ (ସମିସ): କୋଲାବିରା ଗାଁର ଖବର କାଗଜର ବିତରକ ସୁରେନ୍ଦ୍ର ରଣବିଡାଙ୍କ ପିତା ନିଳାମ୍ବର ରଣବିଡା(୭୮)ଙ୍କ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଛି। ମଙ୍ଗଳବାର ରାତିରେ ନିଳାମ୍ବର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ମାତ୍ର ଆଉ ଘରକୁ ଫେରି ନଥିଲେ। ରାତିସାରା ଭୀଷଣ ବର୍ଷା ସତ୍ତ୍ୱେ ଘରଲୋକେ ରାତି ୩ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ହେଁ ତାଙ୍କର କିଛି ଖୋଜଖବର ପାଇ ପାରି ନଥିଲେ। ବୁଧବାର ସକାଳୁ ସନ୍ୟାସୀପାଲି ବୁଲାଣି ନିକଟ ରାସ୍ତାକଡ଼ରୁ କ୍ଷତାକ୍ତ ଅବସ୍ଥାରେ ନିଳାମ୍ବରଙ୍କୁ ଉଦ୍ଧାର କରାଯାଇଥିଲା। ଗାଡି ଧକ୍କାରେ ସେ ଗୁରୁତର ହୋଇଥିବା ଆଖପାଖରୁ ଜଣାପଡ଼ିବା ବେଳେ ବର୍ଷାରେ ରାତିସାରା ପଡି ରହିଥିବାରୁ ତାଙ୍କ ଶରୀର ନିସ୍ତେଜ ହୋଇସାରିଥିଲା। କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୋଲାବିରା ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ପାଣିରେ ବୁଡ଼ି କର୍ମଚାରୀ ମୃତ

କୋଲାବିରା,୨୪।୯ (ସମିସ): ସ୍ଥାନୀୟ ସେଭେନଷ୍ଟାର କାରଖାନାରେ କାର୍ଯ୍ୟରତ କୋଲାବିରା ଥାନା ଅଧୀନ କେଲେଣ୍ଡାମାଲ ଗାଁର ସୁବ୍ରତ ନାଏକ(୫୪) ନିଜ ପୋଖରୀରେ ଗାଧୋଇବାକୁ ଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ବୁଧବାର ଅପରାହ୍ନ ୨ଟାରେ ସୁବ୍ରତ କାରଖାନାରୁ ଛୁଟିହେବା ପରେ ଘରକୁ ଫେରିଥିଲେ।

କେଲଡାମାଲ ପଞ୍ଚାୟତ ନିକଟରେ ଥିବା ନିଜ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ବେଳେ ପାଣିରେ ବୁଡିଯାଇ ସେ ମୃତ୍ୟୁ ମୁଖରେ ପଡିଥିବା ପରିବାର ଲୋକ କହିଥିଲେ। ଖବର ପାଇ ଗ୍ରାମବାସୀ କୋଲାବିରା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ସମୟ ପରିଶ୍ରମ କରି ପାଣିରୁ ମୃତଦେହକୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ କୋଲାବିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ରହିଛି।

# ଯୌତୁକ ପାଇଁ ବଧୂହତ୍ୟା ମାମଲାରେ ସ୍ୱାମୀକୁ ଆଜୀବନ କାରାଦଣ୍ଡ

**ଶାଶୂ ଶ୍ୱଶୁର ନିର୍ଦ୍ଦୋଷରେ ଖଲାସ**

ଦେବଗଡ଼,୨୪।୯ (ସମିସ): କୁଣ୍ଢେଇଗୋଲା ଥାନା ଅଧୀନ ସିଆରିମାଳିଆ ଗାଁରେ ୨୦୧୮ ମସିହାରେ ସଙ୍ଘଠିତ ଯୌତୁକ ପାଇଁ ବଧୂ ହତ୍ୟା ମାମଲାର ବିଚାର କରି ଆଜି ଜିଲ୍ଲା ତଥା ଦୌରା ଜଜ ଦେବାଶିଷ ରାଉତ ଅଭିଯୁକ୍ତ ସ୍ୱାମୀ ଯୋଗେଶ୍ୱର ପ୍ରଧାନଙ୍କୁ ଯୌତୁକ ନିରୋଧ ଆଇନର ଦଫା ୪ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାର ବିଚାର କରି ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଜିଲ୍ଲା ଓ ଦୌରା ଜଜ୍ ହତ୍ୟା ପାଇଁ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯୌତୁକ ନିର୍ଯ୍ୟାତନା ପାଇଁ ଅଭିଯୁକ୍ତକୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଜୋରିମାନା ଏବଂ ଜରିମାନା ଅନାଦେୟ ହେଲେ ୩ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ସେହିପରି ଭାରତୀୟ ପିଙ୍ଗଳ କୋଡ ଦଫା ୩୦୪-ଖ ଅଧୀନରେ ଅପରାଧ ପାଇଁ ତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜୋରିମାନାରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦୟେ ତାଙ୍କୁ ୩ ମାସ ସଶ୍ରମ କାରାଦଣ୍ଡା ଦେଶ ଦେଇଥିବା ଜଣାପଡିଛି। ଯୌତୁକ ନିରୋଧ ଆଇନ ଦଫା ୪ ଅନୁଯାୟୀ ଅପରାଧ ପାଇଁ ତାଙ୍କୁ ୧ ବର୍ଷ ଜେଲଦଣ୍ଡ ସହ ୧ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦୟେ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତେବେ ଏହି ମାମଲାରୁ ଅଭିଯୁକ୍ତ ଶାଶୁ ଏବଂ ଶ୍ୱଶୁରଙ୍କୁ ପ୍ରମାଣ ଅଭାବେ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁଯାୟୀ, ୨୦୧୭ ଏପ୍ରିଲ ୧୯ ତାରିଖ କୁଣ୍ଢେଇଗୋଲା ଥାନା ଅଧୀନ ସିଆରୀମାଳିଆ ଗାଁର ଲକ୍ଷ୍ମଣ ସାହୁଙ୍କ ଝିଅ ରଶ୍ମିତା ସାହୁଙ୍କ ମଲାରବାହାଲ ଗାଁର ବିନୋଦ ପ୍ରଧାନଙ୍କ ପୁଅ ଯୋଗେଶ୍ୱର ପ୍ରଧାନ ସହିତ ବିବାହ ହୋଇଥିଲା। ବିବାହର କିଛି ଦିନ ପରେ ଅଧିକ ଯୌତୁକ ଲୋଭରେ ରଶ୍ମିତାଙ୍କୁ ଅଭିଯୁକ୍ତ ସ୍ୱାମୀ ଯୋଗେଶ୍ୱର ସହ ଶାଶୁ ଶ୍ୱଶୁର ମାନସିକ ଆଉ ଶାରୀରିକ ଯନ୍ତ୍ରଣା ଦେବା ସହ ୨୦୧୮ ଜୁଲାଇ ୧୭ ତାରିଖରେ ହତ୍ୟା କରିଥିବା ନେଇ କୁଣ୍ଢେଇଗୋଲା ଥାନାରେ ମୃତ ରଶ୍ମିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତ ଦାୟିତ୍ୱ କୁଣ୍ଢେଇଗୋଲା ଥାନାର ତତ୍କାଳୀନ ଇନସ୍ପେକ୍ଟର ରତ୍ନାକର ମଲ୍ଲିକ ଏବଂ ଏସ୍ଆଇ ବବିତା ଦେହୁରୀ ବହନ କରିଥିଲେ। ସରକାରଙ୍କ ତରଫରୁ କ୍ୟାଡର ପବ୍ଲିକ୍ ପ୍ରସିକ୍ୟୁଟର ଯୋଗେଶ୍ୱର ପାତ୍ର ମାମଲାର ପରିଚାଳନା କରିଥିଲେ।

● ଜାତୀୟ ବାଳିକା ହ୍ୟାଣ୍ଡବଲ ପ୍ରତିଯୋଗିତା

# ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ୫ ଛାତ୍ରୀ ମନୋନୀତ



ଝାରସୁଗୁଡ଼ା,୨୪।୯ (ସମିସ): କାଉନସିଲ ଫର ଦ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏଗଜାମିନେଶନ ବୋର୍ଡ (ସିଆଇଏସସିଇ) ଦ୍ୱାରା ଆୟୋଜିତ ହେଉଥିବା ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ବାଳିକା ବିଭାଗରେ ବେଲପାହାଡ ଇଂଲିଶ ମିଡିୟମ ବିଦ୍ୟାଳୟର ୫ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଚଳିତ ମାସ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ହେବାକୁ ଥିବା ଏହି ଜାତୀୟ ପ୍ରତିଯୋଗିତାରେ ବିଇଏମ ବିଦ୍ୟାଳୟର ଛାତ୍ରୀ ନିବେଦିତା ଦାସ, ଶ୍ରେୟା ସଂଲଗ୍ନା, ନିୟତି ମଲ୍ଲିକ, ପଲକ ସିଂ ଓ ଅନ୍ୱେଶା ଭସେସି ଓଡ଼ିଶା ଦଳର ପ୍ରତିନିଧିତ୍ୱ କରୁଛନ୍ତି। ଏହା ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁନିତା ଶର୍ମା ଦଳ ସହିତ ହାଇଦ୍ରାବାଦ ଯାଇଛନ୍ତି। ୧୭ ବର୍ଷରୁ କମ୍ ଦଳରେ ସ୍ଥାନ ପାଇଥିବା ଏହି ଛାତ୍ରୀ ମାନେ ଆଞ୍ଚଳିକ ପ୍ରତିଯୋଗିତାରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଓଡ଼ିଶା ଦଳ ପାଇଁ ଚୟନ ହୋଇଛନ୍ତି। ଛାତ୍ରୀ ମାନଙ୍କର ଏହି ସଫଳତା ପାଇଁ ବିଇଏମ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ, ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ଉପ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର, ଉପାଧ୍ୟକ୍ଷ ବିଜୟ ଗୌଡ, ଶାରୀରିକ ଶିକ୍ଷା ଶିକ୍ଷକ ହମିଦ ମହାପାତ୍ର, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।


## ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ମେଳା

ଭଟଲି,୨୪।୯ (ସମିସ): ଭଟଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇ ଯାଇଛି। ଭଟଲି ବ୍ଲକ୍ ଚେୟାରମ୍ୟାନ ନିତ୍ୟାନନ୍ଦ ପ୍ରଧାନ, ବିଡିଓ ପ୍ରମୋଦ ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.କୁବେର ମହନ୍ତ, ଡ.ଶ୍ରୀବଲ୍ଲଭ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡ.ପ୍ରଣବ ପାଣିଗ୍ରାହୀ, ସ୍ତ୍ରୀ ଓ ପ୍ରସୂତି ଡ.ସୁସ୍ମିତା ଦାଶ, ଡ.ଚନ୍ଦ୍ରଭାନୁ ମହାଲିଙ୍ଗ, ଡ.ଲିସା ମିଶ୍ର, ଡ.ସୁଶାନ୍ତ ସାହୁ, ଡ.ରିତେଶ ସାହୁ, ଡ.ନିବେଦିତା ସାହୁ ପ୍ରମୁଖ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଗର୍ଭବତୀ ମହିଳା ମାନଙ୍କର ପରୀକ୍ଷା କରି ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମ ପରିଚାଳନାରେ ବିପିଏମ ଜୟପ୍ରକାଶ ପ୍ରଧାନ, ପିଏଚଇଓ ଝସକେତନ ଧରାଇ, ବିଏଏମ ଆଲୋକ ବିଶ୍ୱାଳ, ବିଡିଏମ ଦୁର୍ଗା ପ୍ରସାଦ ମହନ୍ତମ, ଫାର୍ମାସି ଅଫିସର ବିକାଶ ମହାପାତ୍ର, ଉଦିତ ନନ୍ଦ, ଖୁବିରାମ ସାହୁ, ରଶ୍ମି ସାହୁ, ଗଗନ ସାହୁ, ରେଶମା ମେହେର, ଅର୍ଚ୍ଚନା ଜାଲ ତଥା ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ତ ସମସ୍ତ ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ।

# ଜନପ୍ରତିନିଧିଙ୍କ ଉଦାସୀନତା ମାଁ ପ୍ରଧାନପାଟେଶ୍ୱରୀଙ୍କ ପୀଠର ବିକାଶରେ ପ୍ରତିବନ୍ଧକ





ଦେବଗଡ଼,୨୪।୯ (ସମିସ): ଦେବଗଡ଼ର ପ୍ରସିଦ୍ଧ ମାଁ ପ୍ରଧାନପାଟେଶ୍ୱରୀଙ୍କ ପୀଠ ଆଜି ବି ଅବହେଳିତ ଅବସ୍ଥାରେ ରହିଛି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏଠାକୁ ଆସୁଥିବା ବେଳେ ମାଁଙ୍କ ପୂଜାସ୍ଥଳୀରେ କୌଣସି ଉନ୍ନତି ମୂଳକ କାମ ହୋଇନାହିଁ। ଅଖୋଜ ବାମଣ୍ଡା ନାମରେ ଦେବଗଡ଼ ଅତୀତରେ ପରିଚିତ ଥିଲା। ଗଙ୍ଗ ବଂଶରାଜାଙ୍କ ଶାସନାଧୀନ ଅଖୋଜ ବାମଣ୍ଡାର ଆରାଧ୍ୟ ଦେବୀ ମାଁ ପଧାନୀ ବୁଢ଼ୀ ଥିଲେ। ମାଁଙ୍କ ଆସ୍ଥାନ ଘଞ୍ଚ ପ୍ରଧାନପାଟ ପାହାଡ ଉପରେ ରହିଥିଲା। ସେହି ସ୍ଥାନ ଆଜି 'ସିନ୍ଦୂର ମଖା' ନାମରେ ପରିଚିତ। କିମ୍ବଦନ୍ତୀ ଅନୁସାରେ ମାଁ ପଧାନୀ ବୁଢ଼ୀଙ୍କୁ ଜଣେ ଭୂୟାଁ ସମ୍ପ୍ରଦାୟର ଦେହୁରୀ ପ୍ରତିଦିନ ପୂଜା କରୁଥିଲେ। ପାହାଡ ପାଦ ଦେଶରୁ ପ୍ରାୟ ୧୫୦ ଫୁଟ ଉଚ୍ଚତାରେ ପ୍ରତ୍ୟହ ସେ ପୂଜା ଆରାଧନା କରୁଥିଲେ। ତେବେ ଦେହୁରୀ ଜଣକ ସାଥିରେ ନେଇ ଯାଉଥିବା ଢାଲକୁ ଦିନେ ପାହାଡ଼ ଉପରେ ଭୁଲି ଛାଡି ଆସିଥିଲେ। ପରେ ବାଟରେ ଢାଲ ନଥିବା ଜାଣିପାରି ପୁଣି ଥରେ ପୂଜା ସ୍ଥଳୀକୁ ଫେରି ସେଠାରେ ମାଁ ପ୍ରସାଦ ସେବନ କରୁଥିବା ଦେଖିବାକୁ ପାଇଥିଲେ। ଦେହୁରୀଙ୍କୁ ମାଁ ଆଉ ସେଠାକୁ ଆସି ପୂଜା ଆରାଧନା ପାଇଁ ମନା କରିବା ସହ ପାହାଡ ଉପରୁ ଉକ୍ତ ଢାଲକୁ ତଳକୁ ଗଡ଼ାଇ ଦେଇ ଯେଉଁ ଠାରେ ଢାଲ ରହିବ ସେଠାରେ ପୂଜା କରିବାକୁ ଆଦେଶ ଦେଇଥିଲେ। ମାଁ ସିନ୍ଦୂର ମଖା ଆସ୍ଥାନରୁ ଫିଙ୍ଗିଥିବା ଢାଲ ଯେଉଁ ସ୍ଥାନରେ ଆସି ପଡିଥିଲା, ସେବେଠାରୁ ସେହି ସ୍ଥାନରେ ପାହାଡ଼ ପାଦ ଦେଶରେ ମାଁ ପଧାନୀଙ୍କ ପୂଜା ଆରାଧନା ହୋଇ ଆସୁଛି। ଦଶହରା ସମୟର ନିଶାର୍ଦ୍ଧରେ ମାଁ ପ୍ରଧାନପାଟ ଠାରୁ ଘୋଡାରେ ଚଢ଼ି ନଗର ଭ୍ରମଣରେ ଆସୁଥିବା ଆଜି ମଧ୍ୟ ବହୁ ବୟସ୍କଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। କାହିଁ କେଉଁ ଆବାହନମାନ କାଳରୁ ପୂଜା ପାଉଥିବା ମାଁଙ୍କ ପ୍ରତି ଆଜି ମଧ୍ୟ ଜନସାଧାରଣଙ୍କ ଅଗାଢ଼ ଭକ୍ତିଭାବ, ବିଶ୍ୱାସ ଓ ଶ୍ରଦ୍ଧା ରହିଛି।କିଛି ଦଶନ୍ଧି ପୂର୍ବରୁ ମାଁ ପଧାନୀ ବୁଢ଼ୀ ବଦଳରେ ମାଁ ପ୍ରଧାନପାଟେଶ୍ୱରୀ ଭାବେ ପୂଜା ପାଉଥିବା ଦେଖିବାକୁ ମିଳିଛି। ଆଶ୍ୱିନ ଓ ଚୈତ୍ର ମାସରେ ମାଁଙ୍କ ବିଶେଷ ପୂଜା ହେଉଥିବା ବେଳେ ପଣା ଭୋଗ ମାଁଙ୍କ ପ୍ରିୟ। ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ଏକ ଗଛ ମୂଳରେ ଆବାହନମାନ କାଳରୁ ମାଁଙ୍କ ପୂଜା ଆରାଧନା ହେଉଛି। କିନ୍ତୁ କୌଣସି ଭବ୍ୟ ମନ୍ଦିର ନିର୍ମାଣ ହୋଇ ପାରିନାହିଁ। ଦେବଗଡ଼ ସହରର କେତେକ ସନାତନୀ ଯୁବ ଗୋଷ୍ଠୀଙ୍କ ଉଦ୍ୟମରେ ୨୦୧୩ ରୁ ଦଶହରା ଅବସରରେ ମାଁଙ୍କ ପୀଠରେ ନବ ଦିନାତ୍ମକ ଚଣ୍ଡୀ ପାଠ ସହ ହୋମ, ଯଜ୍ଞ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହେଇ ଆସୁଛି।

ଜଙ୍ଗଲ ମଧ୍ୟରେ ଝରଣା କୂଳରେ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ମାଁଙ୍କ ପୀଠର ବିକାଶ ନିମନ୍ତେ ଆଜି ପର୍ଯ୍ୟନ୍ତ ସରକାର ହୁଅନ୍ତୁ ବା ନିର୍ବାଚିତ ଜନ ପ୍ରତିନିଧି କେହି କେବେ ଚେଷ୍ଟା କରି ନାହାନ୍ତି। ଯଦ୍ୱାରା ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ରହିଥିବା ମାଁଙ୍କ ପୀଠର ବିକାଶ ହୋଇ ପାରି ନାହିଁ।

## ପିଲାଙ୍କ ଝଗଡ଼ାରୁ ଦୁଇ ଗୋଷ୍ଠୀ ଗଣ୍ଡଗୋଳ ଘଟଣାରେ ୩ କୋର୍ଟଚାଲାଣ



ଝାରସୁଗୁଡ଼ା,୨୪।୯ (ସମିସ): ଛୋଟ ଛୁଆଙ୍କ ଝଗଡ଼ାକୁ ନେଇ ଓରିଏଣ୍ଟ ଥାନା ଅଧୀନ ବୁଢ଼ୀଜାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳକୁ ନେଇ ତିନିଜଣ ଅଭିଯୁକ୍ତକୁ ଗିରଫ କରିକୋର୍ଟ ଚାଲାଣ କରାଯାଇଛି। ପିଲାଙ୍କ ଝଗଡ଼ାକୁ ନେଇ ଓରିଏଣ୍ଟ ଥାନା ଅଧୀନ ବୁଢ଼ୀଜାମର ମଦନ ସିଂହଙ୍କ ଘରେ ପଶି ତାଙ୍କୁ ଏବଂ ତାଙ୍କ ସ୍ତ୍ରୀ ଓ ଭାଉଜଙ୍କୁ ଗୁରୁବାର ବଜାର ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଦୁଇ ଭିନ୍ନ ସଂପ୍ରଦାୟର ବ୍ୟକ୍ତିଙ୍କ ମାଧରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ନେଇ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ ହେବା ସହିତ ଗୋଟିଏ ସମ୍ପ୍ରଦାୟ ପକ୍ଷରୁ ଥାନା ଘେରଉ କରାଯାଇଥିଲା। ଏହି ଘଟଣାରେ ତିନିଜଣ ଅଭିଯୁକ୍ତ ଗୁରୁବାର ବଜାର ଅଞ୍ଚଳର ସବୀବ ଖାଁ(୪୬), ମହମ୍ମଦ ଅରବାଜ(୨୪), ଜାଭେଦ କ୍ୟୁରେସି (୧୯) କୁ ଗିରଫ କରି ଓରିଏଣ୍ଟ ଥାନା ପୁଲିସ କୋର୍ଟଚାଲାଣ କରିଛି। ଏନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଘଟଣାକୁ ପରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ଥିବାରୁ ଥାନା ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରୁ ମୃଦୁ ଲାଠି ଚାଳନା ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ବ୍ରଜରାଜନଗର ଏସ୍‌ଡିପିଓ ଏହାକୁ ଖଣ୍ଡନ କରିଛନ୍ତି।

# ବର୍ଷାରେ ପରିସ୍ଥିତି ଅସମ୍ଭାଳ




ନୂଆପଡ଼ା, ୨୪।୯ (ସମିସ)

ନୂଆପଡ଼ା ଜିଲ୍ଲାରେ ଦୁଇଦିନ ଧରି ଲଗାଣଲଗାତ ବର୍ଷା ସାଧାରଣ ଜନଜୀବନକୁ ବ୍ୟାହତ କରିଛି। ଦୁଇ ଦିନରେ ଅର୍ଥାତ ସାରା ଜିଲ୍ଲାରେ ମଙ୍ଗଳବାର ଦିନ ୧୭୫ମିଲିମିଟର ବର୍ଷା ହୋଇଥିବା ବେଳେ ବୁଧବାର ଦିନ ୨୮୦ମିଲିମିଟର ବର୍ଷା ହୋଇଛି। ଏପରି କି ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ ନିବାସ କାର୍ଯ୍ୟାଳୟ ଭିତରେ ଏବଂ ଏସ୍‌ପି କାର୍ଯ୍ୟାଳୟ କ୍ୟାମ୍ପସରେ ବନ୍ୟାସ୍ଥିତି ଥିବାବେଳେ ଜିଲ୍ଲା ସଦର ମହକୁମାର ଡ୍ରେନେଜ ସିଷ୍ଟମ ଫେଲ ମାରିଛି। ଦିନସାରା ସ୍ଥାନୀୟ ବିଜ୍ଞାପିତ ପରିଷଦ ତରଫରୁ ଯୁଦ୍ଧକାଳୀନ ଭିତିରେ କାମ କରାଯାଇଥିବା ଦେଖାଯାଇଛି। ପ୍ରକାଶ ଯେ ମିଳିଥିବା ତଥ୍ୟମୁତାବକ ମଙ୍ଗଳବାର ଜିଲ୍ଲାର ବୋଡେନ ବ୍ଲକରେ ୩୬ମିଲିମିଟର ବର୍ଷା ହୋଇଥିବାବେଳେ ଖଡିଆଳରେ ୨୦, କୋମନାରେ ୪୫, ନୂଆପଡ଼ାରେ ୬୨ ଏବଂ ସିନାପାଲିରେ ୧୨ମିଲିମିଟର ବର୍ଷା ହୋଇଥିବା ରିପୋର୍ଟ ହୋଇଛି। ଜିଲ୍ଲାରେ ୧୭୫.୨ ମିଲିମିଟରରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହିଭଳି ବୁଧବାର ଦିନ ଜିଲ୍ଲାର ବୋଡେନରେ ୫୨ମିଲିମିଟର, ଖଡିଆଳରେ ୩୪, କୋମନାରେ ୫୬, ନୂଆପଡ଼ାରେ ୧୨.୭ ଏବଂ ସିନାପାଲିରେ ୪୫ମିଲିମିଟର ବର୍ଷା ହୋଇଛି। ତେବେ ମୋଟ ୨୮୦.୭ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ତଥାପି ବର୍ଷା ଲଗାତାର ଚାଲିଛି। ଏହି ବର୍ଷାରେ ବିଭିନ୍ନ ଜାଗାରେ ମାଟି ଅତଡା ଖସିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ପାଣି, ଲୋକେ ଜଳ ବନ୍ଦୀ ହୋଇଛନ୍ତି। ସୁନାବେଡା ରାସ୍ତାରେ ବିଭିନ୍ନ ଜାଗାରେ ମାଟି ଅତଡା ଖସିଛି। ବିଦ୍ୟାଳୟ ଗୁଡିକରେ ବର୍ଷା ପାଣି ଜମି ରହିଛି। ନୂଆପଡ଼ା ଜିଲ୍ଲା ସଦର ମହକୁମାର ନ୍ୟାସନାଲ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, କେଏନକିଡ଼ସ ବିଦ୍ୟାଳୟ, ବୁଦ୍ଧିକୋମନା ସରସ୍ୱତୀ ଶିଶୁ ମନ୍ଦିର, ପାତାଳେଶ୍ୱର ମନ୍ଦିରରେ ପାଣି ଭର୍ତି ହୋଇ ରହିଛି। ଏହାକୁ ସ୍ଥାନୀୟ ଲୋକେ ମୋଟର ପମ୍ପ ଲଗାଇ ସଫା କରିଛନ୍ତି। ଏହିଭଳି ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ବିଭିନ୍ନ ଜାଗାରେ ଲୋକଙ୍କ ଘର ଭାଙ୍ଗି ଯାଇଥିବା ଦେଖାଯାଇଛି।୮ନମ୍ବର ୱାର୍ଡର ଜଣଙ୍କ ଘର ଭାଙ୍ଗିଯାଇଥିବା ବେଳେ ଏଲଆଇସି କଲୋନୀ ନିକଟରେ ଦୁଇ ପରିବାରର ଘର ଭାଙ୍ଗିଯାଇଥିବାରୁ ଏନ୍‌ଏସି ତରଫରୁ ଉଦ୍ଧାର କରି ମିଶନ ଶକ୍ତି ଘରେ ଥଇଥାନ କରି ରଖାଯାଇଛି। ସ୍ଥାନୀୟ ଗଡଡ ପଡ଼ାବାସୀ ଏକ ପ୍ରକାର ଜଳ ବନ୍ଦୀ ହୋଇ ରହିଛନ୍ତି। ସତସଙ୍ଗ ବିହାର ନିକଟରେ ପାଣି ଘେରି ରହିଥିବାରୁ ଦିନ ତମାମ ଏନ୍‌ଏସି କର୍ମଚାରୀ ପାଣି କାଢ଼ିଥିଲେ। ସୂଚନା ଯୋଗ୍ୟ ଯେ ବିଗତ ଦିନମାନଙ୍କରେ ଜିଲ୍ଲାପାଳ ଜାତୀୟ ରାଜପଥ ବିଭାଗ ଏବଂ ଏନଏସିକୁ ନେଇ ବାରମ୍ବାର ବୈଠକ କରିଥିଲେ ମଧ୍ୟ ସବୁ ଫେଲ ମାରିଛି। ଜାତୀୟ ରାଜପଥ କଡରେ ନିର୍ମାଣ ହୋଇଥିବା ଡ୍ରେନ ଗୁଡିକୁ ବର୍ଷ ତମାମ ସଫା କରାଯାଇନଥିବାରୁ ଜଳ ନିଷ୍କାସନରେ ସମସ୍ୟା ହୋଇଛି।

## ଜିଲ୍ଲାପାଳଙ୍କ ନିବାସରେ ପାଚେରି ଭାଙ୍ଗିଲା

ନୂଆପଡ଼ା ଜିଲ୍ଲାପାଳଙ୍କ ନିବାସ କାର୍ଯ୍ୟାଳୟ ଭିତରେ ଜଳାର୍ଣ୍ଣବସ୍ଥିତି ହୋଇଛି। କ୍ୟାମ୍ପସରେ ଥିବା ବିଶାଳ ଗଛ ଭାଙ୍ଗିଯିବାରୁ ପାଚେରୀ ଭାଙ୍ଗି ଯାଇଛି। ଗଛଟି ଘର ଉପରେ ନପଡ଼ି ପାଚେରୀ ଆଡକୁ ପଡ଼ିଥିବାରୁ ଅଳ୍ପକେ ବର୍ତିଗଲା ନିବାସ କାର୍ଯ୍ୟାଳୟ। କାର୍ଯ୍ୟାଳୟ ପରିସରରେ ଅଣ୍ଟାଏ ପାଣି ଜମି ରହିଛି। ଏକ ପୋଖରୀର ଭ୍ରମ ସୃଷ୍ଟି କରୁଛି। ରିପୋର୍ଟ ଲେଖାଯିବାବେଳେ ସୁଦ୍ଧା ପାଣି କଢ଼ା ଯାଇ ନଥିଲା। ଏହିଭଳି ଏସପିଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ ଜମି ରହିଥିବା ପାଣିକୁ ଏନ୍‌ଏସି ତରଫରୁ ପାଇପ ଲଗାଇ ସଫେଇ କାମ ଚାଲିଥିବା ଜଣାପଡ଼ିଛି।

■ ଜିଆଁକଟା ବାଣ ବିସ୍ଫୋରଣ ଘଟଣା

# ରାସ୍ତାରୋକବେଳେ ବିଜେପି ନେତାଙ୍କ ଦାଦାଗିରି

**ହରଭଙ୍ଗା, ୨୪।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଜିଆଁକଟା ବାଣ ବିସ୍ଫୋରଣ ଘଟଣା ଲୋକଙ୍କ ମନରୁ ଲିଭିନି। ଘଟଣାର ୩ଦିନ ଅତିକ୍ରମ ଭିତରେ ଗାଡି ଗାଡି ବାଣ ଜବତ ସହ ୫ଜଣଙ୍କ ଗିରଫଦ୍ କରି ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ତେବେ ଏହି ଘଟଣା ପରେ ଘଟିଥିବା ଆଉ ଏକ ରୋଚକ ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଭିଡିଓରେ ବୌଦ୍ଧ ବିଧାୟକଙ୍କ ବଡ ଭାଇ ବରିଷ୍ଠ ବିଜେପି ନେତା ସୁଶାନ୍ତ ପ୍ରଧାନ ସେଦିନ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ସମୟରେ କୌଣସି କଥାକୁ ନେଇ ସର୍ବସାଧାରଣରେ ଜଣେ ଯୁବକଙ୍କୁ ବେକ ଧରି ଧକ୍କା ମାରିଛନ୍ତି। ଖାଲି ସେତିକି ନୁହେଁ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଏଭଳି ଘଟିଛି। ମୋବାଇଲରୁ ମୋବାଇଲକୁ ଏହି ଭିଡିଓ ଘୁରି ବୁଲୁଛି। ରବିବାର ସକାଳେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଜିଆଁକଟାରେ ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ଜଣ ଆହତ ହୋଇଥିଲେ। ଅନେକ ଘରଦ୍ୱାର ଭାଙ୍ଗିଥିଲା। ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତାରୋକ ହଟାଇବା ପାଇଁ ପୁଲିସ, ପ୍ରଶାସନ ବହୁ ସମୟଧରି ଲୋକଙ୍କୁ ବୁଝାସୁଝା ଚାଲିଥିଲା; ମାତ୍ର କ୍ଷତିପୂରଣ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଲୋକେ ରାସ୍ତାରୋକରୁ ହଟିବେ ନାହିଁ ବୋଲି ଜିଦ୍ ଧରିଥିଲେ। କିଛି ସମୟପରେ ବିଜେପି ନେତା ଶ୍ରୀ ପ୍ରଧାନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ଆରମ୍ଭ କରିଥିଲେ। ତେବେ ଉତ୍ତ୍ୟକ୍ତ ଜନତା ଏବଂ ନେତାଙ୍କ ମଧ୍ୟରେ କଥା କଟାକଟି ହେଉଥିଲା। ଏଥିରେ ଶ୍ରୀ ପ୍ରଧାନ ଉତ୍ତ୍ୟକ୍ତ ହୋଇ ଜଣେ ଯୁବକଙ୍କ ବେକକୁ ଧରି ଧକ୍କା ମାରିଥିଲେ। ଏଣୁ ଘଟଣା ଉଗ୍ର ରୂପ ଧାରଣ କରିଥିଲା। ଅବଶ୍ୟ ପୁଲିସ ହସ୍ତକ୍ଷେପ ପରେ ଘଟଣା ପ୍ରଶମିତ ହୋଇଥିଲା।


**ପୁଲିସ ଉପସ୍ଥିତିରେ ଯୁବକଙ୍କୁ ଧକ୍କା ମାରିବା ଭିଡିଓ ଭାଇରାଲ**

## ଜେଲ୍‌ଗଲେ ୫ ଅଭିଯୁକ୍ତ

ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଜିଆଁକଟା ବାଣ ବିସ୍ଫୋରଣ ଘଟଣାରେ ପୁରୁଣାକଟକ ପୁଲିସ ବୁଧବାର ୫ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏମାନେ ହେଲେ ମାଗିରାମ ବେହେରା (୭୦), କାହ୍ନୁ ପରିଡ଼ା (୨୫), ଆଲୋକ କାନ୍ତି (୫୦), ଲକ୍ଷ୍ମୀଧର ପରିଡ଼ା (୬୦) ଏବଂ ପ୍ରଶାନ୍ତ ସାହୁ (୩୮)। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ପଠାଇଦିଆଯାଇଛି।

# ମୁଣ୍ଡ ଉପରେ ପାର୍ବଣ; ସେକ୍ଟର-୨୨ରେ ବିରାଜୁଛି ଅନ୍ଧାର

**ରାଉରକେଲା, ୨୩।୯ (ସମିସ):** ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ଦୁର୍ଗାପୂଜା ନେଇ ଏବେ ଚାରିଆଡ଼େ ଉତ୍ସୁକତା ପ୍ରକାଶ ପାଇଛି। ରାଉରକେଲାର ବିଭିନ୍ନ ଦୁର୍ଗାପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ତେବେ ଦୁର୍ଗା ପୂଜାକୁ ଯେପରି ଶାନ୍ତି ଶୃଙ୍ଖଳାର ସହ ସହରବାସୀ ସୁରୁଖୁରୁରେ ଉପଭୋଗ କରି ପାରିବେ ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉଥିବାବେଳେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ସେକ୍ଟର-୨୨ ଅଞ୍ଚଳ ପ୍ରତି ସମ୍ପୂର୍ଣ୍ଣ ଉଦାସୀନତା ପରିଲକ୍ଷିତ ହୋଇଛି। କାରଣ ମାସ ମାସ ଧରି ସେକ୍ଟର-୨୨ର ବିଭିନ୍ନ ବ୍ଲକ ଅଞ୍ଚଳରେ କିଟି କିଟି ଅନ୍ଧକାର। ଦୀର୍ଘ ଦିନ ଧରି ଷ୍ଟ୍ରିଟ୍ ଲାଇଟ୍ ଜଳୁ ନ ଥିବାରୁ ସାରନଗରୀ ଅଞ୍ଚଳର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ସମସ୍ତ ସଂଯୋଗୀ ରାସ୍ତା ଅନ୍ଧାରରେ ରହିଛି। ସାରନଗରୀର ଜଗନ୍ନାଥ ମନ୍ଦିର ଠାରୁ ହସ୍ପିଟାଲ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତା ଏବଂ ଏଠାରୁ ଲମ୍ବିଥିବା ସମସ୍ତ ସଂଯୋଗୀ ରାସ୍ତାର ଷ୍ଟ୍ରିଟ ଲାଇଟ ଅଚଳ ହୋଇଯାଇଛି। ଫଳରେ ଦୀର୍ଘଦିନ ଧରି ଏସବୁ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। କେବଳ ସେତିକି ନୁହେଁ ଜଗନ୍ନାଥ ମନ୍ଦିରଠାରୁ ଇ-ବ୍ଲକ ଯାଇଥିବା ରାସ୍ତାରେ ବର୍ଷ ବର୍ଷ ଧରି ଷ୍ଟ୍ରିଟ ଲାଇଟ ଅଚଳ ହୋଇ ଜଳୁନାହିଁ। ସେହିପରି ଏ, ବି, ସି, ଡି, ଇ ବ୍ଲକର ସବୁ ରାସ୍ତାରେ ଷ୍ଟ୍ରିଟ ଲାଇଟ ଅଚଳ ହୋଇଥିବାବେଳେ ସେଠାରେ ବି ଅନ୍ଧାର ବିରାଜୁଛି। ଯାହା ଫଳରେ ସାରନଗରୀବାସୀ ଦୈନନ୍ଦିନ ଜୀବନରେ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ଘନ ଅନ୍ଧକାରର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ ବହୁଗୁଣିତ ହୋଇଛି। ଯାହା ଫଳରେ ଛିନ୍‌ତାଇ, ଲୁଟ୍ ଘଟଣା ମଧ୍ୟ ବୃଦ୍ଧି ପାଇଛି। ବିଶେଷକରି ରାତ୍ରି ସମୟରେ ଟ୍ୟୁସନରୁ ଘରକୁ ଫେରୁଥିବା ସ୍କୁଲ କଲେଜ ଛାତ୍ରୀ ଅସାମାଜିକଙ୍କ ଦୁର୍ବ୍ୟବହାରର ଶିକାର ହେଉଥିବା ଅଭିଯୋଗ ହୋଇଛି। ଆଗକୁ ପାର୍ବଣର ମାହୋଲ ରହିଥିବାବେଳେ ସାରା ସାରନଗରୀ ଅଞ୍ଚଳ ଅନ୍ଧାରରେ ରହିବା ଘଟଣା ସ୍ଥାନୀୟ ଆର୍‌ଏସ୍‌ପି ମେଣ୍ଟେନାନ୍ସ ବିଭାଗର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠିଛି। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୁତରାଂ ଏହାକୁ ଗୁରୁତର ଭାବେ ଗ୍ରହଣ କରି ଆର୍‌ଏସ୍‌ପି ସହର ପ୍ରଶାସନ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



**ବଢୁଛି ଅସାମାଜିକ କାର୍ଯ୍ୟକଳାପ**

## ବୌଦ୍ଧରେ ୟୁରିଆ ସାର ସଙ୍କଟ

# ଡିଆରସିଏସ୍‌ଙ୍କ ସହ ଆଲୋଚନା କଲେ ଚାଷୀ

**ବୌଦ୍ଧ, ୨୪।୯ (ସମିସ):** ସରକାର ୟୁରିଆ ସାର ଯଥେଷ୍ଟ ପରିମାଣରେ ଯୋଗାଇ ଦେବା ସତ୍ତ୍ୱେ ଚାଷୀଙ୍କ ପାଖରେ ତାହା ପହଞ୍ଚି ନ ପାରିବାରୁ ଚାଷୀ ମାତ୍ର ବସ୍ତାଏ ସାର ପାଇଁ ବହୁତ ହଇରାଣ ହେବାକୁ ପଡ଼ିବାକୁ ପଡୁଛି। ଠିକ୍ ସମୟରେ ସାର ନ ଦେଲେ ଅମଳ କମିଯିବ। ତେଣୁ ଚିନ୍ତାରେ ରହିଛନ୍ତି ଚାଷୀ। ଏହାର ପ୍ରତିବାଦରେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ସୂର୍ଯ୍ୟ ମହାପାତ୍ର ଓ ସମବାୟ ପ୍ରଭାରି ସୁବାସ ପ୍ରଧାନଙ୍କ ନେତୃତ୍ୱରେ ବାମାଣ୍ଡା ଓ ମଥୁରା ପଞ୍ଚାୟତର ଶତାଧିକ ଚାଷୀ ମଙ୍ଗଳବାର ଡ଼ିଆରସିଏସଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ସେ ବାମଣ୍ଡା ପାକ୍ସକୁ ଦୁଇ ଟ୍ରକ ଓ ମଥୁରା ପାକ୍ସକୁ ଦୁଇ ଟ୍ରକ ସାର ଦୁଇ ଦିନ ଭିତରେ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ସନ୍ତୋଷ ପ୍ରକାଶ କରି ନିଜ ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଅଗ୍ନି ସୁରକ୍ଷା ମକ୍‌ଡ୍ରିଲ୍

**ବୌଦ୍ଧ, ୨୩।୯ (ସମିସ):** ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନିକାଣ୍ଡ ଭଳି ଆପଦ ସମୟରେ ଉଦ୍ଧାର କୌଶଳ ସମ୍ପର୍କିତ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବହୁତଳ ବିଶିଷ୍ଟ କୋଠାରେ ଥିବା ଲୋକଙ୍କୁ କିଭଳି ଉଦ୍ଧାର କରାଯିବ ଓ ଅଗ୍ନି ନିର୍ବାପନ ପାଇଁ କେଉଁ କୌଶଳ ଅବଲମ୍ବନ କରାଯାଇ ଧନ ଜୀବନ ସୁରକ୍ଷିତ ରଖାଯିବ ସେ ସମ୍ପର୍କରେ ଅଗ୍ନିଶମ କର୍ମଚାରୀ ଡେମୋ ଦେଖାଇଥିଲେ। ଉକ୍ତ ମକ୍‌ଡ୍ରିଲ୍ ଅବସରରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଆମ୍ବୁଲାନ୍ସ ସେବା କର୍ମଚାରୀ, ଅଗ୍ନିଶମ ବାହିନୀ ଅଧିକାରୀ ଓ ଜନ ସାଧାରଣ ଉପସ୍ଥିତ ଥିଲେ।

# 'ପରିମଳ ଦ୍ୱାରା ଗ୍ରାମର ସମୃଦ୍ଧି' ତାଲିମ ଶିବିର

**ଶଗଡ଼ା, ୨୪।୯ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ପରିମଳ ଦ୍ୱାରା ଗ୍ରାମର ସମୃଦ୍ଧି ଶୀର୍ଷକ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମନରେଗା ସଂଯୋଜକ ସତ୍ୟଜିତ ସେନାପତି, ଜଳ ଓ ପରିମଳ ମିଶନର ଜିଲ୍ଲା ପରାମର୍ଶଦାତା ସରୋଜ ରଞ୍ଜନ ପାଢ଼ୀ, ପ୍ରୋଗ୍ରାମ ମ୍ୟାନେଜର ଅମ୍ରିତା ପଣ୍ଡା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବ୍ଲକ ସଂଯୋଜକ ଅର୍ଜୁନ ଦାଶ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ଲକ ସମସ୍ତ ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ ଓ ସ୍ୱଚ୍ଛ ସାଥୀମାନେ ଯୋଗ ଦେଇଥିଲେ। ଗମନ ଦାସ, ମୁକ୍ତେଶ୍ୱର ପ୍ରଧାନ, ଶ୍ରୀହରି ବାଗ, ସୁଦାମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ସ୍ୱଚ୍ଛତାକୁ ନେଇ ସାମୁହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ଶିବିର

**ବୀରମହାରାଜପୁର, ୨୪।୯ (ସମିସ):** ବୀରମହାରାଜପୁର ବ୍ଲକ ସୁବଳୟା କଲ୍ୟାଣମଣ୍ଡପଠାରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ସଂଗଠନ ତଥା ବିଭାଗ ତରଫରୁ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ଆର୍ଥିକ ସଞ୍ଚୟ ସେବା ଓ ସଞ୍ଚୟ ଅଧିକାରୀ ମଙ୍ଗଳ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ୍ ଶଞ୍ଜୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବରେ ଡେପୁଟି କଲେକ୍ଟର ଶୁଭମ୍ ସୁଭାସିଷ୍ ଶତପଥୀ, ସହକାରୀ ଜିଲ୍ଲାପାଳ ଜ୍ୟୋତିର୍ମୟୀ ମଲ୍ଲିକ୍, ବୀରମହାରାଜପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଅଜିତ କୁମାର ମିର୍ଦ୍ଧା, ପୁରୁଷୋତ୍ତମ ନାୟକ୍, ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ ମେନେଜର୍ ସତ୍ୟବ୍ରତ ପ୍ରଧାନ, ସୁବଳୟା କଲେଜର ପୂର୍ବତନ ଅଧ୍ୟକ୍ଷ ଭୋଳାନାଥ କର୍ମୀ, ସୁବଳୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କ ମାଧ୍ୟମରେ ଅର୍ଥ ବିନିଯୋଗ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଏମବିକେ ବବିତା ରାଣୀ ମହାପାତ୍ର, ସମସ୍ତ ସିଆରପିଙ୍କ ସମେତ ବରିଷ୍ଠ ଆଇନଜୀବୀ ନନ୍ଦ କିଶୋର ମିଶ୍ର, ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ରଥ, ଡାକ ବିଭାଗର ଏଜେଣ୍ଟ ସାମିଲ ହୋଇଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ କାର୍ଯ୍ୟାଳୟର ସଞ୍ଜୟ କୁମାର ବାରିକ, ସୁକାନ୍ତ ପୁରୋହିତ, ଦୁଃଖିତ ସେଠୀ, ଶିବ ପ୍ରସାଦ ଷଡ଼ଙ୍ଗୀ, ମଞ୍ଜୁଲତା ବାବୁ ପ୍ରମୁଖ ସହାୟତା କରିଥିଲେ। ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

**କୋକସରା, ୨୪।୯ (ସମିସ):** ମନରେଗା ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ବୁଧବାର କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଛି। ଉକ୍ତ ଶିବିରରେ ଜିଲ୍ଲାପାଳ ପାୱାର ସଚୀନ ପ୍ରକାଶ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସହକାରୀ ଯନ୍ତ୍ରୀ ଶୁକ୍ରତାନନ୍ଦ ମିଶ୍ର, ସାମାଜିକ ସମିକ୍ଷକ ଆଲୋକ କୁମାର ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି କ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀଅଧିକାରୀ, ଏଡିଓ ଏବଂ ଗ୍ରାମରୋଜଗାର ସେବକ ମାନେ ଉପସ୍ଥିତ ରହି ମନରେଗା ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ତଥ୍ୟ ରଖିଥିଲେ। ୧ ଅକ୍ଟୋବର ୨୦୨୪ ଠାରୁ ୩୧ ମାର୍ଚ୍ଚ ୨୫ ଆର୍ଥିକ ବର୍ଷରେ ହୋଇଥିବା ପ୍ରକଳ୍ପର ସାମାଜିକ ଯାଞ୍ଚ ବିବରଣୀ ଦିଆଯାଇଥିଲା।ବ୍ଲକରେ ମୋଟ ୧୬୭୧ ଟି ପ୍ରକଳ୍ପ ଅନୁମୋଦନ ହୋଇଥିବାବେଳେ ୭ କୋଟି ୩୧ ଲକ୍ଷ ୮୪ ହଜାର ଟଙ୍କା ଅନୁଦାନ ରହିଛି। ମୋଟ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ୧୨୨୬ ଟି ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସେଥିମଧ୍ୟରୁ ୪୪୫ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି। ସମୁଦାୟ ୨୦ ହଜାର ୬୮୫ ଜବ୍ କାର୍ଡ଼ ରହିଥିବାବେଳେ ୩୪୮ ଜଣ ଜବ୍ କାର୍ଡ଼ ହିତାଧିକାରୀ ଶହେ ଦିନ ଶ୍ରମ ଦିବସ ପାଇଥିବା ସୂଚନା ମିଳିଛି। ଶିବିରକୁ ଏପିଓ ସତିଶ୍ ରଞ୍ଜନ ବେହେରା ସଂଯୋଜନା କରିଥିବାବେଳେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



# ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ବୈଠକ

**ବୋଡେନ, ୨୪।୯ (ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକସଦର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷ ଡ଼. ଫଣିନ୍ଦମ ସିଂ ଦେଓ ଯୋଗ ଦେଇଥିବାବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ, ପଞ୍ଚାୟତିରାଜ ପ୍ରତିନିଧି ଯୋଗ ଦେଇଥିଲେ।ଏହି ଅବସରରେ ଦେଓ ପଞ୍ଚାୟତସ୍ତରରେ ଶିଶୁ ମଙ୍ଗଳ ସମିତି କାର୍ଯ୍ୟ କଲେ ଶିଶୁଙ୍କ ଅଧିକାର ପ୍ରଦାନରେ ବାଧା ସୃଷ୍ଟି ହେବ ନାହିଁ।ତେଣୁ ପଞ୍ଚାୟତସ୍ତରୀୟ ଏହି ୟୁନିଟ କାର୍ଯ୍ୟ କରିବାକୁ ଆହ୍ୱାନ କରି ଆଗାମୀ ଦିନରେ ନିଜ ପଞ୍ଚାୟତର ଶିଶୁଙ୍କ ମଙ୍ଗଳ ଓ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଉପସ୍ଥିତ ବ୍ୟକ୍ତିଙ୍କୁ ବୁଝାଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର; ୪୧୨ ଭିନ୍ନକ୍ଷମ ପଞ୍ଜିକୃତ

**ଧର୍ମଗଡ଼, ୨୪।୯ (ସମିସ):** ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଅତିଥି ଭାବେ ଧର୍ମଗଡ଼ ବିଡ଼ିଓ ସଦାଶିବ ନାୟକ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ହିମାଂଶୁ ଶେଖର ପଣ୍ଡା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଜିଲ୍ଲାପରିଷଦ ସଭ୍ୟ ଶଙ୍କର ପ୍ରସାଦ ଜୁଏଡ଼, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ତେଣ୍ଡାପାଳି ସରପଞ୍ଚ ଗୌଲୋଚନ ଗୋପାଳ, କଦଳିମୁଣ୍ଡା ସରପଞ୍ଚ ଘନକେସି କେତକୀ, ବେହେରା ସରପଞ୍ଚ କୁମୁଦିନୀ ଗଏନ୍ତା, ଖଇରପଦର ସମିତି ସଭ୍ୟ ପ୍ରସନ୍ନ ବିହାରୀ ପ୍ରମୁଖ ଅତିଥି ମାନେ ମଞ୍ଚାସୀନ ହେବାପରେ ସନ୍ଥକବି ଭୀମଭୋଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶିବିରରେ ବଚ୍‌ର ୨୪ପଞ୍ଚାୟତର ମୋଟ ୪୧୨ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ୧୪୫ ଜଣଙ୍କୁ ଭିନ୍ନକ୍ଷମ ପରିଚୟପତ୍ର, ୬୫ଜଣଙ୍କୁ ବସ୍ ପାସ, ୧୦ ଜଣଙ୍କୁ ଟ୍ରେନପାସ ପ୍ରଦାନ କରାଯଇଥିଲା। ସେହିପରି ୨୭ ଜଣଙ୍କୁ ନୂତନ ଭିନ୍ନକ୍ଷମ ଭତ୍ତା, ୧୧ଜଣଙ୍କୁ ହୁଇଲଚେୟାର ଓ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଶିବିରରେ ଅସ୍ଥି ସଲ୍ୟ ବିଶେଷଜ୍ଞ ଡାକ୍ତର ପ୍ରମତେଷ କଷ୍ୟପ ପଣ୍ଡା, ମାନସିକ ବିଶେଷଜ୍ଞ ଡାକ୍ତର ଅନନ୍ତ ଚରଣ ମେହେର, କର୍ଣ୍ଣ, ଗଳା ଓ ନାଶା ବିଶେଷଜ୍ଞ ଡାକ୍ତର ସିଦ୍ଧାର୍ଥ ଶଙ୍କର ଜେନା, ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଲୋପାମୁଦ୍ରା ବିଶି, ଟେଲିମେଡ଼ିସିନ ଟେକ୍ନିସିଆନ ନିବେଦିତା ସାହୁ, ମୋବିଲିଟି ଇନଷ୍ଟ୍ରକ୍ଟର ନିବାସ ଚନ୍ଦ୍ର ସାହୁ, କାର୍ଯ୍ୟକ୍ରମ ସହାୟକ ଲକ୍ଷପତି ପୁଝାରୀ ପ୍ରମୁଖ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ଭିନ୍ନକ୍ଷମଙ୍କୁ ସାହାଯ୍ୟ ନିମନ୍ତେ ବିଭିନ୍ନ ଷ୍ଟଲ କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଲୋକନାଥ ଭାଟି ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ସହାୟକ ଦେବେନ୍ଦ୍ର କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଭାଷା ପକ୍ଷ ଉପଲକ୍ଷେ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା



**ରାଉରକେଲା, ୨୩।୯ (ସମିସ):** ସେଲ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ରାଜଭାଷା ପକ୍ଷ ପାଳନ ଅବସରରେ ଜ୍ଞାନାର୍ଜନ ଓ ବିକାଶ ବିଭାଗର ଗୋପବନ୍ଧୁ ଅଡିଟୋରିୟମଠାରେ ଏକ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ ଆର୍‌ଏସ୍‌ପିର ବିଭିନ୍ନ ବିଭାଗର କର୍ମଚାରୀମାନେ ଉତ୍ସାହଜନକ ଭାବେ ଅଂଶଗ୍ରହଣ କରିଥିଲେ। ଏଥିରେ ୪୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଚ୍‌ଆର୍ ଏଲ୍‌ଆଣ୍ଡଡି ବିଭାଗର ସିଜିଏମ ପି କେ ସାହୁ ଏବଂ ଲୋକ ସମ୍ପର୍କ ବିଭାଗର ଜିଏମ୍ ଏବଂ ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ଉପସ୍ଥିତ ଥିଲେ। ସମସ୍ତ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବହୁଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଏଲ ଏଣ୍ଡ ଡି ବିଭାଗର ଡିଜିଏମ କେକେ ଜୟସ୍ୱାଲ, ଏବଂ ସିଆଣ୍ଡ ଆଇଟି ବିଭାଗର ଡିଜିଏମ୍ ଭି ପି ଆର୍ଯ୍ୟ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲୋକସମ୍ପର୍କ ରାଜ ଭାଷା ବିଭାଗର ଏଜିଏମ୍ ଲୋଲାଟି ଟପ୍ପୋ ଏବଂ ଉକ୍ତ ବିଭାଗର ଡେପୁଟି ମ୍ୟାନେଜର ଅନୀଲ କୁମାର ଝା ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତା ଆର୍‌ଏସ୍‌ପିର ପିଆର ଏବଂ ରାଜଭାଷା ବିଭାଗ ଦ୍ୱାରା ସଂଯୋଜିତ ହୋଇଥିଲା।

## ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ସମସ୍ୟା ସମାଧାନ ଦାବି

# ବିଜେଡି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର

ରାଉରକେଲା, ୨୩।୯ (ସମିସ)



ରାଉରକେଲାର ବିଭିନ୍ନ ସମସ୍ୟା ଓ ବିକାଶମୂଳକ କାର୍ଯ୍ୟ ନେଇ ବିଜୁ ଯୁବ ଜନତା ଦଳ ପକ୍ଷରୁ ସଭାପତି ସୁଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ରାଉରକେଲା ମହାନଗର ନିଗମର କମିସନର ଦୀନାହ ଦସ୍ତାଗୀରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବଳିଷ୍ଠ ପଦକ୍ଷେପ ଯୋଗୁଁ ସହର ଆକର୍ଷଣୀୟ ତଥା ନୂଆ ରୂପ ପାଇଥିଲା। ମାତ୍ର ୨୦୨୪ ଜୁନ୍‌ରେ ସରକାର ପରିବର୍ତ୍ତନ ହେବା ପରେ ଏହି ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି। ଫଳରେ ସ୍ମାର୍ଟସିଟି ରାଉରକେଲା ଆଜି ତା'ର ପୂର୍ବ ଶିରି ହରାଇବାରେ ଲାଗିଛି। ରାଉରକେଲା ସହରର ବିକାଶକୁ ଧ୍ୟାନରେ ରଖି ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଭିନ୍ନ ଦାବି କରାଯାଇଛି। ସେସବୁ ସମସ୍ୟ ମଧ୍ୟରେ ରହିଛି ବିଶ୍ରା ଛକରୁ ବନ୍ଧମୁଣ୍ଡା ରାସ୍ତା ସମେତ ସାରା ସହରର ବିପର୍ଯ୍ୟସ୍ତ ରାସ୍ତାଘାଟ ତୁରନ୍ତ ମରାମତି କରିବା, ରାଉରକେଲା-୧ ପ୍ରକଳ୍ପ, କୋଏଲନଗର ରିକ୍ରିଏସନ୍ ପାର୍କ, ଛେଣ୍ଡ ପ୍ଲାନେଟୋରିୟମ ଓ ସାଇନ୍ସ ପାର୍କ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରି ଲୋକାର୍ପଣ କରାଯିବା ପାଇଁ ଦାବି କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଥିବା ୱାଟର ଫାଉଣ୍ଟେନ୍ ଅଚଳ ହୋଇ ଯାଇଥିବାରୁ ତୁରନ୍ତ ସେଗୁଡିକ ମରାମତି କରାଯିବା ପାଇଁ ମଧ୍ୟ ଦାବି କରାଯାଇଛି। ସହରରେ ବିଭିନ୍ନ ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲାଗିଥିବା ୱାଟର କୁଲର୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଛି। ଟିଂ ରୋଡ୍ ସମେତ ବିଭିନ୍ନ ୱାର୍ଡ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନଥିବାରୁ ସେସବୁକୁ ସଜାଡ଼ିବା ପାଇଁ ଦାବି କରାଯାଇଛି। ସହରର ରାସ୍ତା ପାର୍ଶ୍ୱରେ ଫୁଟପାଥ ଉପରେ ଅନେକ ଯାଗାରେ ଲାଗିଥିବା ପେଭର ବ୍ଲକ ଭୁଶୁଡ଼ି ପଡ଼ିଥିବାରୁ ଯାତାୟାତ ପାଇଁ ଅସୁବିଧା ଭୋଗ କରୁଛନ୍ତି। ପେଭର୍‌ବ୍ଲକ ପୁନଃ ବିଛାଯାଇ ଫୁଟ୍‌ପାଥ୍‌କୁ ଯାତାୟାତ ଉପଯୋଗୀ କରାଯିବା ପାଇଁ ମଧ୍ୟ ଦାବି କରାଯାଇଛି। ସେହିପରି ସହରରେ ବିଭିନ୍ନ ପାର୍କର ରକ୍ଷଣାବେକ୍ଷଣ, ସ୍ୱେରେଜ ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ, ରାସ୍ତାଘାଟକୁ ଗୋରୁଗାଈଙ୍କ କବଳରୁ ମୁକ୍ତି କରିବା, ବସ୍ତି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ, ଜାଗା ମିଶନରେ ବସ୍ତିବାସୀଙ୍କୁ ପ୍ରମାଣପତ୍ର ଯୋଗାଇ ଦିଆଯିବା, ସହରର ଡିଏଭି, ଆଇଟିଆଇ, ପାନପୋଷ ରୋଡ୍ ଏବଂ ଗୋପବନ୍ଧୁପାଲ୍ଲି ଠାରେ ନିର୍ମିତ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନେବା ପାଇଁ ଦାବି କରାଯାଇଛି। ସେହିପରି ସହରର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଦାବି କରାଯାଇଛି। ରାଉରକେଲା ମହାନଗର ନିଗମ କମିସନରଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ବିଜୁ ଯୁବ ଜନତା ଦଳର ସଭାପତି ସୁଶାନ୍ତ କୁମାର ରାଉତଙ୍କ ସମେତ ସୁଧାଂଶୁ ସାମଲ, ଦୁଷ୍ମନ୍ତ ରାଉତରାୟ, ମାନସ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ପୂର୍ବତନ କାଉନସିଲର ବୀରେନ ସେନାପତି, ପୂର୍ବତନ କାଉନସିଲର ଆଶିଷ ମହାନ୍ତି, ରାଜୀବ ପ୍ରତିହାରୀ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆସ ସ୍କୁଲ ଯିବା' ଜିଲ୍ଲାସ୍ତରୀୟ ପଦଯାତ୍ରା

**କୋକସରା, ୨୪।୯ (ସମିସ):** ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ରାଜ୍ୟ ବ୍ୟାପୀ 'ଆସ ସ୍କୁଲ ଯିବା' ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ବୁଧବାର କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟ ଠାରୁ ପଦଯାତ୍ରା ଆରମ୍ଭ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାୱାର ସଚୀନ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଡ଼ିଓ ଡ଼ଃ ହିମାଞ୍ଚଳ ମାଝୀ, ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ହେମସାଗର ମହାନନ୍ଦ, ବିଇଓ ମହେଶ କୁମାର ଭାଟି, ଏବିଇଓ ତୋଫାନ ମାଝୀ, ଦୟାନିଧି ପାଢ଼ୀ, ନର୍ଲା ବିଇଓ, ଜୁନାଗଡ଼ ବିଇଓ ଏବଂ ଗୋଲାମୁଣ୍ଡା ବିଇଓ ପ୍ରମୁଖ ଯୋଗଦେଇ ଥିଲେ। ଏହି କ୍ରମରେ ଜବାହର ଉଚ୍ଚ ବିଦ୍ୟାଳୟ ଠାରୁ ଏକ ପଦଯାତ୍ରା ବାହାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବାହାରିଥିଲା। ପଦଯାତ୍ରା ସମୟରେ ସ୍ଥାନୀୟ ବସଷ୍ଟାଣ୍ଡ ଓ ଜଗନ୍ନାଥ ମନ୍ଦିର ନିକଟରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରି ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏହାପରେ ଜିଲ୍ଲାପାଳ ପାୱାର ସଚୀନ ପ୍ରକାଶ 'ସ୍କୁଲ କେ ଶିକ୍ଷା' ଭିଡିଓ ଉନ୍ମୋଚନ କରିଥିଲେ। ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ସମେତ ସମସ୍ତ ସିଆରସିସି ସାମିଲ ହୋଇଥିଲେ।

# ଦିଲ୍ଲୀ ବାବା ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀ



## ଯୌନ ଶୋଷଣ ଅଭିଯୋଗ ଆଣିଲେ ୧୭ ଛାତ୍ରୀ
## ଫେରାର ଭଣ୍ଡ ବାବାର ଘର ଓଡ଼ିଶାରେ
## ୧୬ ବର୍ଷ ଧରି କରୁଥିଲା ଶୋଷଣ

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଦିଲ୍ଲୀର ଏକ ନାମୀଦାମୀ ଶ୍ରୀ ସାରଦାପୀଠ ଶୃଙ୍ଗେରୀ ଆଶ୍ରମ (ସାରଦା ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟ)ରେ ଚାଲୁଥିବା ଅନୀତି ଓ ବ୍ୟଭିଚାରର ପର୍ଦ୍ଦାଫାସ୍ ହୋଇଛି। ପୁଲିସର କହିବା ଅନୁସାରେ ଗତ କିଛି ଦିନ ହେବ ଏହି ଆଶ୍ରମରେ ରହୁଥିବା ଛାତ୍ରୀମାନଙ୍କୁ ଯୌନ ଶୋଷଣ କରାଯିବାର ଅଭିଯୋଗ ହୋଇଛି। ଏହି ଆଶ୍ରମର ସଞ୍ଚାଳକ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ୍ ପାର୍ଥ ସାରଥିଙ୍କ ବିରୋଧରେ ୧୭ଜଣ ଛାତ୍ରୀ ଯୌନ ଶୋଷଣର ଅଭିଯୋଗ ଆଣିଛନ୍ତି। ଏହି ଛାତ୍ରୀମାନେ ଆଶ୍ରମରେ ରହୁଥିଲେ ଓ ଏମାନେ ବାବାଙ୍କ ବିରୋଧରେ ବ୍ଲାକମେଲ କରିବା ଓ ଧମକ ଦେବାର ମଧ୍ୟ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ମିଳିବା ପରେ ଦିଲ୍ଲୀର ବସନ୍ତ କୁଞ୍ଜ ଥାନା ପୁଲିସ୍ ମାମଲା ରୁଜୁ କରିବା ସହ ଯାଞ୍ଚ ଆରମ୍ଭ କରିଛି। ପୁଲିସ ମଧ୍ୟ ଆଶ୍ରମର ସିସିଟିଭି ଫୁଟେଜର ଯାଞ୍ଚ କରୁଛି। ଆଶ୍ରମର କେତେଜଣ ୱାର୍ଡେନ୍ ଛାତ୍ରୀମାନଙ୍କୁ ବାବାଙ୍କ ଭେଟ କରାଉଥିଲେ ଓ ଛାତ୍ରୀମାନଙ୍କୁ କଲ କରି ସେ ରୁମ୍‌କୁ ଡକାଉଥିଲେ ବୋଲି ଅଭିଯୋଗ ହୋଇଛି। ପଟିଆଲା ହାଉସ୍ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଅଭିଯୋଗ ମିଳିବା ପରେ ଅଭିଯୁକ୍ତ ବାବା ଫେରାର ଅଛନ୍ତି ଓ ପୁଲିସ ତାଙ୍କୁ ଖୋଜିବା ଜାରି ରଖିଛି।

ଏହି ବାବା ହେଉଛନ୍ତି ଓଡ଼ିଶାରେ ବାସିନ୍ଦା। ସେ ଏହି ଆଶ୍ରମରେ ଗତ ୧୨ ବର୍ଷ ହେବ ଅବସ୍ଥାନ କରୁଛନ୍ତି। ଏହି ବାବାଙ୍କ ବିରୋଧରେ ଓଡ଼ିଶାରେ ମଧ୍ୟ ଦୁଇଟି ମାମଲା ଯଥାକ୍ରମେ ୨୦୦୯ ଓ ୨୦୧୬ରେ ରୁଜୁ ହୋଇଛି। ଦିଲ୍ଲୀର ଏହି ଆଶ୍ରମରେ ଚୈତନ୍ୟାନନ୍ଦ କେୟାରଟେକର ଓ ସଞ୍ଚାଳକ ଦାୟିତ୍ୱରେ ଥିଲା। ବାବା ଆମକୁ ଲଗାତର ବ୍ଲାକମେଲ କରୁଥିଲେ ବୋଲି ଛାତ୍ରୀମାନେ କୋର୍ଟରେ ବୟାନ ଦେଇଛନ୍ତି। ପୁଣି କାହାକୁ କିଛି ନ କହିବାକୁ ସେ ଧମକ ଦେଇଥିଲେ। ଯଦି କେଉଁଠି କିଛି କୁହ, ତେବେ ପରିଣତି ଭୟଙ୍କର ହେବ ବୋଲି ସେ କହିଥିଲେ। ଏହି ବାବା ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି। ସେ ଜଣେ ପ୍ରଖ୍ୟାତ ପ୍ରଧାପକ, ବକ୍ତା, ଶିକ୍ଷାବିତ ଭାବେ ଜଣାଶୁଣା। ସେ ମଧ୍ୟ ଚିକାଗୋ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ କରିଛନ୍ତି। ସେ କେତୋଟି ଡକ୍ଟରେଟ୍ ଡିଗ୍ରୀ ଓ ଡିଲିଟ୍ ହାସଲ କରିଛି। ଏହି ମାମଲା ପଦାରେ ପଡ଼ିବା ପରେ ବାବା ଫୋରାର ହୋଇଯାଇଛନ୍ତି। ସେ ବାରମ୍ବାର ସ୍ଥାନ ବଦଳାଉଛନ୍ତି। ଏହି ବାବାଙ୍କ କାର୍‌ରେ ଜାତିସଂଘର ନକଲି ନମ୍ବର ଲଗା ଯାଇଛି। ଅଭିଯୋଗ ପରେ ଆଶ୍ରମ ତରଫରୁ ମଧ୍ୟ ସଫେଇ ଦିଆଯାଇଛି।

## ଜାତିସଂଘରେ ପୁଣି କଶ୍ମୀର ପ୍ରସଙ୍ଗ ଉଠାଇଲା ତୁର୍କୀ

ୱାସିଂଟନ, ୨୪।୯(ଏଜେନ୍ସି): ନ୍ୟୁୟର୍କରେ ଚାଲିଥିବା ଜାତିସଂଘ ମହାସଭା (ୟୁଏନ୍‌ଜିଏ)ର ୮୦ତମ ସଂସ୍କରଣରେ ତୁର୍କୀ ପୁଣିଥରେ କାଶ୍ମୀର ପ୍ରସଙ୍ଗ ଉଠାଇବାକୁ ପ୍ରୟାସ କରିଛି। ତୁର୍କୀ ରାଷ୍ଟ୍ରପତି ରେସେପ ଟାୟିପ୍ ଏର୍ଡୋଗାନ୍ ମଙ୍ଗଳବାର ୟୁଏନଜିଏରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ଉଠାଇଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ କଥାବାର୍ତ୍ତା ଜରିଆରେ କଶ୍ମୀର ସମସ୍ୟାର ସମାଧାନ କରାଯିବା ଉପରେ ସେ ଗୁରତ୍ୱ ଦେଇଥିଲେ। ଗତ ଏପ୍ରିଲରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେବା ପରେ ଅସ୍ତ୍ରବିରତି ହୋଇଥିଲା ଓ ଏହା ଏକ ଖୁସିର କଥା ବୋଲି ସେ କହିଥିଲେ। ଜାତିସଂଘ ସୁରକ୍ଷା ପରିଷଦର ସାହାଯ୍ୟ କ୍ରମେ କଶ୍ମୀରର ଭାଇ ଓ ଭଉଣୀଙ୍କ ପାଇଁ ଏହି ସମାଧାନ ହେବା ଆବଶ୍ୟକ। କିନ୍ତୁ ଭାରତ ଏହିଭଳି ମନ୍ତବ୍ୟକୁ ପୂର୍ବରୁ ଖାରଜ କରିଆସିଛି। ଜମ୍ମୁ-କଶ୍ମୀର ହେଉଛି ଆମର ଆନ୍ତରିକ ମାମଲା। ତେଣୁ ଏ ନେଇ ତୃତୀୟ ପକ୍ଷ କିମ୍ବା କୌଣସି ମଧ୍ୟସ୍ଥତା ଆବଶ୍ୟକତା ନାହିଁ ବୋଲି ଭାରତ ସ୍ପଷ୍ଟ କରିଛି। ଏର୍ଡୋଗାନ ୨୦୧୯ରୁ ପ୍ରତିବର୍ଷ (୨୦୨୪କୁ ବାଦ ଦେଇ) ଜାତିସଂଘରେ କଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିଆସୁଛନ୍ତି ଓ ସେ ପାକିସ୍ତାନ ସମର୍ଥନରେ ଆଗକୁ ବାହାରୁ ଥିବାର ଲକ୍ଷ୍ୟ କରାଯାଇଛି। ପାକିସ୍ତାନ ବିରୋଧରେ ଚାଲିଥିବା ଅପରେସନ ସିନ୍ଦୂର ଅବସରରେ ଏର୍ଡୋଗାନ ପାକିସ୍ତାନ ସମର୍ଥନରେ ଖୋଲାଖୋଲି ଭାବେ ମନ୍ତବ୍ୟ ଦେବା ସହ ଆଗକୁ ବାହାରି ଥିଲେ।

## ୮ ଇସଲାମିକ ଦେଶଗୁଡିକ ସହ ଟ୍ରମ୍ପଙ୍କ ବୈଠକ

ୱାଶିଂଟନ, ୨୪।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ୮ଟି ଇସ୍‌ଲାମିକ ଦେଶଗୁଡିକର ନେତାଙ୍କ ସହ ବୈଠକରେ ବସିଥିଲେ। ଗାଜାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବେ ବୋଲି ଟ୍ରମ୍ପ ଏହି ଅବସରରେ ଦାବି କରିଛନ୍ତି। ଏହି ବୈଠକରେ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ମିଶର, ଜୋର୍ଡାନ, ତୁର୍କୀ, ଇଣ୍ଡୋନେସିଆ ଓ ଆଫଗାନିସ୍ତାନ ଦେଶଗୁଡିକର ନେତାମାନେ ଟ୍ରମ୍ପଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ତେବେ ଏହି ବୈଠକ ପରେ ଟ୍ରମ୍ପ ଗଣମାଧ୍ୟମଗୁଡିକ କୌଣସି ମନ୍ତବ୍ୟ ଦେଇ ନଥିଲେ ଓ କେବଳ ହାତ ହଲାଇ ଚାଲିଯାଇଥିଲେ। ତେବେ ଏହି ବୈଠକରେ କିପରି ଗାଜାରେ ଚାଲିଥିବା ଯୁଦ୍ଧ ବନ୍ଦ ହେବ ଓ ସ୍ଥାୟୀ ଅସ୍ତ୍ରବିରତି ହେବ ସେ ନେଇ ଚର୍ଚ୍ଚା ହୋଇଥିଲା ବୋଲି ୟୁଏଇ ସରକାରୀ ଗଣମାଧ୍ୟମ ତରଫରୁ କୁହାଯାଇଛି। ସେହିପରି ହମାସ କବ୍‌ଜାରେ ଥିବା ପଣବନ୍ଦୀଙ୍କୁ ମୁକ୍ତି ଦେବା ଓ ଗାଜାରେ ସୃଷ୍ଟି ହୋଇଥିବା ମାନବୀୟ ସଂକଟର ସମାଧାନ ପାଇଁ ସହମତି ପ୍ରକାଶ ପାଇଥିଲା ବୋଲି ଗଣମାଧ୍ୟମଗୁଡିକ ତରଫରୁ କୁହାଯାଇଛି।

## ନିଜ ସନ୍ତାନଙ୍କୁ ଶୋଷଣ କରିଥିଲେ ମସ୍କଙ୍କ ପିତା

ନ୍ୟୁୟର୍କ, ୨୪।୯(ଏଜେନ୍ସି): ଟେସଲା ଓ ସ୍ପେସ୍‌ଏକ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କଙ୍କ ପିତା ଏରୋଲ ମସ୍କଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଛି। ସେ ନିଜ ୫ ସନ୍ତାନ ଓ ସାବତ ସନ୍ତାନମାନଙ୍କୁ ଯୌନ ଶୋଷଣ କରିଥିଲେ ବୋଲି ନ୍ୟୁୟର୍କ ଟାଇମ୍ସ ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ଏହି ରିପୋର୍ଟ ମୁତାବକ ୧୯୯୩ରୁ ଏହି ଅଭିଯୋଗ ସାମ୍ନାକୁ ଅସିଥିଲା। ତିନିଥର ପୁଲିସ ଏ ନେଇ ଯାଞ୍ଚ କରିଥିଲା। ଏଥିରୁ ଦୁଇଟି ଯାଞ୍ଚ ବନ୍ଦ ହୋଇଥିବା ବେଳେ ଆଉ ଗୋଟିଏ ଚାଲୁ ରହିଛି। କିନ୍ତୁ ୭୯ ବର୍ଷୀୟ ଏରୋଲ ଏହା ଅଭିଯୋଗକୁ ଖଣ୍ଡନ କରିବା ସହ ଏହାକୁ ନିରାଧାର ବୋଲି କହିଛନ୍ତି। ଏଲନ ମସ୍କଙ୍କଠାରୁ ଅର୍ଥ ପାଇବା ପାଇଁ ପରିବାର କେତେଜଣ ସଦସ୍ୟ ଏହି ମିଛ ଅଭିଯୋଗ ଆଣିବା ସହ ଏହାର ପ୍ରଚାର ପ୍ରସାର କରିଛନ୍ତି ବୋଲି ସେ କହିଛନ୍ତି। ମସ୍କଙ୍କ ସହ ତାଙ୍କ ପିତାଙ୍କ ସମ୍ପର୍କ ଠିକ୍ ନଥିôବା ପରିଲକ୍ଷିତ ହୋଇଛି। ସେ ନିଜ ପିତାଙ୍କୁ ଜଣେ ଖରାପ ବ୍ୟକ୍ତି ବୋଲି ଅଭିହିତ କରିଆସିଛନ୍ତି।

## ମଣିପୁର ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ଇମ୍ଫାଲ, ୨୪।୯(ଏଜେନ୍ସି): ଗତ ସେପ୍ଟେମ୍ବର ୧୯ରେ ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଆସାମ ରାଇଫଲ୍ସର ବାହାନଗୁଡିକ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଏହି ଘଟଣାରେ ଦୁଇଜଣ ଯବାନ ସହିଦ ହୋଇଥିଲେ। ଅଭିଯୁକ୍ତଠାରୁ ବହୁମାତ୍ରାରେ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଜବତ କରାଯାଇଛି ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। କାମେଙ୍ଗ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିବା ପରେ ବିଷ୍ଣୁପୁର ପୁଲିସର ୩୩ ରାଇଫଲ୍ସ ବାଟାଲିୟନ ଓ ଅନ୍ୟ ସୁରକ୍ଷାବଳର ଏକ ଟିମ୍ ୨୪ ତାରିଖରେ ଅପରେସନ ଆରମ୍ଭ କରିଥିଲା। ଏଥିରେ ଖୋମଦ୍ରମ ଓଜିତ ସିଂ ଓରଫ୍ କେଲାଲ ନାମକ ଜଣେ ୪୭ ବର୍ଷୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ରୁଷ୍ ବିମାନକୁ ଗୁଳିକରି ଖସାଅ: ଟ୍ରମ୍ପ

## ନାଟୋକୁ ଆମେରିକା ରାଷ୍ଟ୍ରପତିଙ୍କ ପରାମର୍ଶ
## ୟୁକ୍ରେନ ହରାଇଥିବା ଅଞ୍ଚଳ ଫେରି ପାଇପାରିବ

ୱାଶିଂଟନ, ୨୪।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ରାତିରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କିଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଯଦି ରୁଷିଆର କୌଣସି ବିମାନ ନାଟୋ ସଂଗଠନରେ ସାମିଲ ହୋଇଥିବା ଦେଶଗୁଡିକର ବାୟୁସୀମା ଦେଇ ଗତି କରେ କିମ୍ବା ଏହାର ଉଲ୍ଲଂଘନ କା।।ରେ, ତେବେ ତାହାକୁ ମାରି ଖସାଇବାକୁ ସେ ଏହି ଅବସରରେ କହିଛନ୍ତି। କେବଳ ସେତିକି ନୁହଁ, ରୁଷିଆ କବ୍‌ଜା କରିଥିବା ସବୁ ଅଞ୍ଚଳକୁ ୟୁକ୍ରେନ ଫେରି ପାଇପାରିବ ବୋଲି ସେ ଜେଲେଁସ୍କିଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଜାତିସଂଘ ମହାସଭାର ବୈଠକ ଅବସରରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଭେଟିଥିଲେ। ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ ପୋଷ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ, ୟୁରୋପ ଓ ନାଟୋ ସହଯୋଗରେ ୟୁକ୍ରେନ ଯୁଦ୍ଧ ପୂର୍ବରୁ ହାରାଇଥିବା ନିଜ ଅଞ୍ଚଳକୁ ଫେରିପାଇ ପାରିବ। ରୁଷ୍‌ର ଅର୍ଥ ବ୍ୟବସ୍ଥା ଚାପରେ ରହିଥିବାରୁ ଏପରି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ରୁଷିଆକୁ ଏକ କାଗଜ ବାଘ ସହ ତୁଳନା କରିଛନ୍ତି। ରୁଷ ଗତ ସାଢ଼େ ୩ ବର୍ଷ ହେବ ଯୁଦ୍ଧରେ ଫସି ରହିଛି। କିନ୍ତୁ ଏପର୍ଯ୍ୟନ୍ତ ବିଜୟ ହାସଲ କରିପାରିନାହିଁ। ଯଦି ରୁଷ୍ ପାଖରେ ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ଥାନ୍ତା, ତେବେ ଗୋଟିଏ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ ହୋଇଥାନ୍ତା। ଟ୍ରମ୍ପ ଜାତିସଂଘ ମହାସଭାରେ ନିଜ ଭାଷଣରେ ରୁଷ୍‌ଠାରୁ ତୈଳ ଓ ପ୍ରାକୃତିକ ଗ୍ୟାସ କ୍ରୟ ନ କରିବାକୁ ଓ ଏହାକୁ ପୂରାପୂରି ବନ୍ଦ କରିବାକୁ ଆହ୍ୱାନ ଜଣାଇଛନ୍ତି। ନାଟୋ ଦେଶଗୁଡିକ ପରୋକ୍ଷରେ ରୁଷକୁ ଯୁଦ୍ଧ କରିବା ପାଇଁ ପାଣ୍ଠି ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଗେମ୍ ଚେଞ୍ଜର ବୋଲି କହିଛନ୍ତି ଜେଲେଁସ୍କି। କାରଣ ପୂର୍ବରୁ ଟ୍ରମ୍ପ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ହେବ ବୋଲି କହିଥିଲେ। ଅଚାନକ ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ପରିବର୍ତ୍ତନ ଦେଖି ଜେଲେଁସ୍କି ନିଜେ ଚକିତ। ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯୁଦ୍ଧ ରୋକିବାର ସହାୟକ ହେବ। ସେହିପରି ଭାରତ ଆମ ସାଥିରେ ଅଛି ଓ ଭାରତ ୟୁରୋପୀୟ ଦେଶଗୁଡିକ ସହ ସମ୍ପର୍କ ଦୃଢ଼ କରିବା ଆବଶ୍ୟକ ବୋଲି ଜେଲେଁସ୍କି କହିଛନ୍ତି।



## ଗାଜା ଯୁଦ୍ଧ ବନ୍ଦ କଲେ ଯାଇ ଟ୍ରମ୍ପଙ୍କୁ ମିଳିବ ନୋବେଲ ଶାନ୍ତି ପୁରସ୍କାର: ମାକ୍ରନ

ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ବ୍ୟାକୁଳତା ବୃଦ୍ଧି ପାଉଥିବା ବେଳେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଏଥିପାଇଁ ଏକ ସର୍ତ୍ତ ରଖିଛନ୍ତି। ଟ୍ରମ୍ପ ଯଦି ଗାଜାରେ ଇସ୍ରାଏଲ ଓ ପାଲେଷ୍ଟାଇନ୍ ମଧ୍ୟରେ ଚାଲିଥିବା ସଂଘର୍ଷକୁ ବନ୍ଦ କରିବେ, ତେବେ ଯାଇ ତାଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ସେ କହିଛନ୍ତି। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ, ସେ ବିଶ୍ୱରେ ୭ଟି ଯୁଦ୍ଧକୁ ବନ୍ଦ କରିଥିଲେ। ଏଗୁଡିକ ହେଲା କାମ୍ବୋଡିଆ- ଥାଇଲାଣ୍ଡ, କୋସୋଭୋ- ସର୍ବିଆ, କଙ୍ଗୋ-ରୁୱାଣ୍ଡା, ଭାରତ- ପାକିସ୍ତାନ, ଇସ୍ରାଏଲ- ଇରାନ, ଇଜିପ୍ଟ- ଇଥିଓପିଆ ଓ ଆର୍ମେନିଆ-ଆଜରବୈଜାନ ଯୁଦ୍ଧ। ଏହି ଯୁଦ୍ଧଗୁଡିକ ବନ୍ଦ କରିଥିବାରୁ ମୁଁ ନୋବେଲ ପୁରସ୍କାର ପାଇବାକୁ ହକଦାର ବୋଲି ଟ୍ରମ୍ପ ବାରମ୍ବାର କହି ଆସୁଛନ୍ତି। ଗାଜାରେ ଚାଲିଥିବା ସଂଘର୍ଷକୁ କେବଳ ଟ୍ରମ୍ପ ହିଁ ରୋକିପାରିବେ ବୋଲି ମାକ୍ରନ କହିଛନ୍ତି। କାରଣ ଆମେରିକା ହିଁ ଇସ୍ରାଏଲର ସବୁଠାରୁ ବଡ଼ ସହଯୋଗୀ ଓ ଏହି ଯୁଦ୍ଧ ପାଇଁ ଆମେରିକା ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଉଛି। ଗାଜାର ଚାଲିଥିବା ଯୁଦ୍ଧ ପଛରେ କେବଳ ଆମେରିକାର ହିଁ ହାତ ଅଛି। ତେଣୁ ଟ୍ରମ୍ପ ଚାହିଁଲେ ଏହି ଯୁଦ୍ଧ ବନ୍ଦ ହୋଇପାରିବ ଓ ତାଙ୍କୁ ନୋବେଲ ପୁରସ୍କାର ମିଳିବ ବୋଲି ମାକ୍ରନ ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ପଲେଷ୍ଟାଇନକୁ ଜାତିସଂଘର ୧୯୩ଟି ଦେଶରୁ ୧୫୭ଟି ଦେଶ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପ୍ରଦାନ କରିଛନ୍ତି।

## ଅହମଦାବାଦ ବିମାନ ଦୁର୍ଘଟଣା



## ବିଚାରବିଭାଗୀୟ ତଦନ୍ତ ଦାବି କଲେ ୫୫୦୦ ପାଇଲଟ୍

ନୂଆଦିଲ୍ଲୀ, ୨୪।୯(ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ନିରପେକ୍ଷ ତଥା ବିଚାର ବିଭାଗୀୟ ତଦନ୍ତ ପାଇଁ ଏବେ ଫେଡେରେସନ ଅଫ୍ ଇଣ୍ଡିଆନ ପାଇଲଟ (ଏଫ୍‌ଆଇପି) ଦାବି କରିଛି। ଜଣେ ସୁପ୍ରିମକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଯାଞ୍ଚ ଅଦାଲତ ଗଠନ କରିବାକୁ ୫୫୦୦ ପାଇଲଟଙ୍କୁ ନେଇ ଗଠିତ ଏହି ସଂଗଠନ ଏଫ୍‌ଆଇପି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଛି। ପୂର୍ବରୁ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଦ୍ୱାରା କରାଯାଇଥିବା ଯାଞ୍ଚ ନିରପେକ୍ଷ ନଥିଲା ଓ ଏଥିରେ ବୁଝମଣା କରାଯାଇଥିଲା ବୋଲି ଏଫ୍‌ଆଇପି କହିଛି। ନିରପେକ୍ଷ ଯାଞ୍ଚ ପୂର୍ବରୁ ପାଇଲଟ୍‌ଙ୍କ ତ୍ରୁଟିକୁ ନେଇ ଏକ କାହାଣୀ ସୃଷ୍ଟି କରାଯିବା ସହ ଏହାର ପ୍ରଚାର ପ୍ରସାର କରାଯାଉଛି। ଫଳରେ ଏଫ୍‌ଆଇପି ଏ ନେଇ ନିଜର ଅସନ୍ତୋଷ ଜାହିର କରିଛି। ସେପ୍ଟେମ୍ବର ୨୨ରେ ଏଫ୍‌ଆଇପି ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଅବଗତ କରାଇଛି। ଉଲ୍ଲେଖଥାଉ କି, ଅହମଦାବାଦ ବିମାନ ବନ୍ଦରରୁ ଟେକ୍ ଅଫ୍ କରିଥିବା ବୋଇଂ ୭୮୭-୮ ବିମାନ ମାତ୍ର କେତେ ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇ ପାଇଲଟଙ୍କ ସମେତ ୧୦ଜଣ କେବିନ କ୍ରୁ ଓ ୨୨୯ ଯାତ୍ରୀ ଓ ୧୦ ଅନ୍ୟଲୋକ ପ୍ରାଣ ହରାଇଥିଲେ। ପାଇଲଟ୍‌ଙ୍କ ଏହି ସଂଗଠନ ଏଏଆଇବିକୁ ଔପଚାରିକ ଭାବେ ନିନ୍ଦା କରିବାକୁ ଦାବି କରିଛି। ମୋଟ ଉପରେ ଦୁର୍ଘଟଣା ପାଇଁ ପାଇଲଟଙ୍କୁ ଦୋଷ ଦେବା ଆଦୌ ଠିକ୍ ନୁହଁ ବୋଲି ଏହି ପାଇଲଟ ସଂଗଠନ କହିଛି।



## ବିହାରରେ ପ୍ରଥମଥର ପାଇଁ ବସିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ପାଟନା, ୨୪।୯(ଏଜେନ୍ସି): ଦେଶ ସ୍ୱାଧୀନ ହେବା ପରେ ବିହାରରେ ପ୍ରଥମଥର ପାଇଁ କଂଗ୍ରେସ ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସିଛି। ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଥିଲେ। ଏହି ବୈଠକ ଅପରାହ୍ଣ ୪ଟାରେ ଶେଷ ହୋଇଥିଲା।

ଏହି ଅବସରେରେ ଖଡ଼ଗେ କହିଥିଲେ ଯେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ମାନସିକ ରୂପେ ଅବସର ନେଇଛନ୍ତି। ବିଜେପି ତାଙ୍କୁ ବୋଝ ମନେ କରୁଛି। ଏଥିସହିତ ସେ ବୋକାରୀ, ଚାଷ ଓ ବନ୍ୟା ଜନିତ ସମସ୍ୟା ନେଇ ବିଜେପିକୁ ସମାଲୋଚନା କରିଥିଲେ। ସେହିପରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ସେ ନିର୍ବାଚନ କମିସନଙ୍କୁ ସମାଲୋଚନା ମଧ୍ୟ କରିଥିଲେ। ସେ କହିଥିତଲେ ଯେ ଲକ୍ଷ ଲକ୍ଷ ଲୋକଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରିବା ଲାଗି ଷଡ଼ଯନ୍ତ୍ର ହୋଇଛି। ନିର୍ବାଚନ କମିସନ ନିରପେକ୍ଷତା ଅବଲମ୍ବନ କରୁନାହାନ୍ତି। ସେହିପରି ଜିଏସ୍‌ଟି ଦେଶର ଅର୍ଥବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଛି। ଚାଷୀଙ୍କର ଆୟ ଦୁଇଗୁଣା କରିବାରେ କେନ୍ଦ୍ର ସରକାର ସାଂଘାତିକ ଭାବେ ଫେଲ୍ ମାରିଛନ୍ତି। ବିହାରରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ଅନ୍ତର୍ଜାତୀୟ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟଶୈଳୀ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ବନ୍ଧୁମାନଙ୍କ ପାଇଁ ଦେଶ ଆଜି ସଂକଟରେ ପଡ଼ିଛି। ବିହାରରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକର ଆୟୋଜନ କରି କଂଗ୍ରେସ କ୍ଷମତାକୁ ଆସିବ ବୋଲି ଆଶା ବାନ୍ଧିଛି। ୨୦୨୩ରେ ନିର୍ବାଚନ ସମୟରେ ତେଲଙ୍ଗାନାରେ କଂଗ୍ରେସ ତା'ର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଥିଲା ଓ ଏହାପରେ କଂଗ୍ରେସ କ୍ଷମତାକୁ ଫେରି ସରକାର ଗଠନ କରିଥିଲା। ବିହାରରେ ମଧ୍ୟ ଏହି ଭଳି ହେବ ବୋଲି କଂଗ୍ରେସ ନେତା ଆଶା ବାନ୍ଧିଛନ୍ତି।

## ଜୁବିନଙ୍କୁ କ'ଣ ହତ୍ୟା କରାଯାଇଛି?



ଗୌହାଟୀ, ୨୪।୯(ଏଜେନ୍ସି): ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ନେଇ ସ୍ୱେଶାଲ ଇନ୍‌ଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି) ତଦନ୍ତ କରିବ। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏ ନେଇ ବୁଧବାର ଘୋଷଣା କରିଛନ୍ତି। ଯଦି ଜୁବିନଙ୍କ ମୃତ୍ୟୁ ପାଇଁ କେହି ଦାୟୀ ଥିବେ ତାଙ୍କୁ ଛଡ଼ାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ହିମନ୍ତ, ଆସାମ ପୁଲିସ ଡିଜିପି, ଏଡିଜିପି, ବରିଷ୍ଠ ପୁଲିସ ଅଧିକାରୀ ଓ ମୁଖ୍ୟ ସଚିବଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଛନ୍ତି। ଏସ୍‌ଆଇଟି ସ୍ୱାଧୀନ ଭାବେ ତଦନ୍ତ କରିବ। ଜୁବିନଙ୍କ ବିଭିନ୍ନ ନମୁନା ଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ଫରେନସିକ ଲାବୋରାଟୋରୀ (ସିଏଫ୍‌ଏଲ)କୁ ପଠାଯିବ ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ୫୨ ବର୍ଷୀୟ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ବେଳେ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ସେ ସିଙ୍ଗାପୁରରେ ଆୟୋଜନ ହେବାକୁ ଥିବା ନର୍ଥଇଷ୍ଟ ଫେଷ୍ଟିଭାଲରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ଜୁବିନଙ୍କ ଅନ୍ତେଷ୍ଟିକ୍ରିୟ ପୂର୍ବରୁ ତାଙ୍କ ମୃତଦେହକୁ ଦ୍ୱିତୀୟଥର ପାଇଁ ବ୍ୟବଚ୍ଛେଦ କରାଯାଇଥିଲା। ଜୁବିନ୍‌ଙ୍କୁ ରାଜକୀୟ ତଥା ରାଷ୍ଟ୍ରୀୟ ସମ୍ମାନ ସହ ୨୧ ତୋପର ସଲାମୀ ଦିଆଯାଇଥିଲା। ଜୁବିନ କ୍ୟାରିୟରରେ ୪୦ଟି ଭାଷାରେ ପାଖାପାଖି ୩୮, ୦୦୦ ଗୀତ ଗାଇଛନ୍ତି। ସେ ଆସାମ ସମେତ ସାରା ଭାରତୀୟ ସଙ୍ଗୀତ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସେ ବଲିଉଡରେ ୟା ଅଲି (ଗ୍ୟାଙ୍ଗଷ୍ଟାର), ଦିଲ ତୁ ହି ବତା (କ୍ରିସ-୩), ଦିଲ ରୁବା (ନମସ୍ତେ ଲଣ୍ଡନ), ଭିଗି ଭିଗି ରାତ (ଚେହେରା) ଭଳି ଗୀତ ଗାଇ ଲୋକପ୍ରିୟତାର ଶୀର୍ଷକୁ ଛୁଇଁ ଥିଲେ।

# ହଂକଂରେ ପହଞ୍ଚିଲା ଭୟଙ୍କର ବାତ୍ୟା; ୧୭ ମୃତ

## ୨୦୦ କିମି ବେଗରେ ବହିଲା ପବନ; ୫୦୦ ବିମାନ ବାତିଲ
## ୧୨୯ ନିଖୋଜ, ୨୦ ଲକ୍ଷ ଲୋକ ସ୍ଥାନାନ୍ତର

ହଂକଂ, ୨୪।୯(ଏଜେନ୍ସି): ବର୍ଷର ସବୁଠାରୁ ଭୟଙ୍କର ତଥା ବିଧ୍ୱଂସକ ବାତ୍ୟା ରାଗାସା ହଂକଂରେ ପହଞ୍ଚିଛି। ବାତ୍ୟା ହଂକଂକୁ ଛୁଇଁବା ପରେ ଘଣ୍ଟାପ୍ରତି ୨୦୦ କିମି ବେଗରେ ପବନ ବହୁଥିବାର ଦେଖାଯାଇଛି। ବାତ୍ୟା ଜନିତ ପ୍ରବଳ ବର୍ଷା କାରଣରୁ କେତୋକ ଅଞ୍ଚଳରେ ବନ୍ୟା ଆସିଛି। ବାତ୍ୟାର ଗତିକୁ ଲକ୍ଷ୍ୟ କରି ହଂକଂ ସରକାର ବୁଧବାର ଟାଇଫୁନ ୱାର୍ଣ୍ଣିଂ ସିଗ୍‌ନାଲ-୧୦ ଜାରି କରିଛନ୍ତି। ରାଗାସା ପ୍ରଥମେ ଚୀନ୍‌ରେ ହିଁ ଲ୍ୟାଣ୍ଡଫଲ୍ କରିଥିଲା। ରାଗାସାର ପ୍ରଭାବ ତାଇୱାନ ଓ ଚୀନରେ ମଧ୍ୟ ଦେଖିବାକୁ ମିଳିଛି। ତାଇୱାନରେ ଏହି ବାତ୍ୟା କାରଣରୁ ୧୭ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ୧୨୯ ଜଣ ନିଖୋଜ ହୋଇଛନ୍ତି। ସେହିପରି ଚୀନର ସାମୁଦ୍ରିକ ଅଞ୍ଚଳରେ ୨୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଚୀନରେ ୧୦୦ ଲୋକ ନିଖୋଜ ଅଛନ୍ତି। ରାଗାସା ଏକ ଫିଲିପିନୋ ଶବ୍ଦ। ଏହାର ଅର୍ଥ ହେଉଛି ହଠାତ ଦ୍ରୁତ ଗତିରେ ଯିବାକୁ ବୁଝାଯାଇଥାଏ। ରାଗାସା କାରଣରୁ ଏହି ସମ୍ପୂର୍ଣ୍ଣ ଅଞ୍ଚଳରେ ୫୦୦ଟି ବିମାନ ଉଡାଣକୁ ବାତିଲ କରାଯାଇଛି। ରାଗାସା କାରଣରୁ ଚୀନ୍ ଓ ତାଇୱାନରେ ବହୁତ କ୍ଷତି ହୋଇଛି।

### ଗଳି ପଡ଼ିଲା କାର୍, ବିଜୁଳି ଖୁଣ୍ଟ

ବ୍ୟାଙ୍କକ୍: ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ବୁଧବାର ଅଚାନକ ଏକ ସଡ଼କ ଧସିଯାଇଥିଲା ଓ ୫୦ ମିଟରର ବଡ଼ ଗାତ ସୃଷ୍ଟି ହୋଇଥିଲା। ଏହି ଗାତ ପାଖାପାଖି ୩୦ ଗୁଣା ୩୦ ମିଟର ଆକାରର ଥିଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଅଣ୍ଡରଗ୍ରାଉଣ୍ଡ କନଷ୍ଟ୍ରକସନ କାରଣରୁ ଏହି ଗାତ ସୃଷ୍ଟି ହୋଇଛି ବୋଲି ବ୍ୟାଙ୍କକ୍ ଗଭରନର କହିଛନ୍ତି। ରାସ୍ତା ଉପରର ମାଟି ତଳେ ନିର୍ମାଣ ହେଉଥିବା ଟନେଲକୁ ଚାଲିଯାଇଛି ବୋଲି ସେ କହିଛନ୍ତି। ଏହି ଘଟଣା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ରାସ୍ତା ଧସିବା ସହିତ କେତୋଟି କାର୍ ଓ ବିଜୁଳି ଖୁଣ୍ଟ ମଧ୍ୟ ଗାତ ଭିତରକୁ ଖସି ପଡୁଥିବାର ଦେଖାଯାଇଛି। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। କିନ୍ତୁ ଏଥିସହ ବ୍ୟାଙ୍କକ୍‌ର ଏକ ବଡ଼ କନଷ୍ଟ୍ରକସନ ପ୍ରୋଜେକ୍ଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ୨୦୨୫ରେ ହୋଇଥିବା ଭୂକମ୍ପ ପରେ ଘଟିଛି। ଅଧିକାରୀମାନେ ଏହି ଅଞ୍ଚଳକୁ ସିଲ୍ କରିବା ସହ ଯାଞ୍ଚ ଆରମ୍ଭ କରିଛନ୍ତି। ନିର୍ମାଣ କାର୍ଯ୍ୟକୁ ଆଗକୁ ସୁରକ୍ଷିତ ଓ ସନ୍ତୁଳିତ ଭାବେ କରାଯିବ। ଯାହା ଫଳରେ ଏଭଳି ଘଟଣା ଆଉ ଘଟିବ ନାହିଁ ବୋଲି ବ୍ୟାଙ୍କକ ଗଭରନର କହିଛନ୍ତି।

# ଭାରତୀୟ ଦଳ ଚୟନ ଆଜି

ମୁମ୍ବଇ,୨୪।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନକୁ ଗୋଟିଏ ଦିନ ଘୁଞ୍ଚାଇଦିଆଯାଇଛି। ଆଜି ଘୋଷିତ ହେବାକୁ ଥିବା ଦଳ ଆସନ୍ତାକାଲି ହେବ ବୋଲି ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି। ଏହି ସିରିଜ୍‌ର ପ୍ରଥମ ଟେଷ୍ଟ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ଟେଷ୍ଟ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଆରମ୍ଭ ହେବ। ଏହି ସିରିଜ୍ ଲାଗି ୱେଷ୍ଟଇଣ୍ଡିଜ୍ ଦଳ ଘୋଷିତ ହୋଇସାରିଛି।

### ଥର୍ଟନଙ୍କ ଘାତକ ବୋଲିଂ


# ଭାରତ-ଏ'ର ବିପର୍ଯ୍ୟୟ

ଲକ୍ଷ୍ନୌ,୨୪।୯ (ଏଜେନ୍ସି): ଡାହାଣହାତୀ ଫାଷ୍ଟ ବୋଲର ହେନରୀ ଥର୍ଟନଙ୍କ ଘାତକ ବୋଲିଂ ବଳରେ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ-ଏ'ର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଥର୍ଟନ ୧୦ ଓଭର ବୋଲିଂ କରି ୩୬ ରନ୍‌ରେ ୪ଟି ୱିକେଟ ନେବା ଫଳରେ ଭାରତ-ଏ'ର ପ୍ରଥମ ଇନିଂସ ୧୯୪ ରନ୍‌ରେ ଶେଷ ହୋଇଥିଲା। ଫଳରେ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ' ୪୨୦ କରିଥିବାରୁ ୨୨୦ ରନ୍‌ର ଅଗ୍ରଣୀ ନେଇଥିଲା। ବୃହତ୍ ଅଗ୍ରଣୀ ନେବା ପରେ ବୁଧବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ-ଏ' ଦ୍ୱିତୀୟ ଇନିଂସରେ ୩ ୱିକେଟ ହରାଇ ୧୬ ରନ୍ କରିଛି। ଏହି ଟେଷ୍ଟରେ ଆଉ ୨ ଦିନ ଖେଳ ବାକିଥିଲାବେଳେ ଅଷ୍ଟ୍ରେଲିଆ-ଏ' ଦୃଢ଼ସ୍ଥିତିରେ ରହିଛି। ପୂର୍ବରୁ ଭାରତ-ଏ' ଇନିଂସରେ ସାଇ ସୁଦର୍ଶନ ୭୫, ଏନ୍ ଜଗଦୀଶନ ୩୮, ଲୋକେଶ ରାହୁଲ ୧୧, ଆୟୁଷ ବଦୋନୀ ୨୧ ଓ କନକସନର ଶିକାର ହୋଇ ରିଟାୟର୍ଡ ହର୍ଟ ହୋଇଥିବା ପ୍ରସିଦ୍ଧ କ୍ରିଷ୍ଣା ୧୬ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟେଷ୍ଟ ଆଶାୟୀ ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ ଓ ନୀତୀଶ କୁମାର ରେଡ୍ଡୀ ୧ ରନ୍ ଲେଖାଏଁ କରିଥିଲେ।

# ରେଡ୍ ବଲ୍ ଖେଳିବାରୁ ବିରତ ରହିବା ଲାଗି ଆୟରଙ୍କ ଅନୁରୋଧ

ମୁମ୍ବଇ,୨୪।୯ (ଏଜେନ୍ସି): ରେଡ୍‌ବଲ କ୍ରିକେଟ ବା ପ୍ରଥମଶ୍ରେଣୀ/ଟେଷ୍ଟ କ୍ରିକେଟ ମ୍ୟାଚ୍‌ରୁ ବିରତ ରହି ସ୍ୱାସ୍ଥ୍ୟାବସ୍ଥା ଠିକ୍ କରିବାକୁ ଭାରତର ଅନ୍ୟତମ ତାରକା ଖେଳାଳି ଶ୍ରେୟସ ଆୟର ବିସିସିଆଇକୁ ଅନୁରୋଧ କରିଛନ୍ତି। ବିସିସିଆଇ ସିନିୟର ଚୟନ କମିଟିର ଅଧକ୍ଷ ଅଜିତ ଅଗରକରଙ୍କ ସହ ଆଲୋଚନା ପରେ ସେ ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରୁ ଓହରିଯାଇଥିଲେ। ତାଙ୍କୁ ଭାରତ-ଏ' ଦଳର ଅଧିନାୟକ ମନୋନୀତ କରାଯାଇଥିଲା। ଆୟର ଦୁଲୀପ୍ ଟ୍ରଫି ଖେଳିଲା ବେଳେ କଷ୍ଟ ପାଇଥିଲେ। ସେହିପରି ଅଷ୍ଟ୍ରେଲିଆ-ଏ' ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ମଧ୍ୟ ସମାନ ଅସୁବିଧା ଭୋଗିଥିଲେ। ୨୦୨୩ରେ ତାଙ୍କ ପିଠିରେ ଅସ୍ତ୍ରୋପଚାର କରାଯାଇଥିଲା। ଭାରତ ପକ୍ଷରୁ ୧୪ ଟେଷ୍ଟ ଓ ମୁମ୍ବଇ/ଅନ୍ୟାନ୍ୟ ଟିମ୍‌ରୁ ୭୦ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳିଛନ୍ତି। କିନ୍ତୁ ସୀମିତ ଓଭର କ୍ରିକେଟ ଖେଳିବାକୁ ସେ ପ୍ରସ୍ତୁତ ବୋଲି ଅଗରକରଙ୍କ ସହ ଆଲୋଚନା ବେଳେ ଦର୍ଶାଇଛନ୍ତି।

# ବିବିଏଲ୍ ଖେଳିବାରେ ଅଶ୍ୱିନ ପ୍ରଥମ ତାରକା ଭାରତୀୟ



ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ନିକଟରେ ଅନ୍ତର୍ଜାତୀୟ କ୍ରିକେଟ୍ ଓ ଆଇପିଏଲ୍‌ରୁ ଅବସର ନେଇଥିବା ପୂର୍ବତନ ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ଅଂଶଗ୍ରହଣ କରିବେ। ସେ ସିଡ୍‌ନୀ ଥଣ୍ଡର୍ସ ଦଳ ପକ୍ଷରୁ ଖେଳିବେ। ଫ୍ରାଞ୍ଚାଇଜ ପକ୍ଷରୁ ଚଳିତ ସପ୍ତାହ ଶେଷ ଭାଗରେ ଏନେଇ ଅଫିସିଆଲ୍ ଘୋଷଣା କରାଯିବ। ଫଳରେ ପ୍ରଥମ ଭାରତୀୟ ହାଇପ୍ରୋଫାଇଲ୍ କ୍ରିକେଟର୍ ଭାବେ ଅଶ୍ୱିନ ବିବିଏଲ୍‌ରେ ଭାଗନେବେ। ତାଙ୍କ ପୂର୍ବରୁ ଅବଶ୍ୟ ଉନ୍ମୁକ୍ତ ଚାନ୍ଦ ଓ ସିଦ୍ଧାର୍ଥ କୌଲ ବିବିଏଲ୍ ଖେଳିସାରିଛନ୍ତି। କିନ୍ତୁ ଉନ୍ମୁକ୍ତ ଭାରତୀୟ ସିନିଅର ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇ ନ ଥିବାବେଳେ ସିଦ୍ଧାର୍ଥ ମାତ୍ର ୬ଟି ଅନ୍ତର୍ଜାତୀୟ ଖେଳିଛନ୍ତି। ତେଣୁ ବିବିଏଲ୍ ଖେଳିବାରେ ଅଶ୍ୱିନ ଦେଶର ପ୍ରଥମ ତାରକା ତଥା ହାଇପ୍ରୋଫାଇଲ ଖେଳାଳି ହେବେ। ବିବିଏଲ୍‌ର ୧୫ତମ ସିଜନ ଡିସେମ୍ବର ୧୪ରୁ ଆରମ୍ଭ ହୋଇ ଜାନୁଆରୀ ୧୮ ରେ ସମାପ୍ତ ହେବ।

## ଭାରତ-ବାଂଲାଦେଶ ଏସିଆ କପ୍ ସୁପର-୪ ଲଢ଼େଇ

# ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ



ଦୁବାଇ,୨୪।୯ (ଏଜେନ୍ସି):

ଓପନର ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ, ଶୁବମନ ଗିଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପଯୋଗୀ ଇନିଂସ ସହାୟତାରେ ଏଠାରେ ବୁଧବାର ଅନୁଷ୍ଠିତ ଏସିଆ କପ୍ ସୁପର-୪ ମୁକାବିଲାରେ ଭାରତ ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ଆଗରେ ୧୬୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୮ ଓଭର ଖେଳ ଶେଷ ସୁଦ୍ଧା ୨ୱିକେଟ ନ ହରାଇ ୫୫ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ସୈଫ୍ ହାସନ ୨୩ ଓ ତୋହିଦ୍ ହୃଦୟ ୫ ରନ୍ କରି ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଭାରତ ଇନିଂସରେ ଅଭିଷେକ ୩୭ ବଲରେ ୭୫, ହାର୍ଦ୍ଦିକ ୨୯ ବଲରେ ୩୮ ଓ ଶୁବମନ ୧୯ ବଲରେ ୨୯ ରନ୍ କରିଥିଲେ। ଏମାନଙ୍କ ବ୍ୟାଟିଂ ଯୋଗୁଁ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୮ ରନ୍ କରିଥିଲା। ବାଂଲାଦେଶ ପକ୍ଷରୁ ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଥିଲେ। ଲେଗ୍ ସ୍ପିନର ରିଶାଦ ହୋସେନ ପ୍ରଥମ ୨ଟି ୱିକେଟ ନେବା ସହ ତୃତୀୟ ୱିକେଟକୁ ରନ୍‌ଆଉଟ କରିବାରେ ସହାୟତା ଦେଇଥିଲେ। ଅନ୍ୟ ସମସ୍ତ ବୋଲର ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ। ପ୍ରଥମ ସୁପର-୪ ମ୍ୟାଚ୍‌ରେ ବାଂଲାଦେଶ ବିଜୟୀ ହୋଇଥିଲାବେଳେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ମଧ୍ୟ ୧୬୮ ରନ୍ କରିଥିଲା।


### ବାଂଲାର ଶୃଙ୍ଖଳିତ ବୋଲିଂ

ଏଠାରେ ବାଂଲାର କାମଚଳା ଅଧିନାୟକ ଜେକର ଅଲି ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କିନ୍ତୁ ଦଳର ଦୁଇ ଓପନର ଆଶାନୁରୂପ ଆରମ୍ଭ ଦେଇ ପାରି ନ ଥିଲେ। ପ୍ରଥମ ୩ ଓଭରରେ ଦଳ ୧୭ ରନ୍ କରିଥିଲା। ଚତୁର୍ଥ ଓଭର ବୋଲିଂ କରିବାକୁ ଆସିଥିବା ନାସୁମ ଅହମ୍ମଦ ୨୧ ରନ୍ ଦେବା ଫଳରେ ଭାରତ ପରବର୍ତ୍ତୀ ୩ ଓଭରରେ ୫୫ ରନ୍ ଉଠାଇଥିଲା। ପାୱାର ପ୍ଲେ ବା ପ୍ରଥମ ୬ ଓଭରରେ ଭାରତ କୌଣସି ୱିକେଟ ନ ହରାଇ ୭୨ ରନ୍ କରିଥିଲା। ୭ମ ଓଭରରେ ଗିଲ (୨୯)ଙ୍କୁ ଓ ବ୍ୟାଟିଂ ଅର୍ଡରରେ ନଂ-୩ରେ ଖେଳିବାକୁ ଆସିଥିବା ଶିବମ ଦୁବେ(୨)ଙ୍କୁ ଆଉଟ କରି ଭାରତକୁ ଝଟକା ଦେଇଥିଲେ। ଏହି ସମୟରେ ୨୫ ବଲରୁ ଅର୍ଦ୍ଧଶତକ ହାସଲ କରିଥିବା ଅଭିଷେକ ଶର୍ମା ୭୫ ରନ୍ କରିଥିଲାବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ସେ ୩୭ ବଲରେ ୬ ଚୌକା ଓ ୫ ଛକା ସହ ଦଳ ପକ୍ଷରୁ ସର୍ବାଧିକ ସ୍କୋର କରି ରନ୍‌ଆଉଟ ହେବା ପରେ ଭାରତର ବ୍ୟାଟିଂ ମନ୍ଥର ହୋଇଯାଇଥିଲା। ଏହି ସମୟରେ ୭ରୁ ୧୨ ଓଭର ମଧ୍ୟରେ ଭାରତ ୪୨ ରନ୍‌ରେ ୪ଟି ୱିକେଟ ହରାଇଥିଲା। ମୁସ୍ତାଫିଜୁରଙ୍କ ନେତୃତ୍ୱରେ ବାଂଲାର ବୋଲରମାନେ ଶୃଙ୍ଖଳିତ ବୋଲିଂ କରିବା ଫଳରେ ଭାରତ ୧୩ରୁ ୧୬ ଓଭର ମଧ୍ୟରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲା। ମୋଟାମୋଟି ଭାବେ ଅଭିଷେକ ଶର୍ମାଙ୍କ ଆଉଟ ପରେ ଭାରତୀୟ ବ୍ୟାଟିଂ ତାହାର ଲୟ ହରାଇଥିଲା। ଭାରତ ପ୍ରଥମ ୧୧ ଓଭରରେ ୧୧୨ ଓ ଶେଷ ୮ ଓଭରରେ ୪ ୱିକେଟ ହରାଇ ୫୬ ରନ୍ କରିଥିଲା। ବ୍ୟାଟିଂ ଅର୍ଡରରେ ଅଦଳବଦଳ କରିବା ଭାରତକୁ ଅନେକ କ୍ଷତି ସହିବାକୁ ପଡ଼ିଛି। ତାଙ୍କ ଆଗରୁ ଖେଳିଥିବା ଅକ୍ଷର ପଟେଲ ୧୫ ବଲରେ ୧୦ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୯ ବଲରେ ୩୮ ରନ୍ କରିଥିଲେ। ଭାରତର ପ୍ରଥମ ୩ଜଣଙ୍କୁ ଆଉଟ କରିବାରେ ରିଶାଦ ହୋସେନଙ୍କ ହାତ ରହିଛି। ସେ ଗିଲ୍ ଓ ଦୁବେଙ୍କୁ ଆଉଟ କରିବା ପରେ ଅଭିଷେକଙ୍କୁ ରନ୍ ଆଉଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

**ଆଜିର ମ୍ୟାଚ୍**
ପାକିସ୍ତାନ-ବାଂଲାଦେଶ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ହକି ଇଣ୍ଡିଆ ଲିଗ୍ ଖେଳାଳି ନିଲାମୀ

# ୧୨ ଗୁଣା ଅଧିକ ମୂଲ୍ୟରେ କ୍ରୟ ହେଲେ ବିବେକ





ନୂଆଦିଲ୍ଲୀ, ୨୪।୯ (ଏଜେନ୍ସି): ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ମିନି ଖେଳାଳି ନିଲାମୀ ବୁଧବାର ଏଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମିନି ନିଲାମୀରେ ପୁରୁଷ ବିଭାଗର ୮ଟି ଓ ମହିଳା ବିଭାଗର ୪ଟି ଦଳ ଭାଗନେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ନାମ ଏହି ନିଲାମୀରେ ଡାକରା ହୋଇଥିଲା। ପୁରୁଷ ବିଭାଗରେ ଗୋଟିଏ ଦଳର ସାଲାରୀ କ୍ୟାପ୍ ୪ କୋଟି ଓ ମହିଳା ଦଳର ୨ କୋଟି ଟଙ୍କା ରହିଥିଲା। ଅର୍ଥାତ ଧାର୍ଯ୍ୟ ରାଶି ମଧ୍ୟରେ ଫ୍ରାଞ୍ଚାଇଜଗୁଡ଼ିକ ସେମାନଙ୍କ ଟିମ୍ ପ୍ରସ୍ତୁତ କରିବେ। ବୁଧବାର ନିଲାମୀରେ ଆର୍ଜେଣ୍ଟିନାର ମହିଳା ହକି ଖେଳାଳି ଅଗଷ୍ଟିନା ଗୋର୍ଜେଲାନୀ ସବୁଠୁ ଦାମୀ ଖେଳାଳି ରହିଥିଲେ। ବେଙ୍ଗଲ ଟାଇଗର୍ସ ମହିଳା ଦଳ ତାଙ୍କୁ ୪୨ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ସେହିଭଳି ଭାଲେଣ୍ଟିନା ରାପୋସୋ, ଗ୍ରାନାଟୋ ମାରିଆ ଜୋସ, ସାନ୍ଦର ଡି ୱିଜନ, କୁପର ବର୍ନ୍ସ ଓ ଥିଏ ପ୍ରିଞ୍ଜଙ୍କୁ ୩୦ ଲକ୍ଷ ଟଙ୍କା ଲେଖାଏରେ ବିଭିନ୍ନ ଦଳରେ ସାମିଲ ହୋଇଥିଲେ।

ତେବେ ଓଡ଼ିଶାର ଦୁଇ ଯୁବ ଖେଳାଳି ବିବେକ ଲାକ୍ରା ଓ ଆଡ୍ରୋହିତ ଏକ୍କାଙ୍କୁ କିଣିବା ଲାଗି ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ୧୭ ବର୍ଷୀୟ ବିବେକ ତାଙ୍କ ମୂଳ ଦରରୁ ପାଖାପାଖି ୧୨ ଗୁଣା ଅଧିକ ମୂଲ୍ୟରେ କ୍ରୟ କରିଥିଲେ। ତାଙ୍କୁ ରାଞ୍ଚି ରୟାଲ୍ସ ଦଳ ୨୩ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ବିବେକଙ୍କ ମୂଳ ଦର ୨ ଲକ୍ଷ ଟଙ୍କା ରହିଥିଲା। ସେହିଭଳି ଆଡ୍ରୋହିତଙ୍କ ମୂଳ ଦର ୨ ଲକ୍ଷ ଟଙ୍କା ରହିଥିବାବେଳେ ୧୧ ଲକ୍ଷ ଟଙ୍କାରେ ତାମିଲନାଡୁ ଡ୍ରାଗନ୍ସ ତାଙ୍କୁ କ୍ରୟ କରିବାରେ ସଫଳ ହୋଇଥିଲା।

### ରାଞ୍ଚି ରୟାଲ ଟସ୍କର୍ସ ନୂଆ ଦଳ

ହକି ଇଣ୍ଡିଆ ଲିଗ୍‌ର ଆଗାମୀ ସଂସ୍କରଣରେ ନୂଆ ଦଳ ଭାବେ ରାଞ୍ଚି ରୟାଲ୍ ଟସ୍କର୍ସ ଅଂଶଗ୍ରହଣ କରିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଫ୍ରାଞ୍ଚାଇଜର ଦୁଇଟି ଦଳ ଭାଗନେବ। ଗତ ସଂସ୍କରଣରେ ପୁରୁଷ ବିଭାଗରେ ଖେଳିଥିବା ଟିମ୍ ଗୋନାସିକା ଓ ମହିଳା ବିଭାଗ ଚାମ୍ପିଅନ ଓଡ଼ିଶା ୱାରିୟର୍ସ ସ୍ଥାନରେ ରାଞ୍ଚି ଏଥର ନୂଆ ଦଳ ଭାବେ ସାମିଲ ହୋଇଛି।

### ବୈଭବ, ବିହାନ ଓ ଅଭିଜ୍ଞାନଙ୍କ ଅର୍ଦ୍ଧଶତକ

# ଭାରତୀୟ ଯୁବ ଦଳର ଦିନିକିଆ ସିରିଜ୍ ବିଜୟ



ବ୍ରିସ୍‌ବେନ୍,୨୪।୯ (ଏଜେନ୍ସି): ଓପନର ବୈଭବ ସୂର୍ଯ୍ୟବଂଶୀ (୭୦), ନଂ-୩ ବିହାନ ମାଲହୋତ୍ରା (୭୦) ଓ ୱିକେଟରକ୍ଷକ ଅଭିଜ୍ଞାନ କୁଣ୍ଡୁ (୭୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ୧୯ ବର୍ଷରୁ କମ୍ ଦ୍ୱିତୀୟ ଦିନିକିଆରେ ଭାରତ ୫୧ ରନ୍‌ରେ ବିଜୟୀ ହୋଇଛି। ଦୁଇ ଦେଶ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆକୁ ଭାରତ ୩ ୱିକେଟରେ ଜିତିଥିଲା। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିଛି। ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ଏଠାରେ ଆସନ୍ତା ଶୁକ୍ରବାର ୨୬ ତାରିଖରେ ଅନୁଷ୍ଠିତ ହେବ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨ଟି ବଲ ବାକିଥାଇ ୩୦୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଉପରୋକ୍ତ ୩ ଖେଳାଳିଙ୍କ ଅର୍ଦ୍ଧଶତକ ବ୍ୟତୀତ ବେଦାନ୍ତ ତ୍ରିପାଠୀ ୨୬ ଓ ଅଧିନାୟକ ତଥା ଓପନର ଆୟୁଷ ମାହତ୍ରେ ଇନିଂସର ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ। ଜବାବରେ ଅଷ୍ଟ୍ରେଲିଆ ଜେଡେନ୍ ଡ୍ରାପରଙ୍କ ଶତକ (୧୦୭ ରନ୍, ୭୨ବଲ୍, ୮ଚୌକା, ୫ଛକା) ସତ୍ତ୍ୱେ ଅଷ୍ଟ୍ରେଲିଆ ଯୁବ ଦଳ ୨୪୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳରେ ସ୍ଥାନ ପାଇଥିବା ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ଆର୍ଯ୍ୟନ ଶର୍ମା ଦ୍ୱିତୀୟ ସର୍ବାଧିକ ୩୮ ଓ ଅଧିନାୟକ ଯଶ ଦେଶମୁଖ ୧ ରନ୍‌ରେ ଆଉଟ ହୋଇଥିଲେ। ଭାରତ ପକ୍ଷରୁ ଅଧିନାୟକ ଆୟୁଷ ବ୍ୟାଟିଂରେ ଫେଲ ହୋଇଥିଲେ ମଧ୍ୟ ବୋଲିଂରେ ସର୍ବାଧିକ ୩ଟି ୱିକେଟ ପାଇଥିଲେ। କନିଷ୍କ ଚୌହାନଙ୍କୁ ୨ଟି ୱିକେଟ ମିଳିଥିଲା।

# ଟି-୨୦ ର୍‍ୟାଙ୍କିଙ୍ଗରେ ଭାରତର ଦବ୍‌ଦବା

ଦୁବାଇ, ୨୪।୯ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଖେଳାଳିଙ୍କ ଦବ୍‌ଦାବା ଜାରି ରଖିଛନ୍ତି। ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା, ରହସ୍ୟମୟୀ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ହାର୍ଦ୍ଦିକ ପାଣ୍ଡ୍ୟା ଯଥାକ୍ରମେ ବ୍ୟାଟିଂ, ବୋଲିଂ ଓ ଅଲ୍‌ରାଉଣ୍ଡ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଚଳିତ ଏସିଆ କପ୍‌ରେ ଦମ୍‌ଦାର ଫର୍ମରେ ଥିବା ଅଭିଷେକ ୯୦୭ ରେଟିଂ ପଏଣ୍ଟ ସହ ବ୍ୟାଟିଂ ତାଲିକାର ଶୀର୍ଷରେ ସ୍ଥିର ରହିଛନ୍ତି। ସେହିଭଳି ବ୍ୟାଟିଂ ତାଲିକାରେ ତିଲକ ବର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି। ଉଭୟ ଗୋଟିଏ ଲେଖାଏ ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ଯଥାକ୍ରମେ ୩ୟ ଓ ୬ଷ୍ଠ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂ ତାଲିକାରେ ବରୁଣ ୭୪୭ ରେଟିଂ ସହ ଏକ ନମ୍ବର ସ୍ଥାନକୁ ଆହୁରି ଦୃଢ଼ କରିଛନ୍ତି। ଏସିଆ କପ୍‌ରେ ଉଲ୍ଲେଖନୀୟ ବୋଲିଂ କରିଥିବା ଆବରାର୍ ଅହମ୍ମଦ ଏକାଥରକେ ୧୨ଟି ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଛନ୍ତି। ବାଂଲାଦେଶର ମୁସ୍ତାଫିଜୁର ରେହମାନ ୬ଟି ସ୍ଥାନ ଓ ଭାରତର ରବି ବିଷ୍ଣୋଇ ୪ଟି ସ୍ଥାନ ହରାଇଛନ୍ତି।

**ଓଡ଼ିଶା ପ୍ରୋ ଟି-୨୦ ଲିଗ୍**

# ସେମିରେ ଟାଇଗର୍ସ; ଷ୍ଟିଲର୍ସ ବିଦା

କଟକ,୨୪।୯ (ସମିସ):



ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସେମିଫାଇନାଲ ରାଉଣ୍ଡରେ ଭୁବନେଶ୍ୱର ଟାଇଗର୍ସ ଦ୍ୱିତୀୟ ଦଳ ଭାବେ ସ୍ଥାନ ସୁରକ୍ଷିତ କରିଛି। ବୁଧବାର ଟାଇଗର୍ସ ୫ ୱିକେଟରେ ରାଉରକେଲା ଷ୍ଟିଲର୍ସକୁ ପରାସ୍ତ କରିଥିଲା। ୫ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ସଂଗ୍ରହ କରି ଟାଇଗର୍ସ ଟେବଲର ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରୁ ମାତ୍ର ୨ ପଏଣ୍ଟ ପାଇଥିବା ଷ୍ଟିଲର୍ସ ଓପିଟିଏଲରେ ଅଭିଯାନ ଶେଷ କରିଛି। ପୂର୍ବରୁ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରି ସାରିଛି। କେନ୍ଦୁଝର ମାଇନର୍ସ ଏବଂ ସମ୍ବଲପୁର ୱାରିୟର୍ସ ଭିତରେ ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍ ଖେଳାଯାଉଥିବା ବେଳେ ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହେବ। ଗୁରୁବାର ସେମିଫାଇନାଲ ଏବଂ ଶୁକ୍ରବାର ଫାଇନାଲ ମୁକାବିଲା ଖେଳାଯିବ।

ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର ଟାଇଗର୍ସ ଏବଂ ରାଉରକେଲା ଷ୍ଟିଲର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ୧୫ ଓଭର ବିଶିଷ୍ଟ ହୋଇଥିଲା। ଟାଇଗର୍ସ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଷ୍ଟିଲର୍ସ ୮ ୱିକେଟ ହରାଇ ମାତ୍ର ୯୧ ରନ କରିଥିଲା। ସ୍ୱପ ଭୂୟାଁ ୧୮ ବଲରୁ ୩୧ରନର ଦ୍ରୁତ ପାଳି ଖେଳିଥିଲେ। ଟାଇଗର୍ସ ଅଧିନାୟକ ସୂର୍ଯ୍ୟକାନ୍ତ, ଦେବବ୍ରତ ପ୍ରଧାନ ଏବଂ ବାଦଲ ବିଶ୍ୱାଳ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୧୧.୪ ଓଭରରେ ୫ ୱିକେଟ ହରାଇ ଟାଇଗର୍ସ ବିଜୟ ହାସଲ କରିଥିଲା। ଓପନର ସତ୍ୟକାମ ଭରଦ୍ୱାଜ ୩୪ ବଲରୁ ୮ ଚୌକା ଏବଂ ୩ ଛକା ବଳରେ ୬୫ରନର ମ୍ୟାଚ୍ ବିଜୟୀ ପାଳି ଖେଳି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଇରାନୀ କପ୍: ବିଦର୍ଭ ଦଳର ନେତୃତ୍ୱ ନେବେ ୱାଦକର

ନାଗପୁର, ୨୪।୯ (ଏଜେନ୍ସି): ରଣଜୀ ଚାମ୍ପିଅନ ବିଦର୍ଭ ଓ ଅବଶିଷ୍ଟ ଭାରତ ମଧ୍ୟରେ ଅକ୍ଟୋବର ୧ ତାରିଖରୁ ଇରାନୀ କପ୍ ମ୍ୟାଚ୍ ଆରମ୍ଭ ହେବ। ନାଗପୁରରେ ଖେଳାଯିବାକୁ ଥିବା ଏହି ସମ୍ମାନଜନକ ମ୍ୟାଚ୍ ଲାଗି ଅକ୍ଷୟ ୱାଦକରଙ୍କୁ ବିଦର୍ଭ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଅବଶିଷ୍ଟ ଭାରତକୁ ପରାସ୍ତ କରି ବିଦର୍ଭ ଏଥର ୩ୟଥର ଲାଗି ଇରାନୀ ଟ୍ରଫି ଜିତିବାକୁ ଲକ୍ଷ୍ୟ ରଖିଛି। ବିଦର୍ଭ ୨୦୧୭-୧୮ ଓ ୨୦୧୮-୧୯ କ୍ରମାଗତ ୨ଟି ସିଜନ ଧରି ଇରାନୀ କପ୍ ଜିତିଥିଲା। ଅପରପକ୍ଷରେ ଅବଶିଷ୍ଟ ଭାରତ ରେକର୍ଡ ୨୯ଥର ଲାଗି ଚାମ୍ପିଅନ ହୋଇଛି।

ଘୋଷିତ ବିଦର୍ଭ ଦଳ: ଅକ୍ଷୟ ୱାଦକର (ଅଧିନାୟକ/ୱିକେଟ୍‌କିପର), ଯଶ ରାଠୋଡ (ଉପ-ଅଧିନାୟକ), ଅଥର୍ବ ତାଇଡେ, ଅମନ ମୋଖାଡେ, ଦାନିଶ ମାଲେୱାର, ହର୍ଷ ଦୁବେ, ପାର୍ଥ ରେଖାଡେ, ଯଶ୍ ଠାକୁର, ନଚିକେତ ଭୁତେ, ଦର୍ଶନ ନାଲକାନ୍ଦେ, ଆଦିତ୍ୟ ଥାକରେ, ଅକ୍ଷୟ କର୍ନେୱାର, ଯଶ କଦମ, ଶିବମ ଦେଶମୁଖ, ପ୍ରଫୁଲ ହିଙ୍ଗେ ଓ ଧ୍ରୁବ ସୋରେ।

**ଜୁନିଅର ଏସୀୟ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍**

# ଭାରତୀୟ ଦଳରେ ଓଡ଼ିଶାର ୮ ଖେଳାଳି




ଭୁବନେଶ୍ୱର, ୨୪।୯ (ସମିସ): ଏସୀୟ ପେଙ୍କାକ୍ ସିଲାଟ୍ ଚାମ୍ପିଅନସିପ୍‌ର ୩ୟ ସଂସ୍କରଣ ସେପ୍ଟେମ୍ବର ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜମ୍ମୁ କାଶ୍ମୀରରେ ଆୟୋଜିତ ହେବ। ଏଥିରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଓଡ଼ିଶାର ୮ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ କାହ୍ନା ବେହେରା, ସମରେଶ କୁମାର ନନ୍ଦ, ନିତିଶା ବାରିକ, ଗାୟତ୍ରୀ ଦାସ, ଆଶିକ ପ୍ରଧାନ, ଭୁବନ ରାୟ, ସ୍ୱଙ୍ଗମ ଗୁରୁଙ୍ଗ ଓ ଏଲିନା ଗୁରୁଙ୍ଗ। ସପ୍ତାହେ ବ୍ୟାପୀ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୨ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ପେଙ୍କାକ୍ ସିଲାଟ ସଂଘ ସଭାପତି ତାପସ କୁମାର ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ଉପଦେଷ୍ଟା ସୁମନ ମୋଦି ଓ ଖୋର୍ଦ୍ଧା ସଂଘ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଛି। ଚାରିଦିବସୀୟ ଏହି ସନ୍ତରଣ ପ୍ରତିଯୋଗିତାରେ ସାରା ଦେଶର ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ବାଳିକା ସନ୍ତରଣକାରୀମାନେ ଅଂଶଗ୍ରହଣ କରିଛନ୍ତି। ସେହିଭଳି ୨୫୦ଜଣ ଅଫିସିଆଲ୍ ଓ ୫୦ରୁ ଊର୍ଦ୍ଧ୍ୱ ବୈଷୟିକ ଅଧିକାରୀ ପରିଚାଳନାରେ ସହାୟତା କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସନ୍ତରଣ ଚାମ୍ପିଅନସିପ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରିନ୍ସପାଲ୍ ସଞ୍ଜୟ ସୁଆର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS